


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଶନିବାର ୧୧ ଜୁଲାଇ ୨୦୨୦ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 11 JULY 2020
Vol.No. 30 ■ No. 172 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019

SAI SADHANA SCIENCE HIGHER SECONDARY SCHOOL, UDALA
A Fully +2 Science Residential College
Dibyasingpur, Udala,
Dist: Mayurbhanj




2nd Admission is going on
SUMMER COURSE:- 2nd Batch Admission
Starts from: Dt.19.03.2020 and Class Starts From:- 2nd April (Thursday)
ଏହି SUMMER COURSE FEE କେବଳ ମାତ୍ର ୪୦୦୦ଟଙ୍କା ରେ ଖାଇବା,ରହିବା ଓ ପଢିବା ର ସୁବ୍ୟବସ୍ଥା ରହିଛି ।
For better development of students are taught by highly and well experienced faculties.
Contact No:
9437294587, 9438232419, 9437443950, 9937557158,9438317887
S d- P.C Bindhani
Chairman

# ରାଷ୍ଟ୍ର ଉଦ୍ଦେଶ୍ୟରେ ୭୫୦ ମେଗାୱାଟ ରେୱା ସୌର ପ୍ରକଳ୍ପ ଉତ୍ସର୍ଗ କଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ/ଭୁବନେଶ୍ୱର,୧୦।୭ (ନି.ପ୍ର): ସୌର ଶକ୍ତି କେବଳ ଆଜି ନୁହେଁ ବରଂ ଏକବିଂଶ ଶତାବ୍ଦୀରେ ଉର୍ଜା ଆବଶ୍ୟକତାର ଗୋଟିଏ ବଡ ମାଧ୍ୟମ ହେବ । କାରଣ ସୌର ଉର୍ଜା ସ୍ଥିର, ସ୍ୱଚ୍ଛ ଓ ସୁରକ୍ଷିତ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର ଭିଡିଓ କନଫରେନ୍ସି ଜରିଆରେ ମଧ୍ୟପ୍ରଦେଶରେ ୭୫୦ ମେଗାୱାଟ ବିଶିଷ୍ଟ ରେୱା ଅଲଟ୍ରା-ମେଗା ସୋଲାର ପ୍ଲାଂଟ (ଆରୟୁଏମଏସଏଲ) ରାଷ୍ଟ୍ର ଉଦ୍ଦେଶ୍ୟରେ ସମର୍ପିତ କରିବା ଅବସରରେ କହିଛନ୍ତି । ପ୍ରଧାନମନ୍ତ୍ରୀ କହିଛନ୍ତି ଯେଉଁଭଳି ଭାବେ ଭାରତରେ ସୌର ଶକ୍ତି ଉପରେ କାମ ଚାଲୁଅଛି, ଆଗାମୀ ଦିନରେ ଏହା ଉପରେ ଆଲୋଚନା ବଢ଼ିବ। ଏହିପରି ବଡ ପଦକ୍ଷେପ କାରଣରୁ ଭାରତର ସ୍ୱଚ୍ଛ ଉର୍ଜା ସବୁଠୁ ବଡ ଆକର୍ଷିତ ବଜାର ବୋଲି ମନେ କରାଯାଉଛି।



ସରକାରଙ୍କ ଅନେକ କାର୍ଯ୍ୟକ୍ରମ ପରିବେଶ ସୁରକ୍ଷା ଏବଂ ଇଜ୍ ଅଫ୍ ଲିଭିଂକୁ ପ୍ରାଥମିକତା ଦେଉଅଛି। ପରିବେଶର ସୁରକ୍ଷା କେବଳ ପ୍ରକଳ୍ପ ସହିତ ସୀମିତ ହୋଇନାହିଁ ବରଂ ଜୀବନଶୈଳି ସହ ଦେଇ ଗତି କରୁଛି। ଏହି କାର୍ଯ୍ୟକ୍ରମରେ ଭିସି ମାଧ୍ୟମରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସାମିଲ ହୋଇଥିଲେ । ଏ ପ୍ରକଳ୍ପ ନେଇ ଶ୍ରୀ ପ୍ରଧାନ ଟ୍ୱିଟ୍ କରିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ରାଷ୍ଟ୍ର ଉଦ୍ଦେଶ୍ୟରେ ଉତ୍ସର୍ଗୀକୃତ ୭୫୦ ମେଗାୱାଟ ବିଶିଷ୍ଟ ଅଲଟ୍ରା-ମେଗା ପ୍ରକଳ୍ପ ଭାରତକୁ ସବୁଜ ଅର୍ଥନୀତି ଆଡ଼କୁ ଆଗେଇ ନେବାରେ ନୂଆ ଅଧ୍ୟାୟ । ରେୱା ଅଲଟ୍ରା-ମେଗା ସୋଲାର ପ୍ଲାଂଟ ଏସିଆର ସର୍ବବୃହତମ ସୌରଶକ୍ତି ପ୍ଲାଂଟ ଏବଂ ଏହା ସ୍ୱଚ୍ଛ ଉର୍ଜା କ୍ଷେତ୍ରରେ ରେୱାକୁ ବିଶ୍ୱ ଉର୍ଜା ମ୍ୟାପର ପ୍ରମୁଖ ପେଣ୍ଟସ୍ଥଳି ଭାବେ ସ୍ଥାନିତ କରିଛି ।ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଭାରତ ଅକ୍ଷୟ ଶକ୍ତି କ୍ଷେତ୍ରରେ ଏକ ଅଗ୍ରଣୀ ଦେଶ ଭାବେ ଉଭା ହୋଇଛି । ଜଳବାୟୁ ପରବର୍ତନ ଲକ୍ଷ୍ୟ ହାସଲ କରିବାରେ ଭାରତ ଆଗଧାଡ଼ିରେ ରହିଛି ଏବଂ ଭବିଷ୍ୟତ ପାଇଁ ନିରନ୍ତର ସ୍ଥିର, ସ୍ୱଚ୍ଛ ଓ ସୁରକ୍ଷିତ ଉର୍ଜା ଦିଗରେ କାମ କରୁଛି । ଏସିଆର ସର୍ବବୃହତ ସୌରଶକ୍ତି ପ୍ଲାଟ୍ ମଧ୍ୟପ୍ରଦେଶରେ ହୋଇଥିବାରୁ ରାଜ୍ୟର ଜନସାଧାରଣ ମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି ଶ୍ରୀ ପ୍ରଧାନ । ଏହି ରେୱା ଶକ୍ତି ପ୍ରକଳ୍ପ ଦେଶର ସୌର ଉର୍ଜା କ୍ଷମତାକୁ ବୃଦ୍ଧି କରିବା ସହ ଦେଶର ଉର୍ଜା ସୁରକ୍ଷା ଓ ବିକାଶକୁ ଆଗକୁ ନେବ ବୋଲି କହିଛନ୍ତି । ଏହି ଉଦଘାଟନ କାର୍ଯ୍ୟକ୍ରମରେ ଅନ୍ୟାନ୍ୟ ମଧ୍ୟପ୍ରଦେଶ ରାଜ୍ୟପାଳ ଆନନ୍ଦିବେନ ପଟେଲ, ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ଶିବରାଜ ସିଂହଚୌହ୍ୱାନ ଏବଂ ମନ୍ତ୍ରୀ ରାଜ କୁମାର ସିଂହ ଓ ନରେନ୍ଦ୍ର ସିଂହ ତୋମାର ଉପସ୍ଥିତ ଥିଲେ । ଉଲ୍ଲେଖନୀୟ ଯେ, ୧୫୦୦ ହେକ୍ଟର ପରିମିତ ଅଂଚଳରେ ଥିବା ସୌର ଉଦ୍ୟାନରେ ୫୦୦ ହେକ୍ଟର ପରିମିତରେ ଥିବା ଏହି ସୌର ପ୍ରକଳ୍ପର ୩ଟି ୟୁନିଟରୁ ୨୫୦ ମେଗାୱାଟ କରି ସୌରଶକ୍ତି ଉତ୍ପାଦିତ ହେବ । ରେୱା ଅଲଟ୍ରା ମେଗା ସୌର ଲିମିଟେଡ (ଆରୟୁଏମଏସଏଲ), ମଧ୍ୟପ୍ରଦେଶ ଉର୍ଜା ବିକାଶ ଲିମିଟେଡ ଓ ଭାରତ ସୋଲାର ଏନର୍ଜୀ ନିଗମର ମିଳିତ ଉଦ୍ୟମରେ ଏହି ପ୍ରକଳ୍ପ ନିର୍ମିତ ହୋଇଛି। ଆରୟୁଏମଏସଏଲକୁ ଏହି ଉଦ୍ୟାନ ଲାଗି ୧୩୮ କୋଟି ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ସୌର ଉଦ୍ୟାନଟି ନିର୍ମିତ ହେବା ପରେ ଏହାର ବିଭିନ୍ନ ୟୁନିଟରୁ ସୌର ଶକ୍ତି ଉତ୍ପାଦନ ଆରମ୍ଭ କରାଯାଇଥିଲା। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଉଦ୍ୟମରେ ନିର୍ମିତ ରେୱା ସୌର ପ୍ରକଳ୍ପ ଅନ୍ୟାନ୍ୟ ରାଜ୍ୟମାନଙ୍କ ନିମନ୍ତେ ଏକ ଉଦାହରଣ ପାଲଟିବ । ବିଦ୍ୟୁତ ଶୁଳ୍କ ଦୃଷ୍ଟିରୁ ସମଗ୍ର ଦେଶରେ ଏହି ପ୍ରକଳ୍ପ ଖୁବ ମିତବ୍ୟୟୀ ।

▶▶ପୃଷ୍ଠା ୭

## ରାଜ୍ୟର ଆର୍ଥିକ ସ୍ଥିତି ବିଷୟରେ ରାଜ୍ୟବାସୀଙ୍କୁ ଅବଗତ କରାନ୍ତୁ ସରକାର : ନିରଞ୍ଜନ



ଭୁବନେଶ୍ୱର,୧୦।୭ (ନି.ପ୍ର): ରାଜ୍ୟର ସାଂପ୍ରତିକ ଆର୍ଥିକ ସ୍ଥିତି ବିଷୟରେ ରାଜ୍ୟବାସୀଙ୍କୁ ଅବଗତ କରାଇବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଆହ୍ୱାନ ଦେଇଛନ୍ତି ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀ ନିରଞ୍ଜନ ପଟ୍ଟନାୟକ। ଏକ ପ୍ରେସବାର୍ତା ମାଧ୍ୟମରେ ସେ କହିଛନ୍ତି ଯେ କୋଭିଡ଼୍‌କୁ ନେଇ ରାଜ୍ୟ ସରକାର ଆର୍ଥିକ ଶୃଙ୍ଖଳା ନାମରେ ଯେଉଁ ବିଭିନ୍ନ ଆର୍ଥିକ କଟକଣା ଜାରି କରିଛନ୍ତି ସେଥିରୁ ସ୍ୱାଭାବିକ ଭାବରେ ସନ୍ଦେହ ହେଉଛି ଯେ ରାଜ୍ୟର ବର୍ତମାନ ଆର୍ଥିକ ସ୍ଥିତି ଭଲ ନାହିଁ। ତେବେ ଦୀର୍ଘ ୨୦ବର୍ଷ ଧରି କ୍ଷମତାରେ ଥିବା ମୁଖ୍ୟମନ୍ତ୍ରୀ ଯିଏକି ରାଜ୍ୟର ଅର୍ଥନୀତିକୁ ସଶକ୍ତ ଓ ସଦୃଢ଼ କରିଥିବା ନେଇ ସବୁବେଳେ ଦାବୀ କରୁଥିଲେ, ମାତ୍ର ୩ମାସର କୋଭିଡ୍ କଟକଣାରେ ଆର୍ଥିକ ସ୍ଥିତି ଦୋହଲିଯିବା ପରୋକ୍ଷରେ ସୂଚାଇ ଦେଉଛି ଯେ ଦୀର୍ଘ ମିଆଦି ଯୋଜନାର ସଂକଟ ଏବଂ କର୍ମନିଯୁକ୍ତି ସୃଷ୍ଟି କରିବାର ବିଫଳତା ଏଥିପାଇଁ ଦାୟି। କେବଳ ସରକାରୀ ନିଯୁକ୍ତି ପ୍ରକ୍ରିୟା ବନ୍ଦ କରିଦେଲେ ଆର୍ଥିକ ଶୃଙ୍ଖଳା ଆସିବ ଏକଥା ଭାବିବା ଭୁଲ୍। ପ୍ରଥମେ ରାଜ୍ୟ ଆପାତକାଳିନ ପାଣ୍ଠିରୁ ଟଙ୍କା ନେଇ 'କାଳିଆ' ଯୋଜନା ଆରମ୍ଭ କରାଗଲା ଏବଂ ନିର୍ବାଚନକୁ ଆଖିଆଗରେ ରଖି ହୋଇଥିବା ଯୋଜନା ଯୋଗୁଁ ପାଣ୍ଠି ଅଭାବରୁ ବର୍ତମାନ କେନ୍ଦ୍ରିୟ କିଶାନ ସମ୍ମାନନିଧି ଯୋଜନାରେ ମିଶାଇ ଦିଆଗଲା। ପିଠା ଓ ଏଲଇଡି ବଲ ବାଂଟିବା ଭଳି ଶସ୍ତା ଲୋକପ୍ରିୟତା

▶▶ପୃଷ୍ଠା ୭

## ରାଜ୍ୟରେ ଆଉ ୪ ଜଣଙ୍କର କରୋନାରେ ମୃତ୍ୟୁ : ମୃତ୍ୟୁ ସଂଖ୍ୟା ୫୬ ହେଲା

ଭୁବନେଶ୍ୱର,୧୦।୭ (ନି.ପ୍ର): ଗତ ୨୪ ଘଂଟା ମଧ୍ୟରେ ରାଜ୍ୟରେ ପୁଣି ଚାରି ଜଣ କରୋନା ସଂକ୍ରମିତଙ୍କର ମୃତ୍ୟୁ ଘଟିଛି । ଏହା ଫଳରେ ରାଜ୍ୟରେ କରୋନା ମୃତ୍ୟୁ ସଂଖ୍ୟା ୫୬କୁ ବୃଦ୍ଧି ପାଇଛି ବୋଲି ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ବିଭାଗ ଦ୍ୱାରା ଦିଆ ଯାଇଥିବା ସୂଚନା ଅନୁସାରେ ମୃତ୍ୟୁବରଣ କରିଥିବା ଚାରି ଜଣ ଗଂଜାମ ଜିଲ୍ଲାର ହୋଇଥିବା ବେଳେ ସମସ୍ତେ ପୁରୁଷ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ସେମାନଙ୍କ ବୟସ ଯଥାକ୍ରମେ ୩୨, ୪୧, ୪୮ ଓ ୫୮। ୪୧ ବର୍ଷିୟ ବ୍ୟକ୍ତି ଉଚ୍ଚ ରକ୍ତଚାପରେ ପୀଡ଼ିତ ଥିଲେ। ୪୮ ବର୍ଷୀୟ ବ୍ୟକ୍ତି ଓ ୩୨ ବର୍ଷୀୟ ଯୁବକ ପୂର୍ବରୁ ମଧୁମେହରେ ପୀଡ଼ିତ ଥିଲେ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ବର୍ତମାନ ଯାଏ ଗଞ୍ଜାମ ଜିଲ୍ଲାରେ ମୃତ୍ୟୁ ସଂଖ୍ୟା ୩୪ରେ ପହଂଚିଲାଣି । କଟକରେ ଏହି ସଂଖ୍ୟା ୫ ହୋଇଛି। ସେହିଭଳି ଖୋର୍ଦ୍ଧା ଜିଲ୍ଲାରେ ୮ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ପୁରୀ, ବରଗଡ଼, ସୁନ୍ଦରଗଡ଼, ଅନୁଗୁଳ, ଯାଜପୁର, ଗଜପତି, ରାୟଗଡ଼ା, ଭଦ୍ରକ ଓ କେନ୍ଦ୍ରାପଡ଼ା ଜିଲ୍ଲାରୁ ଜଣେ ଲେଖାଏଁ କରୋନା ପଜିଟିଭ୍ ଚିହ୍ନଟଙ୍କର ମୃତ୍ୟୁ ହୋଇଛି। ସେହିପରି କରୋନା ଆକ୍ରାନ୍ତ ହୋଇଥିବା ରୋଗୀ ମାନଙ୍କ ମଧ୍ୟରେ କରୋନା ବ୍ୟତୀତ ଅନ୍ୟ ରୋଗରେ ପୀଡ଼ିତ ମୃତ୍ୟୁବରଣ କରିଥିବା ଲୋକଙ୍କ ସଂଖ୍ୟା ୧୭ରେ ପହଂଚିଛି।

## ଡା.ହରେକୃଷ୍ଣ ମହତାବଙ୍କ ବିଚାରଧାରା ଆଜି ମଧ୍ୟ ପ୍ରାସଙ୍ଗିକ: ଧର୍ମେନ୍ଦ୍ର

ନୂଆଦିଲ୍ଲୀ/ଭୁବନେଶ୍ୱର,୧୦।୭ (ନି.ପ୍ର): ଗଡ଼ଜାତ ମିଶ୍ରଣରେ ଡା. ମହତାବଙ୍କ କୁଶଳ ନୀତି ଯୋଗୁଁ ବାଲେଶ୍ୱର ଜିଲ୍ଲାର ନୀଳଗିରି ଓଡ଼ିଶାରେ ମିଶି ପାରିଥିଲା । ଡା. ମହତାବଙ୍କ ଦୂରଦୃଷ୍ଟି ସମ୍ପନ୍ନ ନୀତି ଯୋଗୁଁ ଏକ ଜାତୀୟ ଆବଶ୍ୟକତାର ପ୍ରଥମ କାମ ଓଡ଼ିଶାରେ କରାଯାଇଥିଲା। ତାଙ୍କର ବିଚାରଧାରା ଓ ପରମ୍ପରା ଆଜି ମଧ ବହୁତ ପ୍ରାସଙ୍ଗିକ ହୋଇଛି ବୋଲି କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଇନଷ୍ଟିଚ୍ୟୁଟ୍ ଅଫ୍ ମିଡିଆ ଷ୍ଟଡିଜ୍ ପକ୍ଷରୁ ଡା. ହରେକୃଷ୍ଣ ମହତାବଙ୍କ ୧୨୦ତମ ଜନ୍ମ ବାର୍ଷିକୀ ଅବସରରେ ଆୟୋଜିତ ଜାତୀୟ ୱେବିନାରରେ ଭିସି ମାଧ୍ୟମରେ ଯୋଗଦେଇ ଶ୍ରୀ ପ୍ରଧାନ ଏହା କହିଛନ୍ତି । ସାଂପ୍ରତିକ ସମୟରେ



'ସ୍ୱାଧୀନତୋର ଓଡ଼ିଶା ରାଜନୀତି ଓ ଡା. ମହତାବ' ଶୀର୍ଷକ ୱେବିନାର୍ ଆୟୋଜନ କରିଥିବାରୁ ଆୟୋଜକ ମଣ୍ଡଳିଙ୍କୁ ଧନ୍ୟବାଦ ଦେଇଥିଲେ ଶ୍ରୀ ପ୍ରଧାନ । ସମାଜ ଯଦି ଅତୀତ କଥା ମନେ ପକାଇବ ନାହିଁ ତେବେ ଭବିଷ୍ୟତର ରାସ୍ତା ତିଆରି କରିପାରିବ ନାହିଁ । ଡା. ମହତାବଙ୍କ ଭଳି ବ୍ୟକ୍ତିତ୍ୱଙ୍କୁ ବୁଝିନଥିଲେ ଓଡ଼ିଶାରେ ସାମାଜିକ ଓ ରାଜନୈତିକ କାର୍ଯ୍ୟକର୍ତା ପୂରଣ ହେବ ନାହିଁ।

▶▶ପୃଷ୍ଠା ୭

## ଓଡିଶାରେ ହୋଇନି ଗୋଷ୍ଠୀ ସଂକ୍ରମଣ

ଭୁବନେଶ୍ୱର,୧୦।୭ (ନି.ପ୍ର): ଓଡ଼ିଶାରେ କରୋନା ମୁକାବିଲା ପାଇଁ ରାଜ୍ୟକୁ ଆଉ ୧ ଲକ୍ଷ ଆଂଟିଜେନ କିଟ୍ ଅଣାଯିବ। ରାଜ୍ୟରେ ପ୍ରତିଦିନ ୨ ହଜାର ଆଂଟିଜେନ୍ ଓ ୬ ହଜାର ଆରଟିପିସିଆରକୁ ମିଶାଇ ଦୈନିକ ୮ରୁ ୯ ହଜାର ପରୀକ୍ଷା କରାଯିବ ବୋଲି ଆଇଏଲ୍‌ଏସ୍ ନିର୍ଦ୍ଦେଶକ ଅଜୟ କୁମାର ପରିଡ଼ା କହିଛନ୍ତି। ସେପଟେ ରୋଗୀଙ୍କ ଚିକିତ୍ସା ଲାଗି କଟକ ଏସସିବିକୁ ପ୍ଲାଜମା ଥେରାପିର ହବ୍ କରାଯିବାକୁ ନିଷ୍ପତି ହୋଇଥିବା ଥିବା ନେଇ ଲୋକସେବା ଭବନରେ ଅନୁଷ୍ଠିତ ବୈଠକ ପରେ ସୂଚନା ଦେଇଛନ୍ତି। ଆସନ୍ତା ସପ୍ତାହରୁ ଟେଷ୍ଟ ବୃଦ୍ଧି କରାଯିବ। ଦିନକୁ ୧୦,୦୦୦ ଟେଷ୍ଟ କରାଯିବାର ଲକ୍ଷ ରହିଛି। ବର୍ତମାନ ୩୦ ହଜାର ପରୀକ୍ଷଣ କିଟ ମହଜୁଦ ଅଛି। ଆଉ ଲକ୍ଷେ କିଟ ଅର୍ଡର କରାଯାଇଛି ।ଏହି କିଟ ପହଂଚିବା ପରେ ପ୍ରତି ଜିଲ୍ଲାକୁ ଟେଷ୍ଟ ପାଇଁ ପଠାଯିବ। ଅଧିକ ପଜିଟିଭ ବାହାରୁଥିବା ଜିଲ୍ଲାରେ ଅଧିକ ପରୀକ୍ଷା କରାଯିବ ବୋଲି ଆଇଏଲଏସ ନିର୍ଦ୍ଦେଶକ କହିଛନ୍ତି। ଏହା ସହ ଓଡ଼ିଶାରେ ଏଯାଏ ଗୋଷ୍ଠୀ ସଂକ୍ରମଣ ହୋଇନି ବୋଲି ସେ କହିଛନ୍ତି ।

## ବିଧାନସଭା ସଟ ଡାଉନ୍

ଭୁବନେଶ୍ୱର,୧୦।୭ (ନି.ପ୍ର): ଓଡ଼ିଶା ବିଧାନସଭାକୁ ଶୁକ୍ରବାର ଦିନ ଗୋଟିଏ ଦିନ ପାଇଁ ସଟଡାଉନ୍ ଘୋଷଣା କରାଯାଇଛି। ବିଧାନସଭା ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର ଏହି ସୂଚନା ଦେଇଛନ୍ତି। ଶ୍ରୀ ପାତ୍ର କହିଛନ୍ତି ଯେ ଯେ ବିଧାନସଭାର ଜଣେ କର୍ମଚାରୀଙ୍କ ସଂପର୍କୀୟ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏ ସମ୍ପର୍କରେ ଜଣା ପଡିବା ପରେ ଏଭଳି ପଦକ୍ଷେପ ନିଆଯାଇଛି। ଭୁବନେଶ୍ୱର ଶନିବାର ଓ ରବିବାର ଦୁଇ ଦିନ ସପ୍ତାହାନ୍ତ ସଟଡାଉନ୍ ରହୁଥିବାରୁ ସୋମବାର ଦିନ ବିଧାନସଭାକୁ ଖୋଲାଯିବ କି ନା ସେଥିନେଇ ନିଷ୍ପତି ନିଆଯିବ ବୋଲି ଶ୍ରୀ ପାତ୍ର କହିଛନ୍ତି। ସେ କହିଛନ୍ତି ଯେ ଆଜି ବିଧାନସଭା ଗେଟକୁ ସମ୍ପୂର୍ଣ୍ଣ ଭାବେ ବନ୍ଦ ରଖାଯାଇଛି । ଏହି ସମୟରେ ବିଧାନସଭାକୁ ସାନିଟାଇଜ୍ କରାଯିବ।

## ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରଣାଳୟ ପକ୍ଷରୁ ଅସୀମ ଡିଜିଟାଲ ପ୍ଲାଟଫର୍ମର ଶୁଭାରମ୍ଭ

ନୂଆଦିଲ୍ଲୀ,୧୦।୭ (ନି.ପ୍ର): ସୂଚନା ପ୍ରବାହରେ ସୁଧାର ଆଣିବା ତଥା ବଜାରରେ କୁଶଳୀ ଶ୍ରମଶକ୍ତି ଚାହିଦା ଏବଂ ଯୋଗାଣ ମଧ୍ୟରେ ରହିଥିବା ଶୂନ୍ୟସ୍ଥାନକୁ ଦୂର କରିବା ଉଦ୍ଦେଶ୍ୟରେ କେନ୍ଦ୍ର ଦକ୍ଷତା ବିକାଶ ଏବଂ ଉଦ୍ୟମିତା (ଏମଏସଡିଇ) ପକ୍ଷରୁ ଆଜି 'ଆତ୍ମନିର୍ଭର ସ୍କିଲ୍ଡ ଏମ୍ପ୍ଲୋଇ ଏମ୍ପ୍ଲୟର ମ୍ୟାପିଂ (ଅସୀମ)' ପୋର୍ଟାଲର ଶୁଭାରମ୍ଭ କରାଯାଇଛି। ଏହି ପୋର୍ଟାଲ ସ୍ଥାୟୀ ଜୀବିକା ସୁଯୋଗ ପ୍ରଦାନ କରିବାରେ ଦକ୍ଷ ଲୋକମାନଙ୍କୁ ସହାୟତା ଯୋଗାଇ ଦେବ। ଦକ୍ଷ ଶ୍ରମଶକ୍ତିଙ୍କ ନିଯୋଜନ ମାଧ୍ୟମରେ ଏହି ପୋର୍ଟାଲ ବ୍ୟବସାୟିକ ପ୍ରତିଦ୍ୱନ୍ଦ୍ୱିତା ଓ ଅର୍ଥନୈତିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବ। ଏହାର ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଆଧାରି ପ୍ଲାଟଫର୍ମ ନିଯୁକ୍ତି ଆଶାୟୀମାନଙ୍କୁ କ୍ୟାରିଅରକୁ ଆଗେଇ ନେବା ଦିଗରେ ମାର୍ଗଦର୍ଶନ କରିବା ସହିତ ସେମାନଙ୍କୁ ଶିକ୍ଷ ଉପଯୋଗୀ ଦକ୍ଷତା ହାସଲ କରିବା ଏବଂ କୋଭିଡ ପରବର୍ତୀ କାଳରେ ନୂଆ ନୂଆ ନିଯୁକ୍ତି ସୁଯୋଗ ସନ୍ଧାନ କରିବାରେ ସହାୟତା କରିବ। ମହାମାରୀ

▶▶ପୃଷ୍ଠା ୭

## ୨୪ ଜିଲ୍ଲାରୁ ୫୬୫ଜଣ କରୋନା ଆକ୍ରାନ୍ତ ସୁସ୍ଥ

ଭୁବନେଶ୍ୱର,୧୦।୭ (ନି.ପ୍ର): ଶୁକ୍ରବାର ଗୋଟିଏ ଦିନରେ କରୋନାକୁ ନେଇ ସୃଷ୍ଟି ହୋଇଛି ୨ ଟି ରେକର୍ଡ। ଆଜି ସର୍ବାଧିକ ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ସର୍ବାଧିକ ସୁସ୍ଥ ମଧ୍ୟ ହୋଇଛନ୍ତି। ଶୁକ୍ରବାର ୭୫୫ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ୨୪ଟି ଜିଲ୍ଲାରୁ ସର୍ବାଧିକ ୫୬୫ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ନୂତନ ସୁସ୍ଥ ବ୍ୟକ୍ତିଙ୍କୁ ମିଶାଇ ରାଜ୍ୟରେ ମୋଟ ୭୯୭୨ଜଣ ଆକ୍ରାନ୍ତ ସୁସ୍ଥ ହୋଇ ଘରକୁ ଫେରଛନ୍ତି। ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଏ ନେଇ ଟୁଇଟ୍ କରି ସୂଚନା ଦେଇଛି। ସୁସ୍ଥ ହୋଇଥିବା ୫୬୫ଜଣଙ୍କ ମଧ୍ୟରେ ଗଞ୍ଜାମରୁ ୧୮୫ଜଣ, ରାୟଗଡ଼ାରୁ ୮୫ଜଣ, ବଲାଙ୍ଗୀରରୁ ୪୫ଜଣ, କଟକରୁ ୩୨ଜଣ, ମାଲକାନଗିରିରୁ ୩୦ଜଣ, ବରଗଡ଼ରୁ ୨୪ଜଣ, ସୁନ୍ଦରଗଡ଼ରୁ ୨୪ଜଣ, ଅନୁଗୁଳରୁ ୨୩ଜଣ, ବାଲେଶ୍ୱରରୁ ୧୭ଜଣ, ଜଗତସିଂହପୁରରୁ ୧୭ଜଣ, ଖୋର୍ଦ୍ଧାରୁ ୧୫ଜଣ, ଯାଜପୁରରୁ ୧୩ଜଣ, କେନ୍ଦ୍ରାପଡ଼ାରୁ ୧୦ଜଣ, ଗଜପତି, ଝାରସୁଗୁଡ଼ା ଏବଂ ନବରଙ୍ଗପୁରରୁ ୮ଜଣ ଲେଖାଏଁ ସୁସ୍ଥ ହୋଇଥିବା ବେଳେ ମୟୂରଭଞ୍ଜରୁ ୭ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ସେହିଭଳି ଭଦ୍ରକୁ ୪ଜଣ, ପୁରୀରୁ ୩ଜଣ, ଢ଼େଙ୍କାନାଳ ଏବଂ କେନ୍ଦୁଝରରୁ ୨ଜଣ ଲେଖାଏଁ ସୁସ୍ଥ ହୋଇଥିବା ବେଳେ ବୌଦ୍ଧ, କନ୍ଧମାଳ ଏବଂ ସମ୍ବଲପୁରରୁ ଜଣେ ଲେଖାଏଁ ସୁସ୍ଥ ହୋଇଛନ୍ତି ।

## ଗତ ୨୪ ଘଂଟାରେ ଦେଶରେ ୨୬୫୦୬ ଟି କରୋନାର ନୂଆ ମାମଲା : ୪୭୫ ଜଣଙ୍କର ମୃତ୍ୟୁ



ନୂଆଦିଲ୍ଲୀ,୧୦।୭ (ନି.ପ୍ର): ଦେଶରେ ଗତ ୨୪ଘଂଟା ମଧ୍ୟରେ ୨୬୫୦୬ ଟି ନୂଆ କରୋନା ମାମଲା ସାମନାକୁ ଆସିଛି । ଏହା ସହିତ କରୋନା ମାମଲା ସଂଖ୍ୟା ୭୯୩୮୦୨ କୁ ବୃଦ୍ଧି ପାଇଛି । ଗତ ୨୪ ଘଂଟା ମଧ୍ୟରେ ୪୭୫ ଜଣଙ୍କର ମୃତ୍ୟୁ ଘଟିଛି । ଆଜି ସକାଳେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଦ୍ୱାରା ପ୍ରକାଶିତ ତଥ୍ୟ ଅନୁଯାୟୀ, ଦେଶରେ ବର୍ତମାନ୨୭୬୬୮୫ ସକ୍ରିୟ ରୋଗୀ ଅଛନ୍ତି । ଏଥି ସହିତ ବର୍ତମାନ ସୁଦ୍ଧା ୨୧୬୦୪ ମୃତ୍ୟୁବରଣ କରିଛନ୍ତି। ଦେଶରେ ମୋଟ ୪୯୫୫୧୨ ରୋଗୀ ସୁସ୍ଥ ହୋଇ ସାରିଥିବା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶ କରାଯାଇଛି ।

## ଆଉ ୭୫୫ କରୋନା ଆକ୍ରାନ୍ତ ଚିହ୍ନଟ: ମୋଟ ମାମଲା ୧୧୯୫୬କୁ ବୃଦ୍ଧି

ଭୁବନେଶ୍ୱର,୧୦।୭ (ନି.ପ୍ର): ରାଜ୍ୟରେ ଆଜି ଆଉ ୭୫୫ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ରାଜ୍ୟରେ କରୋନା ରୋଗୀଙ୍କ ସଂଖ୍ୟା ୧୧୯୫୬ କୁ ବୃଦ୍ଧି ପାଇଛି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ଆଜି ଚିହ୍ନଟ ହୋଇଥିବା ୭୫୫ ଜଣଙ୍କ ମଧ୍ୟରୁ ୫୦୮ ଜଣ ସଂଗରୋଧ କେନ୍ଦ୍ରରୁ ହୋଇଥିବା ବେଳେ ୨୪୭ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି। ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୨୩ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଗଂଜାମ ଜିଲ୍ଲାରେ ଜିଲ୍ଲାରେ ସବୁଠାରୁ ଅଧିକ ୩୨୦ ଟି ନୂଆ ମାମଲା ସାମନାକୁ ଆସିଛି । ଅନୁଗୁଳ ଜିଲ୍ଲାରେ ୩ , ବାଲେଶ୍ୱର ଜିଲ୍ଲାରେ ୯ ଜଣ,




ବରଗଡ ଜିଲ୍ଲାରେ ଜଣେ, ଭଦ୍ରକ ଜିଲ୍ଲାରେ ୨ ଜଣ , ବଲାଙ୍ଗୀର ଜିଲ୍ଲାରେ ୧୨ ଜଣ, କଟକ ଜିଲ୍ଲାରେ ୫୫ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେହିପରି ଦେବଗଡ ଜିଲ୍ଲାରେ ୪ ଜଣ, ଢେଙ୍କାନାଳ ଜିଲ୍ଲାରେ ୪ , ଗଜପତି ଜିଲ୍ଲାରେ ୩୦ ,

▶▶ପୃଷ୍ଠା ୭

# କୋଭିଡ଼ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ଏମଏସଏମଇର ଉଲ୍ଲେଖନୀୟ ସଫଳତା

ଭୁବନେଶ୍ୱର, ୧୦/୭ (ନି.ପ୍ର): ମହାମାରୀ କୋଭିଡ଼-୧୯ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ରାଜ୍ୟ ସରକାରଙ୍କର ଅଣୁ, କ୍ଷୁଦ୍ର, ମଧ୍ୟମ ଉଦ୍ୟୋଗ ବିଭାଗ କେତେକ ଉଲ୍ଲେଖନୀୟ ସଫଳତା ହାସଲ କରିଛି । ସଂପ୍ରତି ରାଜ୍ୟ ଓ ଦେଶରେ ଅର୍ଥନୀତିର ଏହି ଘଡ଼ିସନ୍ଧି ସମୟରେ ଔଦ୍ୟୋଗିକ ଅର୍ଥନୀତିକୁ ସୁଚାରୁ ଭାବେ ସଂଚାଳନ କରିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଏମଏସଏମଇ ବିଭାଗ ଏ କ୍ଷେତ୍ରରେ କେତେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସମ୍ପାଦନ କରିଛି । ବିଭାଗୀୟ ମନ୍ତ୍ରୀ କ୍ୟାପଟେନ ଦିବ୍ୟ ଶଙ୍କର ମିଶ୍ରଙ୍କ ତତ୍ୱାବଧନାରେ ବିଭାଗର କାର୍ଯ୍ୟଧାରାକୁ ତ୍ୱରାନ୍ୱିତ କରାଯାଇ ଏହାକୁ ଚଳଚଂଚନ କରାଯାଇପାରିଛି । ନିକଟରେ ନୂତନ ଭାବେ ଯୋଗ ଦେଇଥିବା ପ୍ରମୁଖ ଶାସନ ସଚିବ ସତ୍ୟବ୍ରତ ସାହୁ କାର୍ଯ୍ୟକ୍ରମର ଅଗ୍ରଗତି ସମ୍ପର୍କରେ ପ୍ରତିଦିନ ସମୀକ୍ଷା କରୁଛନ୍ତି । ଫଳରେ ଜୁଲାଇ ପହିଲାରେ ରହିଥିବା ୮ ପ୍ରତିଶତ ଋଣ ପ୍ରଦାନକୁ ୩୫ ପ୍ରତିଶତକୁ ବୃଦ୍ଧି କରାଯାଇ ୧୦୦୦ କୋଟି ଟଙ୍କା ଋଣ ପ୍ରଦାନ କରାଯାଇଛି । ଏହି କ୍ରମରେ ଗତକାଲି ଡେରାସ ସ୍ଥିତ ମେଗା ଫୁଡ଼୍ ପାର୍କ ନିମନ୍ତେ ୧୫ କୋଟି ଟଙ୍କା, ଇଡ଼କୋକୁ ଏମଏସଏମଇ ପାର୍କର ବିକାଶ ନିମନ୍ତେ ୨୦ କୋଟି ଟଙ୍କା ମଂଜୁର କରାଯାଇଛି । ଢ଼େଙ୍କାନାଳଠାରେ ୩୮ କୋଟି ଟଙ୍କା ବ୍ୟୟରେ ଇଡ଼୍କୋ ଟାୱାର ପ୍ରତିଷ୍ଠା କରାଯାଇଛି । ଏଥିରେ ସ୍ଥାନୀୟ ଉଦ୍ୟୋଗ ଗୁଡ଼ିକୁ ଅଗ୍ରାଧିକାର ସୂତ୍ରରେ ପ୍ରୋତ୍ସାହିତ କରାଯିବା ବ୍ୟବସ୍ଥାକ ହାତକୁ ନିଆଯାଇଛି । ସେହିପରି ଅନ୍ୟ ପ୍ରାଥମିକତା ଥିବା ଉଦ୍ୟୋଗ ଗୁଡ଼ିକୁ ମଧ୍ୟ ଏଥିରେ ସାମିଲ କରାଯିବ । ପାରମ୍ପରିକ ହସ୍ତଶିଳ୍ପ କ୍ଷେତ୍ରରେ ବାଉଁଶ ଓ ନଡ଼ିଆକତା ଉତ୍ପାଦର ମୂଲ୍ୟଯୁକତ କରିବାକୁ ତାଲିମର ସୁବିଧା ସୃଷ୍ଟି କରାଯାଇଛି । ଏଥିସହ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସହଯୋଗିତାରେ ବିପଣନର ବ୍ୟବସ୍ଥା ପାଇଁ ପଦକ୍ଷେପ ନିଆଯାଇଛି । ଭାରତ ସରକାର ଅଣୁ ଖାଦ୍ୟ ପ୍ରକ୍ରିୟାକରଣ ଉଦ୍ୟୋଗ ଗୁଡ଼ିକୁ ଚାଲୁ ରଖିବା ପାଇଁ ଆର୍ଥିକ ସହାୟତା ୬୦:୪୦ ଅନୁପାତରେ କୋଭିଡ଼-୧୯ ସମୟରେ ମୂଳଧନକୁ ଭରଣା ପାଇଁ ଆର୍ଥିକ ସହାୟତା ଯୋଗାଇ ଦେଇଛନ୍ତି । ସେହିପରି ଷ୍ଟାର୍ଟ-ଅପ୍‌ରେ ସର୍ବମୋଟ ୬୫୧ ୟୁନିଟ୍ ପଂଜୀକୃତ ହୋଇଥିବା ବେଳେ ସେଥିରେ ୧୪୦ ଗୋଟି ମହିଳା ଉଦ୍ୟୋଗ ରହିଛି । ଏମାନଙ୍କୁ ଓଡ଼ିଶା ସରକାର ସହାୟତା ପ୍ରଦାନ କରୁଛନ୍ତି । ଏମାନେ ଆଇଟି, ସବୁଜ ବୈଷୟିକ, କୃଷି ବୈଷୟିକ ଇତ୍ୟାଦି କ୍ଷେତ୍ରରେ କାର୍ଯ୍ୟ କରୁଛନ୍ତି । ଇତି ମଧ୍ୟରେ ବିଶାଖାପାଟଣା ଓ କଲିକତା ପରିବର୍ତ୍ତେ ଓଡ଼ିଶାର ପାରାଦ୍ୱୀପ ବନ୍ଦରରୁ ବାହାରକୁ ସାମୁଦ୍ରିକ ମତ୍ସ୍ୟ ରପ୍ତାନୀ କରାଯିବା ଉପରେ କେନ୍ଦ୍ର ସରକାର, ରାଜ୍ୟ ସରକାର ଓ ପାରାଦ୍ୱୀପ ବନ୍ଦର କର୍ତ୍ତୃପକ୍ଷଙ୍କ ମିଳିତ ଟିମ୍ ଅନୁଧ୍ୟାନ କରିବାକୁ କାର୍ଯ୍ୟକ୍ରମ ସ୍ଥିର କରାଯାଇଛି । ଫଳରେ ସ୍ଥାନୀୟ ମତ୍ସ୍ୟ ରପ୍ତାନୀକାରୀମାନେ ଲାଭାନ୍ୱିତ ହେବେ । ବର୍ତ୍ତମାନ ରାଜ୍ୟ ବାର୍ଷିକ ୩୦୮୬ କୋଟି ଟଙ୍କାର ମତ୍ସ୍ୟ ରପ୍ତାନୀ କାରବାର କରୁଛି । କୋଭିଡ଼ ପାଇଁ ବ୍ୟାଙ୍କ ଗୁଡ଼ିକ ଏମଏସଏମଇ ଗୁଡ଼ିକୁ ଋଣ ପ୍ରଦାନ କରିବାରେ କେତେକ ସମସ୍ୟା ଉପୁଜୁଛି । କେତେକ ସ୍ଥଳରେ ଜିଲ୍ଲାପାଳ ମାନଙ୍କ ବିନା ଅନୁମତିରେ ଏହି ଋଣ ଗ୍ରହୀତାମାନଙ୍କ ନିକଟକୁ ବ୍ୟାଙ୍କ ଯାଇ ପାରୁନାହିଁ । ତଥାପି ସଚିବ ବ୍ୟକ୍ତିଗତ ଭାବେ ଏ ସମ୍ପର୍କରେ ଜିଲ୍ଲାପାଳମାନଙ୍କ ସହ ବାର୍ତ୍ତାଳାପ ପରେ ଏ ଦିଗରେ ଉନ୍ନତି ପରିଲକ୍ଷିତ ହୋଇଛି । ଧାର୍ଯ୍ୟ କରାଯାଇଥିବା ୨୮୦୦ କୋଟି ଟଙ୍କାର ଋଣ ପ୍ରଦାନକୁ ୩୧ ଜୁଲାଇରେ ସାରିବାକୁ ସମସ୍ତ ବ୍ୟାଙ୍କ ଗୁଡ଼ିକୁ କୁହାଯାଇଛି । ଓଡ଼ିଶା କ୍ଷୁଦ୍ର ଶିଳ୍ପ ନିଗମ ତାର ବାର୍ଷିକ କାରବାରକୁ ୫୫୦ କୋଟିରୁ ୭୫୦ କୋଟି ଟଙ୍କା କରିବାକୁ ମନ୍ତ୍ରୀ କ୍ୟାପଟେନ ମିଶ୍ର ପରାମର୍ଶ ଦେଇଛନ୍ତି । ଲୁହାଛଡ଼ ଓ ଆଲକାତରା ଭଳି ଦ୍ରବ୍ୟ ବ୍ୟବସାୟ ଲାଭକାରୀ ହୋଇଥିବାରୁ ଏହାଉପରେ ଗୁରୁତ୍ୱ ଦିଆଯାଇଛି । ଜାତୀୟ ରାଜପଥ କର୍ତ୍ତୃପକ୍ଷ ଯେପରି ଏଥିରେ ସାମିଲ ହୋଇପାରିବ ସେଥିପାଇଁ ଯୋଗାଯୋଗ କରାଯାଇଛି । ରାଜ୍ୟ ଖଦୀବୋର୍ଡ଼ର କାର୍ଯ୍ୟକ୍ରମକୁ ମଧ୍ୟ ସମୀକ୍ଷା କରାଯାଇଛି ଏଥିସହିତ ତାଳଗୁଡ଼ ସମବାୟ ସମିତିକୁ ତୁରନ୍ତ ୨ କୋଟି ଟଙ୍କା ଅନୁଦାନ ମଂଜୁର ସହିତ ଏହାର ବାର୍ଷିକ କାରବାରକୁ ବୃଦ୍ଧି କରି ୧୦ କୋଟି ଟଙ୍କା କରିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ମନ୍ତ୍ରୀ ପରିସ୍ଥିତି ପ୍ରତିକୂଳ ଥିବା ସତ୍ତ୍ୱେ ବିଭାଗ ନିରନ୍ତର ଭାବେ ଏମଏସଏମଇ କ୍ଷେତ୍ରକୁ ସୁଦୃଢ଼ କରିବା ଦିଗରେ ଯତ୍ନବାନ ରହିଥିବା ଦର୍ଶାଇ ଏଥିପାଇଁ ଧୈର୍ଯ୍ୟର ସହ ସହଯୋଗ କରିବାକୁ ସେ ଜିଲ୍ଲା ପ୍ରଶାସନ, ଏମଏସଏମଇ ୟୁନିଟ୍‌କୁ ନିବେଦନ କରିଛନ୍ତି ।

# ସରକାରୀ ନିୟମକୁ ଫୁ କରି ସରପଂଚଙ୍କ ସ୍ୱାମୀ ବଂଟନ କରୁଛନ୍ତି ସାମାଜିକ ଭତା ଟଙ୍କା



ବାରିପଦା, ୧୦/୭ (ନି.ପ୍ର): ସରକାରୀ ନିତି ନିୟମକୁ ଜଳାଳି ଦେଇ ସରପଂଚଙ୍କ ସ୍ୱାମୀ ପଂଚାୟତରେ ସାମାଜିକ ଭତା ଟଙ୍କା ବଂଟନ କରୁଥିବାର ଭିଡିଓ ଭାଇରାଲ ହେବାରେ ଲାଗିଥିବା ବେଳେ ଏଭଳି କିପରି ସମ୍ଭବ ହେଉଛି ତାହା ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି । ଏଭଳି ଘଟଣା ଦେଖିବାକୁ ମିଳିଛି ମୟୂରଭ ଜିଲ୍ଲା ଅଂର୍ଗତ କରିଆ ବ୍ଲକ୍‌ର ବଡ ଗାଁ ପଂଚାୟତରେ । ଆଉ ଏଥିନେଇ ପଂଚାୟତ ବାସୀମାନେ ଅଭିଯୋଗ କଲେ ମଧ୍ୟ ପ୍ରଶାସନ ନିରବ ଦ୍ରଷ୍ଟା ସାଜିଥିବାର କୁହାଯାଉଛି । ସରପଂଚଙ୍କ ସ୍ୱାମୀ ସାମାଜିକ ଭତା ବଂଟନ କଲାବେଳେ ପଂଚାୟତ ଅଧିକାରୀ କିମ୍ବା କୌଣସି ସରକାରୀ ଅଧିକାରୀ ଉପସ୍ଥିତ ନରହିବାର ଅଭିଯୋଗ ହେଉଥିବାବେଳେ ଭତା ବଂଟନରେ ସ୍ୱଚ୍ଛତାନେଇ ସାଧାରଣରେ ନା ନା ପ୍ରଶ୍ନବାଚୀ ସୃଷ୍ଟିହେଉଛି । ଏହି ପଂଚାୟତରେ ବିଭିନ୍ନ ସମୟରେ ଆବାସ ଯୋଜନା କେଳେଙ୍କାରୀ, ସାଧାରଣ ବଂଟନ କାର୍ଯ୍ୟକ୍ରମରେ ଘୋଟାଲା ହେଉଥିବାର ଗ୍ରାମବାସୀ ନାନେ ଅଭିଯୋଗ କରିଥିଲେବି ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆ ଯାଇନଥିବାବେଳେ ଏବେ ବିନା କୌଣସି ସରକାରୀ ଅଧିକାରୀଙ୍କ ଉପସ୍ଥିତିରେ କାହା ନିର୍ଦ୍ଦେଶରେ ବଡ ଗାଁ ସରପଂଚଙ୍କ ସ୍ୱାମୀ ଏହିଭତା ବଂଟନ କରୁଛନ୍ତି ତାହା ତଦନ୍ତ ସାପେକ୍ଷ ବୋଲି ସ୍ଥାନୀୟ ବୁଦ୍ଧିଜୀବୀ ମହଲରେ କୁହାଯାଉଛି । ପ୍ରଶାସନ ତୁରନ୍ତ ଏହି ପଂଚାୟତରେ ଭତାବଂଟନ ଦାୟୀତ୍ୱରେ ଥିବା ଅଧିକାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି ।

# ବର୍ଷେ ହେବ ଗୁମୁଟି ଭିତରେ କଟୁଛି ଜୀବନ

ବାରିପଦା, ୧୦/୭ (ନି.ପ୍ର): ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ରାଜ୍ୟବାସୀଙ୍କ ସାମୁହିକ ହିତ ସାଧନ ସହ ସାମଗ୍ରୀକ ବିକାଶ ନିମନ୍ତେ ମାଳ ମାଳ ଲୋକାଭିମୁଖୀ ଜନକଲ୍ୟାଣକାରୀ ଯୋଜନା କାର୍ଯ୍ୟକାରୀ କରିଆସୁଥିବା ବେଳେ ଏହା ସାଧାରଣ ଜନତାଙ୍କ ହାତ ପାହାନ୍ତାରେ କେତେ ପରିମାଣରେ ଉପଲବ୍ଧ ହୋଇପାରୁଛି ତାହା ମୟୂରଭଞ୍ଜ ଜିଲ୍ଲାର ସଦର ମହକୁମା ବାରିପଦା ପୌରପରିଷଦର ୱାର୍ଡ଼ ନମ୍ବର ୧୭ ନୂଆସାହି ବାସୀନ୍ଦା ପରେଶ ବେହେରା(୭୦)ଙ୍କ କ୍ଷେତ୍ରରୁ ସ୍ପଷ୍ଟ ଅନୁମେୟ ହୋଇପାରିଛି । ପରେଶ ବେହେରାଙ୍କର ଏକ ବଖରା ଘର ରହିଥିବା ବେଳେ ସେଥିରେ ଗୃହପାଳିତ ପଶୁଙ୍କୁ ଆଶ୍ରୟ ଦେଇ ନିଜେ ରାସ୍ତା ପାର୍ଶ୍ୱରେ ଥିବା ଏକ ଗୁମୁଟିରେ ନିଜର ସ୍ତ୍ରୀଙ୍କୁ ଧରି ଆଜକୁ ଏକ ବର୍ଷ ହେବ ଜୀବନ କଟାଇ ଆସୁଛନ୍ତି । ପରେଶଙ୍କର ୩ ପୁଅଙ୍କ ମଧ୍ୟରୁ ଜଣେ ପୁଅର ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଦୁଇ ପୁଅ ବାହାର ଜିଲ୍ଲାରେ ଶ୍ରମିକ ଭାବେ କାର୍ଯ୍ୟ କରୁଛନ୍ତି । ପରେଶ କଂଟ୍ରୋଲରୁ ପାଉଥିବା ଚାଉଳ ସହିତ ମାଗିଯାଚି ଯାହା ଆଣନ୍ତି ସେଥିରେ ସ୍ୱାମୀ ସ୍ତ୍ରୀ ଦୁଃଖକଷ୍ଟରେ ଦୁଇବେଳା ଖାଇ ବଂଚିଛନ୍ତି । ଏହିଭଳି ପରିସ୍ଥିତି ବାର୍ଦ୍ଧକ୍ୟ ଭତା ଖଣ୍ଡିଏ ସହିତ ପ୍ରଧାନମନ୍ତ୍ରୀ ଆବାସ ଅଥବା ବିଜୁ ପକ୍କାଗୃହ ଯୋଜନାରେ ଘର ଖଣ୍ଡିଏ ପାଇବା ନିମନ୍ତେ ବାରିପଦା ପୌରପରିଷଦକୁ ଦୌଡ଼ାଦୌଡ଼ି କରି ଗୁହାରି ଜଣାଇବା ସାଙ୍ଗକୁ ସ୍ଥାନୀୟ ପୂର୍ବତନ ୱାର୍ଡ଼ କାଉନସିଲରଙ୍କୁ ବିଭିନ୍ନ ସମୟରେ ସାକ୍ଷାତ କରି ଅନୁରୋଧ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିପାରି ନାହିଁ । ତେଣୁ ନିଜ ଭାଗ୍ୟକୁ ଆଦରି ଖରା, ବର୍ଷା ଶୀତ ଓ କାକରରେ ଗୁମୁଟି ଭିତରେ ସମୟ କଟାଇ ଆସୁଥିବା ବେଳେ କରୋନାକୁ ନେଇ ଲକ୍‌ଡ଼ାଉନ ଦୁଃଖ ଉପରେ ନଳିତାବିଡ଼ା ସଦୃଶ୍ୟ ହୋଇପଡ଼ିଛି । ଖବର ପାଇ ବାରିପଦା ପୌରପରିଷଦର ପୂର୍ବତନ ଉପନଗରପାଳ ଜିତେନ୍ଦ୍ର ମହାନ୍ତି ପହଁଚି ସାମୟିକ ଭାବେ କିଛି ସାହାଯ୍ୟ ଯୋଗାଇ ଦେଇଥିଲେ ବୋଲି ପରେଶ ପ୍ରକାଶ କରିଥିବା ବେଳେ ତାଙ୍କୁ ଘର ଖଣ୍ଡିଏ ଓ ବାର୍ଦ୍ଧକ୍ୟ ଭତା ଯୋଗାଇ ଦେବା ନିମନ୍ତେ ଦାବି କରିଛନ୍ତି । ତେବେ ବାରିପଦା ପୌର ନିର୍ବାହୀ ଅଧିକାରୀ ଦାୟିତ୍ୱରେ ଥିବା ବାରିପଦା ଉପଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡୀଙ୍କ ପ୍ରତିକ୍ରିୟା ଜାଣିବା ନିମନ୍ତେ ଉଦ୍ୟମ କରାଯାଇଥିଲେ ମଧ୍ୟ ସମ୍ଭବ ହୋଇପାରିନଥିଲା ।

# ଦିନ ଦ୍ୱିପ୍ରହରରେ ଶିକ୍ଷୟିତ୍ରୀଙ୍କୁ ଗୋଡାଇ ଗୋଡାଇ ହାଣି ହତ୍ୟାକଲା ଦୁର୍ବୃତ : ଆକ୍ରମଣରେ ଶିକ୍ଷକ ଗୁରୁତର

ଯାଜପୁର/କୋରେଇ, ୧୦/୭ (ନି.ପ୍ର): ଶିକ୍ଷୟିତ୍ରୀଙ୍କୁ ଦିନ ଦ୍ୱିପ୍ରହରରେ ଗୋଡାଇ ଗୋଡାଇ ହାଣି ହତ୍ୟା କରିଛି ଦୁର୍ବୃତ । ଆକ୍ରମଣରେ ଅନ୍ୟ ଜଣେ ଶିକ୍ଷକ ମଧ୍ୟ ଗୁରୁତର ହୋଇଛନ୍ତି । ଆଜି ଏଭଳି ଏକ ହତ୍ୟାକାଣ୍ଡ ଘଟିଯାଇଛି ଯାଜପୁର ରୋଡ ଥାନା ଅନ୍ତର୍ଗତ ରାଛିପୁର ଛକ ନିକଟରେ । ପ୍ରତ୍ୟେକ୍ଷଦର୍ଶୀଙ୍କ ସୂଚନା ଅନୁସାରେ, ଶିକ୍ଷୟିତ୍ରୀ ଯୋଗମାୟା ଜେନା (୩୦) ତାଙ୍କର ସମ୍ପର୍କୀୟ ଭାଇ ତଥା ଅନ୍ୟ ଜଣେ ଶିକ୍ଷକଙ୍କ ମୋହିନୀ ମୋହନ ମୁଦୁଲିଙ୍କ ସହିତ ବାଇକ୍ ଯୋଗେ ନେଳିବାରି ସ୍କୁଲରୁ ନିଜ ଗାଁ ରାଛିପୁରକୁ ଫେରୁଥିଲେ । ଏହି ସମୟରେ ତିନି ଜଣ ଦୁର୍ବୃତ ଅନ୍ୟ ଏକ ବାଇକ୍ ଯୋଗେ ଆସି ପ୍ରଥମେ ବାଇକ୍ ଅଟକାଇବାକୁ ଚେଷ୍ଟା କରିଥିଲେ । ବାଇକ୍ ପଛରେ ବସିଥିବା ଦୁର୍ବୃତ ଜଣକ ଅତ୍ୟନ୍ତ ଅମାନୁଷିକ ଭାବେ ଶିକ୍ଷୟିତ୍ରୀ ଯୋଗମାୟା ଜେନା (୩୦)ଙ୍କୁ ଏକ ଧାରୁଆ ଅସ୍ତ୍ରରେ ଚୋଟ ପରେ ଚୋଟ ମାରି ଚାଲିଥିଲା । ଶିକ୍ଷୟିତ୍ରୀ ଓ ତାଙ୍କର ସମ୍ପର୍କୀୟ ଭାଇ ଦୁର୍ବୃତଙ୍କୁ ବାଧାଦେବାକୁ ଚେଷ୍ଟା କରି ବିଫଳ ହୋଇଥିଲେ । ଦୁର୍ବୃତଙ୍କ ଆକ୍ରମଣରେ ଯୋଗମାୟାଙ୍କ ଦୁଇଟି ହାତ କଟିଯିବା ସହ ବେକରେ ଗଭୀର କ୍ଷତ ସୃଷ୍ଟି ହୋଇଥିଲା । ପ୍ରବଳ ରକ୍ତସ୍ରାବ ଯୋଗୁଁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା । ଆକ୍ରମଣରେ ଗୁରୁତର ଶିକ୍ଷକ ମୋହିନୀ ମୋହନଙ୍କୁ ଚିକିତ୍ସା ନିମନ୍ତେ ପ୍ରଥମେ ସ୍ଥାନୀୟ ମେଡିକାଲରେ ଭର୍ତ୍ତି କରାଯାଇଥିଲା । ଅବସ୍ଥା ସଙ୍କଟାପନ୍ନ ହୋଇପଡିବାରୁ ପରବର୍ତ୍ତି ସମୟରେ ତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଛି । ଘଟଣା ପରେ ଅଭିଯୁକ୍ତ ସେଠାରୁ ଫେରାର୍ ହୋଇଯାଇଛି । ଖବର ପାଇ ଯାଜପୁର ରୋଡ ଥାନା ପୋଲିସ ଘଟଣାସ୍ଥଳରେ ପହଂଚିଛି । ଏସଡିପିଓ ଏବଂ ଯାଜପୁର ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଚରଣସିଂ ମୀନା ଘଟଣାସ୍ଥଳରେ ପହଂଚି ତଦନ୍ତ ଜାରୀ ରଖିଛନ୍ତି । ପୋଲିସ ମୃତ ଶିକ୍ଷୟିତ୍ରୀଙ୍କ ଶବ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇଛି । ତେବେ ଅଦ୍ୟାବଧି ହତ୍ୟାକାଣ୍ଡର କାରଣ ଅସ୍ପଷ୍ଟ ରହିଛି । ପ୍ରେମ ବ୍ୟାପାରକୁ ନେଇ ହତ୍ୟାକାଣ୍ଡ ଘଟି ଥାଇପାରେ ବୋଲି ସ୍ଥାନୀୟ ଅଂଚଳରେ ହେଉଥିବା ଚର୍ଚ୍ଚାରୁ ଜଣାପଡ଼ିଛି ।

# ଯାଜପୁର ଜିଲ୍ଲାରେ ପୁଣି ୯ କରୋନା ପଜିଟିଭ୍ ଚିହ୍ନଟ ଜିଲ୍ଲାରେ ମୋଟ୍ ଆକ୍ରାନ୍ତଙ୍କ ସଂଖ୍ୟା ୬୭୩ କୁ ବୃଦ୍ଧି

ଯାଜପୁର, ୧୦/୭ (ନି.ପ୍ର): ଯାଜପୁର ଜିଲ୍ଲାରେ ଆଜି ୯ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ଏଥି ସହିତ ଜିଲ୍ଲାରେ ମୋଟ୍ ଆକ୍ରାନ୍ତଙ୍କ ସଂଖ୍ୟା ୬୭୩ କୁ ବୃଦ୍ଧି ପାଇଛି । ନୂଆ ଚିହ୍ନଟ ୯ ଜଣଙ୍କ ମଧ୍ୟରୁ ରସୁଲପୁର ବ୍ଲକ୍‌ର ୫ ଜଣ, ସୁକିନ୍ଦା ବ୍ଲକରୁ ଜଣେ, ବିଞ୍ଝାରପୁର ବ୍ଲକ୍‌ର ଦୁଇ ଜଣ ଏବଂ ଅନ୍ୟ ଜଣେ ବ୍ୟାସନଗର ପୌରାଂଚଳରୁ ଚିହ୍ନଟ ହୋଇଛନ୍ତି । ରସୁଲପୁର ବ୍ଲକ୍‌ର ୫ ଜଣଙ୍କ ମଧ୍ୟରୁ ତିନୋଟି ଲୋକାଲ୍ କେସ୍ ହୋଇଥିବା ବେଳେ ତାମିଲନାଡୁ ଓ ଦିଲ୍ଲୀ ଫେରନ୍ତା ଜଣେ ଲେଖାଏଁ । ସୁକିନ୍ଦା ବ୍ଲକର ଜଣେ ଲେକାଲ୍ କେସ୍ । ବ୍ୟାସନଗର ପୌରାଂଚଳରୁ ଚିହ୍ନଟ ଆକ୍ରାନ୍ତଙ୍କ କୋଲକାତା ଲିଙ୍କ୍ ରହିଛି । ବିଞ୍ଝାରପୁର ବ୍ଲକ୍‌ର ଦୁଇ ଜଣ ଚେନ୍ନାଇ ଫେରନ୍ତା । ଏହାକୁ ମିଶାଇ ଜିଲ୍ଲାରେ ମୋଟ୍ ଆକ୍ରାନ୍ତଙ୍କ ସଂଖ୍ୟା ୬୭୩କୁ ବୃଦ୍ଧି ପାଇଥିବା ବେଳେ ସେଥିମଧ୍ୟରୁ ଅଦ୍ୟାବଧି ୪୫୬ ଜଣ ସୁସ୍ଥ ହୋଇ କୋଭିଡ୍ ହସ୍ପିଟାଲରୁ ଘରକୁ ଫେରିଛନ୍ତି । ଜିଲ୍ଲାରେ ସକ୍ରିୟ ମାମଲା ୨୧୬ ରହିଛି । କରୋନାଜନିତ ମୃତ୍ୟୁ ସଂଖ୍ୟା ୧ ରହିଛି ।

# ଫାଇନାଲ ଇୟର ପରୀକ୍ଷା ବାତିଲ ପାଇଁ ଛାତ୍ର କଂଗ୍ରେସର ଦାବି

ଭୁବନେଶ୍ୱର, ୧୦/୭ (ନି.ପ୍ର): କରୋନା ସଂକ୍ରମଣ ବଢୁଥିବାରୁ ସବୁ ବିଷୟରେ ଫାଇନାଲ ଇୟର ପରୀକ୍ଷା ବାତିଲ କରିବାକୁ ଛାତ୍ର କଂଗ୍ରେସ ଦାବି କରିଛି । ଗୁରୁବାର ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ପ୍ରଦେଶ ଛାତ୍ର କଂଗ୍ରେସ ପକ୍ଷରୁ ଅଖିଳ ଭାରତ ଛାତ୍ର କଂଗ୍ରେସର ରାଷ୍ଟ୍ରୀୟ ସଂପାଦକ ତଥା ଓଡ଼ିଶା ପ୍ରଭାରୀ ରୋସନଲାଲ ବିଟୁ ଏବଂ ଛାତ୍ରକଂଗ୍ରେସ ନେତା ୟାସିର ନୱାଜଙ୍କ ନେତୃତ୍ୱରେ ୟୁଜିସି ଏବଂ ଏଚ୍‌ଆରଡି ମିନିଷ୍ଟ୍ରି ଦ୍ୱାରା ପ୍ରସ୍ତୁତ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜିୟର ମାଧ୍ୟମରେ ଶେଷ ବର୍ଷ ଛାତ୍ରମାନଙ୍କର ପରୀକ୍ଷା କରିବାପାଇଁ ଯେଉଁ ବ୍ୟବସ୍ଥା ହୋଇଛି ତାହାକୁ ବିରୋଧ କରାଯାଇ ବିକ୍ଷୋଭ ପ୍ରଦର୍ଶନ ହୋଇଛି । ବର୍ତ୍ତମାନ ଛାତ୍ରଛାତ୍ରୀମାନଙ୍କର ଆର୍ଥିକ ଏବଂ ମାନସିକ ଅବସ୍ଥା ଶୋଚନୀୟ ସେମାନେ ପରୀକ୍ଷା ଦେବାକୁ ଅସମର୍ଥ । ଛାତ୍ର ବା ଛାତ୍ରୀଟିଏ ଘରଭଡ଼ା ଦେଇ ରହିବାପାଇଁ ମଧ୍ୟ ଅକ୍ଷମ । ଯାହା ପରିସ୍ଥିତି ହୋଇଛି ପରୀକ୍ଷାଦେଲେ ଲକ୍ଷଲକ୍ଷ ଛାତ୍ରଛାତ୍ରୀ କରୋନା ରୋଗରେ ଆକ୍ରାନ୍ତ ହେବେ । କରୋନା ମହାମାରୀରେ ଛାତ୍ରଛାତ୍ରୀମାନେ ସବୁଠୁ ଅଧିକ ପ୍ରଭାବିତ ହୋଇଥିବା ବେଳେ ମୋଦି ସରକାର ଏଥିପ୍ରତି ଆଦୌ ସମ୍ବେଦନଶୀଳ ନାହାନ୍ତି । ଏଣୁ ଛାତ୍ରଛାତ୍ରୀଙ୍କର ଜୀବନ ସହ ଖେଳନଖେଳି ମୋଦି ସରକାର ଏହି ପରୀକ୍ଷାକୁ ବାତିଲ୍ କରିବା ପାଇଁ ପ୍ରଦେଶ ଛାତ୍ର କଂଗ୍ରେସ ଦାବି କରିଛି । ଏହି କାର୍ଯ୍ୟକ୍ରମରେ ତାରାପ୍ରସାଦ କର, ମହମ୍ମଦ ଗୁଲଫାମ, ବାଦଲ ମହାନ୍ତି, କାର୍ତିକେଶ୍ୱର, ରଞ୍ଜିତ ସେନାପତି, ଆରୟନ ସାସମଲ, ନୁସୁରତ, ଅଭିଜିତ ପ୍ରମୁଖ ଅଂଶଗ୍ରହଣ କରିଥିଲେ ।

# କୋଭିଡ ପରେ ଆୟୋଜିତ ହେବ ଚଳଚ୍ଚିତ୍ର ମହୋତ୍ସବ

ଭୁବନେଶ୍ୱର, ୧୦/୭ (ନି.ପ୍ର): କୋଭିଡ ପରେ ରାଜ୍ୟରେ ଚଳଚ୍ଚିତ୍ର ମହୋତ୍ସବ ଆୟୋଜନ କରାଯିବ । ଏନେଇ ବ୍ୟାପକ ପ୍ରସ୍ତୁତି କରାଯାଇଚି । ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ବିଭାଗ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଓଡ଼ିଶା ଚଳଚ୍ଚିତ୍ର ଉନ୍ନୟନ ନିଗମ ମିଳିତ ଭାବେ ଏ କାର୍ଯ୍ୟକ୍ରମକୁ ରୂପାୟନ କରିବେ । ଗତକାଲି ଏ ସମ୍ବନ୍ଧରେ ଏକ ଭିଡିଓ କନଫରେନ୍ସିଂରେ କୋଭିଡ ପରେ ରାଜ୍ୟରେ ସ୍ୱାଭାବିକ ଅବସ୍ଥା ଫେରିଲେ ଚଳଚ୍ଚିତ୍ର ମହୋତ୍ସବ ଆୟୋଜନ କରାଯିବା ସମ୍ପର୍କରେ ବିଶଦ ଭାବେ ଆଲୋଚନା କରାଯାଇଛି । ଏହି କାର୍ଯ୍ୟକ୍ରମରେ ପର୍ଯ୍ୟଟନ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଶ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଅଧ୍ୟକ୍ଷତା କରିଥିବାବେଳେ ଶିକ୍ଷମନ୍ତ୍ରୀ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀ ମନୋରଞ୍ଜନ ପାଣିଗ୍ରାହୀ, କମିଶନର ତଥା ଶାସନ ସଚିବ, ପର୍ଯ୍ୟଟନ ବିଭାଗ ଶ୍ରୀ ବିଶାଲ ଦେବ, ଅଧ୍ୟକ୍ଷ ଓଡ଼ିଶା ଚଳଚ୍ଚିତ୍ର ଉନ୍ନୟନ ନିଗମ ଶ୍ରୀ କୁନା ତ୍ରିପାଠୀ, ପରିଚାଳନା ନିର୍ଦ୍ଦେଶକ ଓଏଫ୍‌ଡିସି ଶ୍ରୀ ନୀତିନ୍ ଭାନୁଦାସ ଜାୱଲେ ଏବଂ ନିର୍ଦ୍ଦେଶକ ତଥା ଅତିରିକ୍ତ ସଚିବ ପର୍ଯ୍ୟଟନ ବିଭାଗ ଶ୍ରୀ ସଚିନ୍ ରାମଚନ୍ଦ୍ର ଯାଦବ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । କୋଭିଡ୍-୧୯ କଟକଣା ଯୋଗୁଁ ଚଳଚ୍ଚିତ୍ର ନିର୍ମାଣ ଓ ପ୍ରଦର୍ଶନ ସମ୍ପୂର୍ଣ୍ଣ ରୂପେ ବନ୍ଦ ହୋଇଥିବା ହେତୁ ଏହି ଶିଳ୍ପ ପ୍ରଭୂତ କ୍ଷତିର ସମ୍ମୁଖୀନ ହୋଇଛି । ଏହାକୁ କୋଭିଡ୍ ପରବର୍ତ୍ତୀ ସମୟରେ କିପରି ପୁନଃ ବ୍ୟବସ୍ଥିତ କରାଯିବ ସେ ବିଷୟରେ ଆଲୋଚନା କରାଯାଇଥିଲା । ଏଥିସହିତ ଓଡ଼ିଶା ଚଳଚ୍ଚିତ୍ର ଉନ୍ନୟନ ନିଗମର ଅଧ୍ୟକ୍ଷ କାର୍ଯ୍ୟକ୍ରମ ଉପରେ ଆଲୋକପାତ କରି ଓଡ଼ିଶାରେ ରହିଥିବା ଅସୀମ ବିଭବ ଓ ପ୍ରାକୃତିକ ଶୋଭା ସମ୍ଭାର ଯାହା ବହୁ ଚଳଚ୍ଚିତ୍ର ନିର୍ମାତାମାନଙ୍କୁ ଜଣାନଥିବା ଦର୍ଶାଇ ରାଜ୍ୟରେ ଚଳଚ୍ଚିତ୍ର ନିର୍ମାଣ ପାଇଁ ଏକ ସର୍ବୋତ୍କୃଷ୍ଟ ସ୍ଥଳୀ ହୋଇପାରିବ ବୋଲି କହିଥିଲେ । ଆମ ପାଖରେ ସର୍ବୋତ୍କୃଷ୍ଟ ଚଳ୍‌ଚିତ୍ର ନୀତି ରହିଥିବା ସେ ଉଲ୍ଲେଖ କରି ଏହା ରାଜ୍ୟ ବାହାରର ଚଳଚ୍ଚିତ୍ର ନିର୍ମାତାଙ୍କୁ ବେଶ୍ ସୁହାଇବ ବୋଲି କହିଥିଲେ । ଏହି ଅବସରରେ ଓଏଫଡିସିର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ଜାୱଲେ ଚଳଚ୍ଚିତ୍ର ନିର୍ମାତା ଏବଂ ନିବେଶକାରୀମାନଙ୍କୁ ଆକର୍ଷିତ କରିବାକୁ ରହିଥିବା ପର୍ଯ୍ୟାପ୍ତ ସୁବିଧା ସୁଯୋଗ ଉପରେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଏଥିସହିତ ଆୟୋଜିତ ହେବାକୁ ଥିବା ଆଗାମୀ ମେକ୍-ଇନ୍-ଓଡ଼ିଶା କନ୍‌କ୍ଲେଭର ତୃତୀୟ ସଂସ୍କରଣରେ ଏହି ବିଷୟକୁ ସାମିଲ କରିବାକୁ ଆଲୋଚନା କରାଯାଇଥିଲା । ପର୍ଯ୍ୟଟନ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଶ୍ରୀ ପାଣିଗ୍ରାହୀ ପରବର୍ତ୍ତୀ ସମୟରେ ଓଡ଼ିଶା ଚଳଚ୍ଚିତ୍ର ନିଗମ ଦେଇଥିବା ପ୍ରସ୍ତାବ ଉପରେ ବିଚାର କରାଯିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ । ପର୍ଯ୍ୟଟନ ପ୍ରଚାର ପ୍ରସାର ପାଇଁ କରୁଥିବା ରୋଡ଼ ଶୋ ଭଳି କାର୍ଯ୍ୟକ୍ରମଗୁଡ଼ିକରେ ଚଳଚ୍ଚିତ୍ର ନିଗମ ହାତ ମିଳାଇବାକୁ ସଚିବ ଶ୍ରୀ ଦେବ ଅନୁରୋଧ କରିଥିଲେ ।

# ଶେରଗଡ଼ ବ୍ଲକ୍ ଅଂଚଳରେ ସ୍ୱାସ୍ଥ୍ୟ ପରୀକ୍ଷା କାର୍ଯ୍ୟକ୍ରମ : ଜିଲ୍ଲାପାଳଙ୍କ ଅନୁଧ୍ୟାନ

ଗଂଜାମ, ୧୦/୭ (ନି.ପ୍ର): ଶେରଗଡ଼ର ତିନୋଟି ଅଙ୍ଗନବାଡ଼ି କେନ୍ଦ୍ର ଅଂଚଳରେ ସ୍ୱାସ୍ଥ୍ୟ ଟିମ୍ ଘରକୁ ଘର ବୁଲି ଲୋକଙ୍କ ସ୍ୱାସ୍ଥ୍ୟ ଯାଂଚ ଓ ପରୀକ୍ଷା ଆଜି ସକାଳେ ଆରମ୍ଭ ହୋଇଛି । ଏହି ସମୟରେ ଗଂଜାମ ଜିଲ୍ଲାପାଳ ବିଜୟ ଅମୃତା କୁଲାଙ୍ଗେ ଟିମ୍ ପାଖରେ ପହଂଚି କାର୍ଯ୍ୟର ଅନୁଧ୍ୟାନ କରି ସ୍ୱାସ୍ଥ୍ୟ ଟିମ୍‌କୁ ଉତ୍ସାହିତ କରି ଜନସାଧାରଣଙ୍କ ମଧ୍ୟରେ ସହଯୋଗ କମାନା କରିଥିଲେ । ଏହି ସ୍ୱାସ୍ଥ୍ୟ ଟିମ୍‌ରେ ଡାକତର ଅଂଗନବାଡ଼ି କର୍ମୀ, ସ୍ୱାସ୍ଥ୍ୟ କର୍ମୀ ଓ ଆଶା କର୍ମୀ ରହିଛନ୍ତି । ଏହି କାର୍ଯ୍ୟକ୍ରମରେ ତହସିଲଦାର ଦୟାସିନ୍ଧୁ ପରିଡ଼ା, ବିଡ଼ିଓ ସୁରଞ୍ଜନ ସାହୁ, ଆଇ.ଆଇ.ସି ରମେଶ ଚନ୍ଦ୍ର ଦାସଙ୍କ ସମେତ ବ୍ଲକର ବହୁ ପଦସ୍ଥ ଅଧିକାରୀ ଉପସ୍ଥିତ ଥିଲେ । ଏହା ପରେ ଜିଲ୍ଲାପାଳ ଅଲାରୀଗଡ଼ ଯାଇ କୋଭିଡ଼ କେୟାର ହୋମ ପରିଦର୍ଶନ କରିଥିଲେ ଓ କାର୍ଯ୍ୟକର୍ମକର୍ତା ସହ ମଧ୍ୟ ଆଲୋଚନା କରି ଫେରିଥିଲେ ।

# ମାଲକାନଗିରି ଆଇଟିଆଇର ୧୫ ଜଣ ପ୍ରଶିକ୍ଷାର୍ଥୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଅଭିନନ୍ଦନ

ଭୁବନେଶ୍ୱର, ୧୦/୭ (ନି.ପ୍ର): ନାଗପୁରସ୍ଥିତ ଏକ ପ୍ରତିଷ୍ଠିତ ଇଂଜିନିୟରିଂ କମ୍ପାନୀରେ ନିଯୁକ୍ତି ପାଇଥିବାରୁ ମାଲକାନଗିରି ଆଇଟିଆଇର ୧୫ ଜଣ ସ୍କିଲଡ୍ ଇନ୍ ଓଡ଼ିଶା ପ୍ରଶିକ୍ଷାର୍ଥୀଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅଭିନନ୍ଦନ ଜଣାଇଛନ୍ତି । ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହ ମୁଖ୍ୟମନ୍ତ୍ରୀ ଶିଳ୍ପ ସଂସ୍ଥାଗୁଡ଼ିକର ଆବଶ୍ୟକତାକୁ ଭିତିକରି ଓଡ଼ିଶାରେ ଦକ୍ଷତା ମିଶନ ଦ୍ୱାରା ରାଜ୍ୟର ଛାତ୍ରଛାତ୍ରୀମାନ ଙ୍କୁ ପ୍ରସ୍ତୁତ କରାଯାଇପାରୁଛି ବୋଲି ଖୁସି ପ୍ରକଟ କରିଛନ୍ତି ।

# ବିଶାକ୍ତ ସାପ କାମୁଡାରେ ଯୁବକଙ୍କ ମୃତ୍ୟୁ

ନୂଆପଡ଼ା, ୧୦/୭ (ନି.ପ୍ର): ନୂଆପଡ଼ା ଜିଲ୍ଲା ଖଡିଆଳ ବ୍ଲକ ଅରେଡା ପ ାୟତର ମୋହରା ଗ୍ରାମରେ ଏକ ବିଶାକ୍ତ ସାପ କାମୁଡାରେ ଜଣେ ଯୁବକଙ୍କର ଶୋଚନୀୟ ମୃତ୍ୟୁ ଘଟିଛି । ମୃତ ଯୁବକ ଜଣକ ମହୋରା ଗ୍ରାମର ଗୁଡୁ ମଲ୍ଲିକ(୨୫) ବୋଲି ଜଣାପଡିଛି । ଗତ ରାତିରେ ଗୁଡୁ ମଲ୍ଲିକ ଖାଇସାରିବା ପରେ ଘରର ଚଟାଣରେ ଶୋଇଥିଲେ । ବିଳମ୍ବିତ ରାତ୍ରରେ ଏକ ବିଶାକ୍ତ ସାପ କାମୁଡ଼ି ଦେବାରୁ ସେ ଗୁରୁତର ଅସୁସ୍ଥ ହୋଇପଡ଼ିଥିଲେ । ପରିବାର ଲୋକେ ଗୁରୁତର ଅବସ୍ଥାରେ ଖଡିଆଳ ସ୍ଥିତ ମିଶନ ଡାକ୍ତରଖାନାରେ ଭର୍ତୀ କରିଥିବା ବେଳେ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଯାଇଛି । ଏନେଇ ମିଶନ ଡାକ୍ତରଖାନା ପକ୍ଷରୁ ଖଡିଆଳ ଥାନାକୁ ଖବର ପରେ ଖଡିଆଳ ପୁଲିସ ଘଟଣାସ୍ଥଳରେ ପହଂଚି ମୃତ ଶବକୁ ଜବତ କରି ୨୨/୨୦୨୦ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଉଥିବା ନେଇ ପୁଲିସ ଏସଆଇ ଦେବେନ୍ଦ୍ର ବିନ୍ଧାଣୀ ସୂଚନା ଦେଇଛନ୍ତି । ଅନ୍ୟପକ୍ଷରେ ମୃତ ପରିବାରଙ୍କୁ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ ବ୍ୟବସ୍ଥା କରିବାକୁ ପରିବାର ଲୋକେ ଜିଲ୍ଲା ପ୍ରଶାସନ ଆଗରେ ଦାବୀ ଜଣାଇଛନ୍ତି ।

# ବଘିଆପଡା ଗୌଡଦେଇ ସଙ୍ଗରୋଧ କେନ୍ଦ୍ରରେ ପ୍ରବାସୀଙ୍କ ମୃତ୍ୟୁ କାରଣ ଅସ୍ପଷ୍ଟ

ବୌଦ୍ଧ, ୧୦/୭ (ନି.ପ୍ର): ବୌଦ୍ଧ ଜିଲା ବୌଦ୍ଧ ବ୍ଲକର ବଘିଆପଡା ଗୌଡଦେଇ ସଙ୍ଗରୋଧ କେନ୍ଦ୍ରରେ ପ୍ରବାସୀ ଶ୍ରମିକଙ୍କ ଗୁରୁବାର ଦିନ ମୃତ୍ୟୁ ହୋଇଥିବା ଜଣାପଡିଛି । ମିଳିଥିବା ସୁଚନା ମୁତାବକ ବୌଦ୍ଧ ଟିକରପଡା ପଂଚାୟତର ମେଣ୍ଡିମାଳ ଗ୍ରାମର ଜଣେ ୨୨ ବର୍ଷିଆ ଯୁବକ ଗୁଜୁରାଟ ରାଜ୍ୟର ସୁରଟ ଠାରେ ଏକ ସୁତାକଳରେ କାମ କରିଆସୁଥିଲା । ଗତ ୬ ତାରିଖ ଦିନ ଉକ୍ତ ପ୍ରବାସୀ ଶ୍ରମିକ ଜଣକ ନିଜ ଗାଁ ମେଣ୍ଡମାଳକୁ ଆସିଥିଲା । କିନ୍ତୁ ତାକୁ ଗ୍ରାମବାସୀ ମାନେ ଗାଁକୁ ପୁରାଇ ଦେଇନଥିଲେ । ଉକ୍ତ ଦିନ ଶ୍ରମିକ ଜଣକ ଗାଁର ବିଦ୍ୟାଳୟରେ ଶୋଇବା ପରେ ୭ ତାରିଖ ଦିନ ସରପ ଙ୍କ ସହାୟତାରେ ଗୌଡଦେଇ ସଙ୍ଗରୋଧ କେନ୍ଦ୍ରରେ ଭର୍ତିହୋଇଥିଲା । ଗୁରୁବାର ଦିନ ପ୍ରବାସୀ ଜଣକ ସକାଳୁ ବାଥରୁମ ଯାଇଥିବା ବେଳେ ସେଠାରେ ପଡିଯାଇଥିଲା । ବାଥରୁମରେ ପଡିଯିବା ପରେ ବୌଦ୍ଧ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏକ ଆମ୍ବୁଲାନସ ଯୋଗେ ତାଙ୍କୁ ବୌଦ୍ଧ କୋଭିଡ କେୟାର ସେଂଟରକୁ ଆଣୁଥିବା ବେଳେ ବାଟରେ ତାର ମୃତ୍ୟୁ ହୋଇଥିଲା । ଏନେଇ ବୌଦ୍ଧ ଜିଲାମୁଖ୍ୟ ଚିକିତ୍ସା ଅଧିକାରୀ ଡ, ତ୍ରିଲୋଚନ ପ୍ରଧାନଙ୍କୁ ପଚାରିବାରୁ ଉକ୍ତ ଶ୍ରମିକ ଜଣକ ଗତ ୭ ତାରିଖରେ ସୁରଟରୁ ଆସି ଉକ୍ତ ସଙ୍ଗରୋଧ କେନ୍ଦ୍ରରେ ରହିଥିଲା । କିନ୍ତୁ ଗୁରୁବାର ଦିନ ଶ୍ରମିକ ଜଣକ ବାଥରୁମକୁ ଯାଇଥିବା ବେଳେ ପଡିଯାଇଥିଲା । ତାକୁ ବୌଦ୍ଧ କୋଭିଡ ସେଂଟରରୁ ଏକ ଆମ୍ବଲାନସ ଯୋଗେ ଆଣାଯାଉଥିବା ବେଳେ ତାର ମୃତ୍ୟୁ ହୋଇଛି । ଏନେଇ ବୌଦ୍ଧ ପୋଲିସକୁ ଜଣାଯାଇଛି । ପୋଷ୍ଟମର୍ଟମ ରିପାର୍ଟେ ଆସିଲା ପରେ ମୃତ୍ୟୁର କାରଣ ଜଣାପଡିବ ବୋଲି ପ୍ରକାଶ କରିବା ସହ ଉକ୍ତ ଶ୍ରମିକର ସ୍ୱାବ ସଂଗ୍ରହ କରାଯାଇନଥିବା ପ୍ରକାଶ କରିଅଛନ୍ତି ।

# ୫ ଜଣ ଆଜୀବନ ଜେଲ୍ ଭୋଗୁଥିବା କଏଦୀ ମୁକ୍ତ ହେଲେ

ଭଦ୍ରକ, ୧୦/୭ (ହି.ସ.) - ଆଜି ରାଜ୍ୟ ଆଇନ୍ ବିଭାଗର ବିଜ୍ଞପ୍ତି ତଥା ରାଜ୍ୟ ଜେଲ୍ ନିର୍ଦ୍ଦେଶକଙ୍କ ନିର୍ଦ୍ଦେଶ ଅନୁଯାୟୀ ୫ ଜଣ ଆଜୀବନ ଜେଲ୍ ଦଣ୍ଡ ଭୋଗୁଥିବା କଏଦୀମାନଙ୍କୁ ମୁକ୍ତ କରାଯାଇଛି । ସେମାନେ ହେଲେ ଚାନ୍ଦବାଲି ଥାନା ଅନ୍ତର୍ଗତ ଚଶାଖଣ୍ଡ ଗ୍ରାମର କଟିଆ ଓରଫ ବିଶ୍ୱଜୟ ପଣ୍ଡା (୬୪), ପିଂଟୁ ଓରଫ ଚନ୍ଦ୍ରଶେଖର ପଣ୍ଡା (୫୪), ପଂଚାନନ ବଳ (୭୨), ଭଦ୍ରକ ଗ୍ରାମା ଳ ଥାନା ଅନ୍ତର୍ଗତ ବାଉଦପୁର ଗ୍ରାମର ସନାତନ ଯେନା (୪୬) ଓ ଭଣ୍ଡାରିପୋଖରୀ ଥାନା ସରସଦା ଗ୍ରାମର କରୁଣାକର ଅରଖ (୫୦) । ଏମାନେ ସମସ୍ତେ ହତ୍ୟା ମାମଲାରେ ଦୋଷୀ ସାବ୍ୟସ୍ତ ହୋଇ ଆଜୀବନ ଜେଲ୍ ଦଣ୍ଡ ଭୋଗୁଥିଲେ । ଭଦ୍ରକ ଅତିରିକ୍ତ ଜିଲା ଜଜ୍‌ଙ୍କ ଆଦେଶକୁ ସେମାନେ ଚ୍ୟାଲେଞ୍ଜ କରି ପ୍ରଥମେ ହାଇକୋର୍ଟ ଓ ପରେ ସର୍ବୋଚ୍ଚ ଅଦାଲତରେ ଅପିଲ କରିଥିଲେ ମଧ୍ୟ ତାହା ଖାରଜ ହେବା ପରେ ସେମାନେ ଜେଲ୍ ଦଣ୍ଡ ଭୋଗୁଥିଲେ । ଚଶାଖଣ୍ଡ ଗ୍ରାମର ଏକ ରାଜନୈତିକ ଗଣ୍ଡଗୋଳରେ ୧୯୮୮ ମସିହାରେ ସଦେଇ ଦାସ ନାମକ ବ୍ୟକ୍ତିକୁ ହତ୍ୟା କରାଯାଇଥିବା ଅଭିଯୋଗରେ କଟିଆ ପଣ୍ଡା, ପିଂଟୁ ପଣ୍ଡା, ପଂଚାନନ ବଳ ଦୋଷୀ ସାବ୍ୟସ୍ତ ହୋଇଥିବାବେଳେ ଭଦ୍ରକ ସହରାଂଚଳ ଅଧୀନସ୍ଥ ଜଗନ୍ନାଥପୁର ମାଧିଆ ଡାକୁଆକୁ ସନାତନ ଯେନା ଓ ତାଙ୍କର ସହଯୋଗୀ ୨୦୦୦ ମସିହାରେ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଥିଲା । ସେହିପରି କରୁଣାକର ଅରଖ ତାଙ୍କର ନିଜ ପତ୍ନୀଙ୍କୁ ହତ୍ୟା କରିଥିବାର ଅଭିଯୋଗ ହୋଇଥିଲା । ରାଜ୍ୟ ସରକାରଙ୍କର ଏକ ଉଚ୍ଚସ୍ତରୀୟ କମିଟି ଆଜୀବନ ଜେଲ୍ ଭୋଗୁଥିବା କଏଦୀମାନଙ୍କର ବ୍ୟବହାରିକ ପରିବର୍ତ୍ତନକୁ ଉପଲବ୍ଧ କରି ଆଜୀବନ କଏଦୀମାନଙ୍କୁ ଜେଲ୍ ଦଣ୍ଡ କୋହଳ କରି ସମାଜର ମୁଖ୍ୟସ୍ରୋତରେ ସାମିଲ ହେବାକୁ ସେମାନଙ୍କୁ ମୁକ୍ତ କରିଥାନ୍ତି । ତେବେ ଜେଲ୍ ଆଇଜିଙ୍କ ନିର୍ଦ୍ଦେଶ ମୁତାବକ ସେମାନଙ୍କୁ ମୁକ୍ତ କରିଥିବା ଜେଲ୍ ଅଧୀକ୍ଷକ କୁଅଁର ମାରାଣ୍ଡି ପ୍ରକାଶ କରିଛନ୍ତି ।

# ଲଣ୍ଡନ-କଲିକତା ବସ୍




ଦିନେ ଲଣ୍ଡନରୁ କଲିକତାକୁ ବସ୍ ଚାଲୁଥିଲା ଏବଂ ଯାତ୍ରୀ ମଧ୍ୟ ଆସୁଥିଲେ । ବିଶ୍ୱାସଯୋଗ୍ୟ ନ ହେଲେ ମଧ୍ୟ ଏକଥା ନିରାଟ ସତ । ସୋସିଆଲ୍ ମିଡିଆରେ କିଛି ଦିନ ତଳେ ଏହାର ପ୍ରମାଣ ସ୍ୱରୂପ ସେ ସମୟର ବସ୍ ଯାତ୍ରାର କିଛି କଳା ଧଳା ଫଟୋ ପୋଷ୍ଟ୍ କରାଯାଇଥିଲା । ୧୯୫୭ ମସିହାରେ ଲଣ୍ଡନରୁ କଲିକତାକୁ 'ଆଲବର୍ଟ' ନାମକ ଏକ ବସ୍ ଚଳାଚଳ ଆରମ୍ଭ କରିଥିଲା । ଇଂଲଣ୍ଡରୁ ବାହାରି ବେଲ୍‌ଜିୟମ୍, ଜର୍ମାନୀ, ଅଷ୍ଟ୍ରିଆ, ଯୁଗୋସ୍ଲୋଭିଆ, ତୁର୍କୀ, ଇରାନ, ଆଫଗାନିସ୍ତାନ ଏବଂ ପାକିସ୍ତାନ ଦେଇ ତାହା ଭାରତକୁ ଆସୁଥିଲା । ନୂଆଦିଲ୍ଲୀରେ ପହଞ୍ଚିବା ପରେ ସେଇଠୁ ପୁଣି ଆଗ୍ରା, ଆହ୍ଲାବାଦ, ବାରାଣାସୀ ଦେଇ କଲିକତାରେ ପହଞ୍ଚୁଥିଲା । ବସ୍‌ଟି ମୋଟ ୨୦ ହଜାର ୩ଶହ ମାଇଲ୍ ବାଟ ଅତିକ୍ରମ କରୁଥିଲା । ଏହାକୁ ବିଶ୍ୱର ଦୀର୍ଘତମ ବସ୍ ଯାତ୍ରା ବୋଲି କୁହାଯାଉଛି । ସୋସିଆଲ୍ ମିଡିଆରେ ଲଣ୍ଡନର ଭିକ୍ଟୋରିଆ କୋଚ୍ ଷ୍ଟେସନ୍ ପାଖରେ ଛିଡ଼ା ହୋଇଥିବା ଆଲବର୍ଟ ବସ୍‌ର ଫଟୋ ସମସ୍ତଙ୍କୁ ଚକିତ କରିଛି, ଯେଉଁଥିରେ ବଡ଼ ବଡ଼ ଇଂରାଜୀ ଅକ୍ଷରରେ ଲେଖା ହୋଇଛି, 'ଲଣ୍ଡନ-କଲିକତା-ଲଣ୍ଡନ ।' ପାଖରେ କଇଛି ପାସେଞ୍ଜର ମଧ୍ୟ ଛିଡ଼ା ହୋଇଛନ୍ତି । ସେତେବେଳେ ଲଣ୍ଡନରୁ ଭାରତ ଆସିବାକୁ ଆଲବର୍ଟ ବସ୍‌ର ଭଡ଼ା ଥିଲା ଜଣ ପିଛା ୮୫ ପାଉଣ୍ଡ ଷ୍ଟର୍ଲିଙ୍ଗ୍ (ପ୍ରାୟ ୮ ହଜାର ଟଙ୍କା) ।







ଆଲବର୍ଟ ବସ୍ ପ୍ରଥମ ଥର ପାଇଁ ଲଣ୍ଡନରୁ ୧୫ ଏପ୍ରିଲ ୧୯୭୫ରେ ବାହାରିଥିଲା ଏବଂ ଦୀର୍ଘ ୪୯ ଦିନର ଯାତ୍ରା ପରେ ଜୁନ୍ ୫ ତାରିଖରେ କଲିକତାରେ ପହଞ୍ଚିଥିଲା । ସତୁରି ଦଶକ ପର୍ଯ୍ୟନ୍ତ ଏହି ବସ୍ ସେବା ଚାଲିଥିବାର କୁହାଯାଉଛି । ୧୯୭୨ ମସିହାରେ ଦୁଇ ଥର ଏବଂ ୧୯୭୩ରେ ଥରେ ଲଣ୍ଡନରୁ କଲିକତାକୁ ଏହି ବସ୍ ଆସିଥିବାର ତଥ୍ୟ ଜଣାପଡ଼ିଛି । ସେହି ତଥ୍ୟ ଅନୁସାରେ ଜୁଲାଇ ୨୫ ତାରିଖରେ ଲଣ୍ଡନରୁ ବାହାରିଥିବା ବସ୍ ଅଗଷ୍ଟ ୬ରେ ଇସ୍ତାନ୍‌ବୁଲ, ଅଗଷ୍ଟ ୧୮ରେ ତେହରାନ୍, ଅଗଷ୍ଟ ୨୭ରେ କାବୁଲ, ସେପ୍ଟେମ୍ବର ୫ରେ ନୂଆଦିଲ୍ଲୀ ଏବଂ ସେପ୍ଟେମ୍ବର ୧୧ରେ କଲିକତାରେ ପହଞ୍ଚିଥିଲା । ସେହିବର୍ଷ ନଭେମ୍ବର ୧୪ରେ ଲଣ୍ଡନ ଛାଡ଼ିଥିବା ବସ୍‌ଟି ଡିସେମ୍ବର ୩୧ରେ କଲିକତାରେ ପହଞ୍ଚିଥିଲା । ୧୯୭୩ରେ ସେହି ବସ୍ ଏପ୍ରିଲ୍ ୧୭ରେ ଲଣ୍ଡନରୁ ବାହାରି ଜୁନ୍ ୪ରେ କଲିକତା ପହଞ୍ଚିଥିଲା । ଏଭଳି ଭାବରେ ୧୫ ଥର ଲଣ୍ଡନରୁ କଲିକତାକୁ ଆଲବର୍ଟ ବସ୍ ଯାତାୟତ କରିଥିଲା । ଭାରତ ଦେଇ ଆଲବର୍ଟ ବସ୍ ଚାରି ଥର ଅଷ୍ଟ୍ରେଲରେ ସିଡ୍‌ନୀ ଯାଇଥିବାର ଜଣାପଡ଼େ । ଏହି ବସ୍‌ରେ ଆସୁଥିବା ପାସେଞ୍ଜରମାନଙ୍କ ପାଇଁ ବାଟରେ କିଣାକିଣି କରିବାର ସୁବିଧା ଦିଆଯାଉଥିଲା । ମୁଖ୍ୟତଃ ନୂଆଦିଲ୍ଲୀ, ତେହରାନ୍, ସାଲବର୍ଗ, କାବୁଲ, ଇସ୍ତାନବୁଲ୍ ଏବଂ ଭିଏନାରେ ଲୋକେ ଅଟକି କିଣାକିଣି କରୁଥିଲେ । ଗୋଟେ ପୁରୁଣା ଫଟୋରେ ଯାତ୍ରା ସମୟରେ ବସ୍ ଭିତରେ କେଉଁ କେଉଁ ସୁବିଧା ସୁଯୋଗ ଉପଲବ୍ଧ ଥିଲା ତାହାର ଏକ ତାଲିକା ମଧ୍ୟ ଦିଆଯାଇଛି । ସେ ମଧ୍ୟରେ ରହିଛି ରିଡିଂ ଏବଂ ଡାଇନିଂ ରୁମ୍ (ଲୋୟର ଡେକ୍), ଫରୱାର୍ଡ ଅବ୍‌ଜରଭେସନ୍ ଲାଉଂଜ୍ (ଅପର୍ ଡେକ୍), ପ୍ରତ୍ୟେକଙ୍କ ପାଇଁ ଶୋଇବାର ସ୍ୱତନ୍ତ୍ର ବ୍ୟବସ୍ଥା, ରେଡିଓ ଏବଂ ଟେପ୍ ରେକର୍ଡର ସଙ୍ଗୀତ, ଫ୍ୟାନ୍ ହିଟର୍ (ଗରମ ପାଇଁ) ଇତ୍ୟାଦି । ଯାତ୍ରୀମାନଙ୍କୁ ବସ୍ ଭିତରେ ଯେମିତି ଘର ଭଳି ସୁବିଧା ମିଳିବ ସେନେଇ ସବୁ ପ୍ରକାର ବ୍ୟବସ୍ଥା ରହିଥିଲା । ବାଟରେ ବାରାଣସୀରେ ଗଙ୍ଗା ଦର୍ଶନ ତଥା ଆଗ୍ରାରେ ତାଜମହଲ ଦେଖିବା ପାଇଁ ଯାତ୍ରୀମାନଙ୍କୁ ସୁଯୋଗ ଦିଆଯାଉଥିଲା । ୧୯୭୨ ଏବଂ ୧୯୭୩ ମସିହାର ଟ୍ରିପ୍‌ରେ ଯାତ୍ରୀଙ୍କୁ ବାରାଣସୀରେ ଗଙ୍ଗା, ଶାହାଜାହାନଙ୍କ ପିକକ୍ ଥ୍ରୋନ୍, ତାଜ୍‌ମହଲ୍, କାସ୍‌ପିଆନ୍ ସାଗର, ଗୋଲ୍‌ଡେନ୍ ହର୍ଣ୍ଣ (ତୁର୍କୀ), ଡ୍ରାକୋମାନ୍ ପାସ୍ (ବୁଲ୍‌ଗେରିଆ), ରାଇନ୍ ଉପତ୍ୟକା (ଜର୍ମାନୀ) ଏବଂ ପାକିସ୍ତାନର ଖାଇବର ପାସ୍ ପର୍ବତମାଳା ବୁଲାଇବାର ଅଫର୍ ଦିଆଯାଇଥିବାର ଜଣାପଡ଼ିଛି । ଏଗାରଟି ଦେଶ ଦେଇ ଯାତାୟତ କରିଥିବା ଏହି ଐତିହାସିକ ବସ୍ ଅଲବର୍ଟ ସେହି ସବୁ ଦେଶମାନଙ୍କ ମଧ୍ୟରେ ସଂହତି ଏବଂ ସଂଯୋଗର ସୂତ୍ର ଥିଲା ବୋଲି ମଧ୍ୟ ଚର୍ଚ୍ଚା ହେଉଛି । ସୋସିଆଲ୍ ମିଡିଆରେ ଲଣ୍ଡନରୁ କଲିକତା ବସ୍ ଯାତ୍ରା ସମୟର ଫଟୋ ଦେଖି ଲୋକେ ଉତ୍ସୁକ ହୋଇ ମଜାଳିଆ ପ୍ରତିକ୍ରିୟାମାନ ଦେଉଛନ୍ତି । ଜଣେ ଲେଖିଛନ୍ତି, ଦୁନିଆରେ ଭିସାର ଆବଶ୍ୟକତା ନ ଥାନ୍ତା କି, ଭଡ଼ା ଦେଇ ଆରାମରେ ବସ୍ କିମ୍ବା ଟ୍ରେନରେ ଚଢ଼ି ଯାଇହୁଅନ୍ତା । ଆଲ୍‌ବର୍ଟ ବସ୍ ଆଉ ଥରେ ଚାଲନ୍ତା କି ।

# ସାଇକେଲ୍‌କୁ ବାଇକ୍‌ରେ ପରିଣତ କଲେ ଛାତ୍ର



ମଧ୍ୟପ୍ରଦେଶର ନରସିଂହପୁର ଜିଲ୍ଲାର ଆମଗାଁଓବଡ଼ାର ଜଣେ ଛାତ୍ର ଅକ୍ଷର ରାଜପୁତ ଏବେ ଚର୍ଚ୍ଚାରେ ଅଛନ୍ତି । ସାଇକେଲ୍‌ରେ ଇଞ୍ଜିନ୍ ଲଗାଇ ସେ ତାକୁ ବାଇକ୍‌ରେ ପରିଣତ କରିଛନ୍ତି । ତାଙ୍କର ଏହି ଅଭିନବ ପ୍ରୟାସକୁ ଖୁବ୍ ପ୍ରଶଂସା କରାଯାଇଛି । ଅକ୍ଷୟ ସ୍ଥାନୀୟ ଅଞ୍ଚଳରେ ଥିବା ସ୍କୁଲରେ ନବମ ଶ୍ରେଣୀରେ ପଢୁଛନ୍ତି । ତାଙ୍କର ବାଇକ୍ ଚଳାଇବାକୁ ବହୁତ ଇଚ୍ଛା ଥିଲା । କିନ୍ତୁ ବୟସ କମ୍ ହୋଇଥିବାରୁ ବାପା ତାଙ୍କୁ ସାଇକେଲ ଆଣିଦେଇଥିଲେ । ଲକ୍‌ଡାଉନ୍ ସମୟରେ ସେ କିଛି ନୂଆ କରିବାକୁ ଚିନ୍ତା କରିଥିଲେ । ଏଭଳି ସମୟରେ ସାଇକେଲ୍‌କୁ ବାଇକ୍‌ରେ ପରିଣତ କରିବା ଲାଗି ତାଙ୍କ ମନରେ ଆଇଡିଆ ଆସିଲା । ବର୍ଜ୍ୟବସ୍ତୁରୁ ଉପଯୋଗୀ ଜିନିଷପତ୍ର ପ୍ରସ୍ତୁତିରେ ଅକ୍ଷୟଙ୍କ ରୁଚି ରହିଛି । ତେଣୁ ସେ କବାଡ଼ିଆଙ୍କଠାରୁ ପୁରୁଣା ଚାମ୍ପ ଗାଡ଼ିର ଇଞ୍ଜିନ୍‌କୁ ଆଣି ସାଇକେଲ୍‌ରେ ଲଗାଇ ଦେଲେ । ଅକ୍ଷୟ କହିଛନ୍ତି, ଏହାଦ୍ୱାରା ମୋର ବାଇକ୍ ଚଳାଇବାର ସ୍ୱପ୍ନ ପୂରଣ ହୋଇଛି । ସେହିପରି କମ୍ ପେଟ୍ରୋଲରେଏହା ଚାଲୁଥିବା ସେ ପ୍ରକାଶ କରିଛନ୍ତି । ଏହା ପୂର୍ବରୁ ସେ ଗୋଟିଏ ଟାୟାରବିଶିଷ୍ଟ ବାଇକ୍ ବନାଇ ଚର୍ଚ୍ଚିତ ହୋଇଥିଲେ । ତାଙ୍କର ଉଦ୍ୟମକୁ ଜିଲ୍ଲାପାଳ ପ୍ରଶଂସା କରିଥିଲେ ।

# ସ୍ୱାସ୍ଥ୍ୟ ମନ୍ତ୍ର

ବିଶ୍ୱରେ ପ୍ରତି ଦଶ ଜଣରେ ଜଣେ ମଣିଷ ଅବସାଦର ଶିକାର । ଏହାକୁ ନିୟନ୍ତ୍ରଣରେ ନରଖିଲେ ନାନା ରୋଗ ଆକ୍ରମଣ କରେ । ଅବସାଦ ବା' ଡିପ୍ରେସନ୍'କୁ ନିୟନ୍ତ୍ରଣରେ ରଖିବା ଲାଗି ବଜାରରେ ନାନା ପ୍ରକାର ଔଷଧ ମିଳୁଛି । ଔଷଧ ଦ୍ୱାରା ଅବସାଦମୁକ୍ତ ହେବା ସମ୍ଭବ । ତେବେ ବ୍ୟାୟାମ ଦ୍ୱାରା ପ୍ରାକୃତିକ ଭାବେ ଅବସାଦକୁ ରୋକାଯାଇପାରେ; ଏହାର ମାତ୍ରା କମ୍ କରାଯାଇପାରେ । କଠିନ ବ୍ୟାୟାମ ଦ୍ୱାରା ଅବସାଦ ଦୂର ହେଉଥିବା ପୂର୍ବରୁ ପ୍ରମାଣିତ । ତେବେ, ସକାଳୁ ଚାଲିବା ବା ମର୍ଣ୍ଣି ୱାକ୍ ଭଳି ସାଧାରଣ ବ୍ୟାୟାମ ଦ୍ୱାରା ମଧ୍ୟ ମଣିଷ ଅବସାଦମୁକ୍ତ ରହିପାରିବ । ଏଥି ପାଇଁ ସକାଳୁ, ଉଠି ଚାଲନ୍ତୁ । ଯଥା ସଂଭବ ବେଗରେ ଏବଂ ଯେତିକି ଅଧିକ ସଂଭବ ଦୂର ବାଟ ଚାଲନ୍ତୁ । ସୂର୍ଯ୍ୟାଲୋକ ପଡ଼ିବା ପୂର୍ବରୁ ଚାଲନ୍ତୁ । ଏହାଦ୍ୱାରା ହର୍‌ମୋନ୍ କ୍ଷରଣ ସ୍ୱାଭାବିକ ହୁଏ । ନିୟମିତ ପ୍ରତ୍ୟୁଷରୁ ଚାଲିଲେ ରକ୍ତ ଶର୍କରା, ରକ୍ତଚାପ ଆଦି ମଧ୍ୟ ନିୟନ୍ତ୍ରଣରେ ରହେ । ତେଣୁ ଆବାଳବୃଦ୍ଧବନିତା ସମସ୍ତେ ପ୍ରାତଃ-ଭ୍ରମଣକୁ ଗୁରୁତ୍ୱ ଦିଅନ୍ତୁ ।

# ପେଣ୍ଟାଗନ୍



ଯୁକ୍ତରାଷ୍ଟ୍ର ଆମେରିକା ପ୍ରତିରକ୍ଷା ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟକୁ 'ପେଣ୍ଟାଗନ୍' କୁହାଯାଏ । ରାଷ୍ଟ୍ରପତି ଫ୍ରାଙ୍କଲିନ୍ ଡି ରୁଜ୍‌ଭେଲ୍‌ଟଙ୍କ ସମୟରେ ଏହା ନିର୍ମିତ ହୋଇଥିଲା । ପ୍ରଥମେ ସେଠାରେ ପ୍ରତିରକ୍ଷା ବିଭାଗ ନଥିଲା । ପ୍ରତିରକ୍ଷା ବିଭାଗ ଅନ୍ୟତ୍ର ଚାଲୁଥିଲା । ପରେ ସ୍ଥାନାଭାବ ଯୋଗୁଁ 'ପେଣ୍ଟାଗନ୍' ଆସିଥିଲା । 'ପେଣ୍ଟାଗନ୍'ର କାର୍ଯ୍ୟାଳୟ ସ୍ଥାନ ୫୧ ଲକ୍ଷ ବର୍ଗଫୁଟ । 'ଏମ୍ପାୟାର୍ ଷ୍ଟେଟ୍ ବିଲ୍‌ଡିଂର ଅଫିସ୍ ସ୍ପେସ୍ ଏହା ଅଧାରୁ କମ୍ । ହେଲ୍‌ସ ବଟମ୍ ନାମକ ସ୍ଥାନରେ 'ପେଣ୍ଟାଗନ୍' ଅବସ୍ଥିତ । ଏକଦା ହେଲ୍‌ସ ବଟମ- ବେଶ୍ୟା ପଡ଼ା ଭାବେ କୁଖ୍ୟାତ ଥିଲା ଏବଂ ମୁଖ୍ୟତଃ ଗରିବ ନିଗ୍ରୋଙ୍କ ବାସସ୍ଥାନ ଥିଲା । 'ଶୀତଳ ଯୁଦ୍ଧ' କାଳରେ ଏହାକୁ କୁହାଯାଉଥିଲା 'ଗ୍ରାଉଣ୍ଡ୍ ଜିରୋ' । ସୋଭିଏତ୍ ରୁଷିଆ ସହ ଆଣବିକ ଯୁଦ୍ଧ ହେଲେ, ଏହା ଉପରେ ପ୍ରଥମ ଆକ୍ରମଣ ହେବ, ଏହି ଆଶଙ୍କାରେ ଏଭଳି ନାମିତ କରାଯାଇଥିଲା । 'ପେଣ୍ଟାଗନ୍'ର ସମସ୍ତ କରିଡର୍‌ର ମୋଟ ଲମ୍ବ ୧୭.୫ ମାଇଲ୍ । ଥରେ ଜେନ୍‌ରଲ୍ ଆଇଜେନ୍‌ହାୱାର୍ ସେଠାରେ ନିଜ ଅଫିସ୍ ଖୋଜୁଖୋଜୁ ହଜିଯାଇଥିଲେ । ୧୯୪୩ରେ 'ପେଣ୍ଟାଗନ୍' ଲୋକାର୍ପିତ ହେବା ପରଠାରୁ ମାତ୍ର ଥରେ ନବୀକରଣ ହୋଇଥିବା ଜଣାଯାଏ । ଉକ୍ତ ନବୀକରଣ କାର୍ଯ୍ୟ ସତର ବର୍ଷ ଚାଲିଥିଲା ଏବଂ ବ୍ୟୟ ହୋଇଥିଲା ୪୫୦ କୋଟି ଡଲାର୍ । ଏହା ପାଞ୍ଚ ମହଲା ବିଶିଷ୍ଟ । ଏଥିରେ ଆଦୌ ଲିଫ୍‌ଟ ବା ଏଲିଭେଟର୍ ନାହିଁ । ଏତେ ବିଶାଳ ହୋଇଥିଲେ ହେଁ ଏହାର ନିର୍ମାଣ ମାତ୍ର ଦୁଇ ବର୍ଷରେ ଶେଷ ହୋଇଥିଲା । ଏକଦା 'ପେଣ୍ଟାଗନ୍'ରେ ଶ୍ୱେତାଙ୍ଗ ଓ ଅଣ-ଶ୍ୱେତାଙ୍ଗ (ନିଗ୍ରୋ)ଙ୍କ ପାଇଁ ଭିନ୍ନ ଭିନ୍ନ ଶୌଚାଳୟ ଥିଲା ।



# କିଶୋରଙ୍କ ପାଇଁ ବାୟୁ ପ୍ରଦୂଷଣ

ଏକ ନୂଆ ଗବେଷଣାରୁ ଜଣାପଡ଼ିଛି ଯେ, ବାୟୁ ପ୍ରଦୂଷଣର ଉଚ୍ଚସ୍ତର କିଶୋରଙ୍କ ମଧ୍ୟରେ ଅପରାଧିକ ବ୍ୟବହାର ଆଶଙ୍କା ବୃଦ୍ଧି କରିପାରେ । ଗବେଷକମାନଙ୍କ କହିବାନୁସାରେ ବାୟୁ ପ୍ରଦୂଷଣ ଉଚ୍ଚତମ ସ୍ତରରେ ରହିବା ଯୋଗୁଁ ଛୋଟ ଛୋଟ ବିଷାକ୍ତ କଣିକା ବିକଶିତ ହୋଇ ମସ୍ତିଷ୍କରେ ପ୍ରବେଶ କରିଥାଏ । ଏହା ମସ୍ତିଷ୍କ ଭିତରେ କିଛି ନା କିଛି ପ୍ରଭାବ ପକାଇଥାଏ । ଭାବନା ଏବଂ ନିଷ୍ପତ୍ତି ନେବା ପାଇଁ ମସ୍ତିଷ୍କର ଯେଉଁ ଅଂଶ ଦାୟୀ ତାହା ଉପରେ ଖରାପ ପ୍ରଭାବ ପଡ଼ିଥାଏ । ଏହି ଗବେଷଣା ହେଉଛି ସ୍ୱଚ୍ଛ ପବନର ମହତ୍ୱ ସମ୍ପର୍କରେ ଏକ ଚେତାବନୀ । ସହରାଞ୍ଚଳରେ ବୃକ୍ଷରୋପଣର କେତେ ଆବଶ୍ୟକତା ରହିଛି ତାହା ଏହି ଗବେଷଣାରୁ ଜଣାପଡ଼ିଛି । ଗବେଷଣାର ନେତୃତ୍ୱ ନେଇଥିବା ଗବେଷକ ଡାଏନା ୟୋନାନ୍‌ଙ୍କ କହିବାନୁସାରେ ପ୍ରଦୂଷଣ ପାଇଁ ଦାୟୀ ଛୋଟ କଣିକାକୁ ପାର୍ଟିକୁଲେଟ୍ ମ୍ୟାଟର୍ ବୋଲି କୁହାଯାଏ । ଏହି କଣିକା ଏକ କେଶମୂଳଠାରୁ ମଧ୍ୟ ୩୦ ଭାଗ ଛୋଟ ହୋଇଥିବାରୁ ସ୍ୱାସ୍ଥ୍ୟ ପାଇଁ ବହୁତ କ୍ଷତିକାରକ ବୋଲି ଡାଏନା କହିଛନ୍ତି । ଆମେରିକାସ୍ଥିତ ୟୁନିଭର୍ସିଟି ଅଫ୍ ସର୍ଦନ କାଲିଫର୍ଣ୍ଣିଆର ରିସର୍ଚ୍ଚ ଆସୋସିଏଟ୍ ଡାଏନା କହିଛନ୍ତି, ଏହି ଛୋଟ ରାସାୟନିକ କଣିକା ମଣିଷ ଶରୀରରେ ପ୍ରବେଶ କରି ଫୁସ୍‌ଫୁସ୍ ଏବଂ ହୃଦୟକୁ ପ୍ରଭାବିତ କରିଥାଏ । ଯାହାଦ୍ୱାରା ମସ୍ତିଷ୍କର ସରଞ୍ଚନା ଓ ସ୍ନାୟୁ ବ୍ୟବସ୍ଥା କ୍ଷତିଗ୍ରସ୍ତ ହୋଇଥାଏ । ଏହି କିଶୋରଙ୍କ ବ୍ୟବହାରକୁ ମଧ୍ୟ ପ୍ରଭାବିତ କରିଥାଏ ବୋଲି ଗବେଷଣଶରତ ଡାଏନା କହିଛନ୍ତି ।

# ବୋଇତାଳୁ ପୋଡ଼ପିଠା

**ସାମଗ୍ରୀ:**

-ବୋଇତାଳୁ (କଖାରୁଞ୍ଚ): ୧ କେ.ଜି.
-ଅରୁଆ ଚାଉଳ: ୫୦୦ ଗ୍ରାମ୍
-ଚିନି: ୫୦୦ ଗ୍ରାମ୍
-କାଜୁବାଦାମ୍: ୨୫ଟି
-ଦ୍ରାକ୍ଷା: ୨୦ଟି
-ଅଳେଇଚ: ୧୦ଟି
-ଗୋଲମରିଚ: ୨୦ଟି
-ଗୁଆଘିଅ: ୧୫୦ଗ୍ରାମ୍
-କୋରା ନଡ଼ିଆ: ଫାଳେ
-ଛୋଟ କଦଳୀ ପତ୍ର
-ସ୍ୱାଦ ଅନୁସାରେ ଲୁଣ

**ପ୍ରଣାଳୀ:**



ପ୍ରଥମେ ଚାଉଳକୁ ଦୁଇ ଘଣ୍ଟା ବତୁରାଇ ଦିଅନ୍ତୁ । ଦୁଇ ଘଣ୍ଟା ପରେ ତାକୁ ଛାଣି ବହଳିଆ କରି ଗ୍ରାଇଣ୍ଡିଂ କରିଦିଅନ୍ତୁ । ବୋଇତାଳୁର ଚୋପା ଛଡ଼ାଇ ଧୋଇ ଛୋଟ ଛୋଟ ଖଣ୍ଡ କରି କାଟି ସିଝାଇ ଦିଅନ୍ତୁ । ବୋଇତାଳୁ ଥଣ୍ଡା ହେଲା ପରେ ଚାଉଳ ଗୁଣ୍ଡରେ ମିଶାଇ ଚକଟନ୍ତୁ । ଚିନିକୁ ଗ୍ରାଇଣ୍ଡିଂ କରି ସେହି ମିଶ୍ରଣରେ ଗୋଳାଇ ଦିଅନ୍ତୁ । କାଜୁ, ଦ୍ରାକ୍ଷାକୁ ଅଳ୍ପ ଆଞ୍ଚରେ ଭାଜି ଦିଅନ୍ତୁ । ତା' ପରେ କାଜୁ, ଦ୍ରାକ୍ଷା, ନଡ଼ିଆ କୋରା, ଅଳେଇଚ, ଗୋଲମରିଚକୁ ଗୁଣ୍ଡ କରି, ଲୁଣ ପକାଇ ଗୋଳାଇ ଦିଅନ୍ତୁ । ସବୁକୁ ୫ ରୁ ୭ ମିନିଟ୍ ପର୍ଯ୍ୟନ୍ତ ଭଲ ଭାବେ ଫେଣ୍ଟି ଦିଅନ୍ତୁ । ପ୍ରେସର କୁକର୍‌କୁ ଗ୍ୟାସ୍‌ରେ ବସାଇ ଢାଙ୍କୁଣୀ ବାହାର କରି ପାଞ୍ଚ ମିନିଟ୍ ଧିମା ଆଞ୍ଚରେ ବସେଇ ଦିଅନ୍ତୁ । କଦଳୀ ପତ୍ରକୁ ଭଲ ଭାବେ ଧୋଇ ସେଥିରେ ଅଧାଘିଅ ଲଗେଇ ଦିଅନ୍ତୁ । ଆଉ ଅଧାଘିଅକୁ ପ୍ରେସର କୁକୁର୍ ଭିତର ସାରା ବୋଳିଦେଇ ପିଠଉକୁ ଢାଳି ଦେଇ ଗ୍ୟାସ୍‌ରେ ବସେଇ ଦିଅନ୍ତୁ । ଟିକେ ସିଝିଗଲା ପରେ ଢାଙ୍କୁଣୀର ହୁଇସିଲ୍ କାଢ଼ି ଢାଙ୍କୁଣୀ ଦେଇ ଧିମା ଆଞ୍ଚରେ ୪୫ ମିନିଟ୍ ବସାନ୍ତୁ । ସିଝିଗଲେ ପିଠା ବାସ୍ନା ଆସିବ । ତା' ପରେ ଗୋଟିଏ ଥାଳିରେ କାଢ଼ି ଦିଅନ୍ତୁ । ପୂରା ଥଣ୍ଡା ହେଲା ପରେ ପତ୍ର ବାହାର କରି ଛୁରିରେ ଖଣ୍ଡ ଖଣ୍ଡ କରି କାଟି ସମସ୍ତଙ୍କୁ ଖାଇବାକୁ ପରଷି ଦେବା ସହ ନିଜେ ମଧ୍ୟ ଖାଆନ୍ତୁ । ଓଭାନ୍ କିମ୍ବା ନନ୍‌ଷ୍ଟିକ୍ କଡ଼େଇରେ ପୋଡ଼ପିଠା ତିଆରି କଲେ କଦଳୀ ପତ୍ରର ଆବଶ୍ୟକ ନାହିଁ । ଗୋଟେ ଛୋଟ ଗ୍ଲାସ୍‌ରେ ଅଧାପାଣି ରଖି ପିଠା ମଝିରେ ରଖିଦେଲେ ପିଠା ମଝି କଞ୍ଚା ରହେନି ।

# ଶହେ ଭାଷା କହିପାରୁଥିବା ରୋବୋଟ୍



ଇରାନ୍‌ର ତେହେରାନ୍ ବିଶ୍ୱବିଦ୍ୟାଳୟ ଏଭଳି ଏକ ରୋବୋଟ୍ ତିଆରି କରିଛି ଯାହା ଶହେଟି ଭିନ୍ନ ଭିନ୍ନ ଭାଷା ବୁଝିପାରିବା ସହ ଅନୁବାଦ ବି କରିପାରୁଛି । କେବଳ ଏତିକି ନୁହେଁ ଏହା ମୁହଁ ଚିହ୍ନିବା ସହ ଫୁଟବଲ୍‌କୁ କିକ୍ ମାରିପାରେ । ଆଇଆର୍‌ଆଇବି ଟିଭି ରିପୋର୍ଟ ଅନୁସାରେ, ବିଶ୍ୱବିଦ୍ୟାଳୟର ଏକ ଟିମ୍ ଚାରି ବର୍ଷ ଧରି ଏହି ରୋବୋଟ୍‌କୁ ତିଆରି କରିଥିଲେ । ଏହାର ନାଁ 'ସୁରେନା' । ରିପୋର୍ଟ ଅନୁସାରେ ଏହି ରୋବୋଟ୍ ଯେ କୌଣସି ଜିନିଷକୁ ଉଠାଇପାରିବ । ଖାଲି ସେତିକି ନୁହେଁ, ଲୋକମାନଙ୍କ ସହ ହାତ ମିଳାଇ ଅଭିନନ୍ଦନ ଜଣାଇପାରିବ । ସୂତ୍ର ଅନୁସାରେ, ୧୭୦ ସେଣ୍ଟିମିଟର୍ ଲମ୍ବ ଏବଂ ୭୦ କିଲୋଗ୍ରାମ୍ ଓଜନର ସୁରେନା ଘଣ୍ଟା ପ୍ରତି ୦.୭ କିଲୋମିଟର୍ ଗତିରେ ଚାଲିବାକୁ ସକ୍ଷମ ଏବଂ ଆବଡ଼ା-ଖାବଡ଼ା ଜାଗାରେ ଆଗପଛ ତଥା ବାମ-ଡାହାଣକୁ ମୁହଁ ବୁଲାଇପାରିବ ।

# ବୌଦ୍ଧ ପ୍ରତିମା ଗାଁ



ଜାପାନ୍ ଅନ୍ତର୍ଗତ ଓ୍ୱସାବାନୋର ଏକ ଗାଁ ନାମ- 'ଫୁରିଆଇ ସେକିବୁତ୍‌ସୁ ନୋ ସାତୋ' । ଏହାର ଅର୍ଥ- 'ଯେଉଁ ଗ୍ରାମରେ ବୌଦ୍ଧ ପ୍ରତିମାମାନଙ୍କୁ ଭେଟିବ' । ସେଠାରେ ମୋଟ ଆଠ ଶହଟି ପ୍ରତିମା ରହିଛି । ତନ୍ମଧ୍ୟରୁ ଅର୍ଦ୍ଧାଧିକ ବିଭିନ୍ନ ବୌଦ୍ଧ ଦେବା-ଦେବୀଙ୍କର । ମୁତ୍‌ସୁ ଫୁରୁକାଓ୍ୱା ନାମକ ବିତ୍ତଶାଳୀ ବ୍ୟକ୍ତି ୧୯୮୯ରେ ପ୍ରତିମାଗଡ଼ିକୁ ଗଢ଼ାଇ, ସ୍ଥାପିତ କରାଇଥିଲେ । ଏ ବାବଦରେ ସେତେବେଳେ ବ୍ୟୟ କରିଥିଲେ ୪.୪ କୋଟି ପାଉଣ୍ଡ୍ ଷ୍ଟର୍ଲିଂ । ମୁତ୍‌ସୁଙ୍କ ମୃତ୍ୟୁ ପରେ କେହି ରକ୍ଷଣାବେକ୍ଷଣା କରି ନଥିଲେ । ପ୍ରତିମାଗୁଡ଼ିକ ପରିତ୍ୟକ୍ତ ଅବସ୍ଥାରେ ପଡ଼ିରହି ଏବେ ଏକ ଭୌତିକ ପରିବେଶ ସୃଷ୍ଟି କରିଛି ।



## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

# ସଂକଟ...

ସଂପ୍ରତି ଯେତେବେଳେ ୨୦୨୦ ଚାର ଶେଷାର୍ଧ ଆଡ଼କୁ ପାଦ ବଢ଼ାଇଛି ଏବଂ କରୋନା 'ପାନ୍‌ଡେମିକ୍' ଦ୍ୱାରା ଜର୍ଜରିତ ଯୁକ୍ତରାଷ୍ଟ୍ର ଆମେରିକା ଆଉ ମାତ୍ର ଚାରି ମାସ ପରେ ନିର୍ବାଚନର ସମ୍ମୁଖୀନ ହେବାକୁ ଯାଉଛି; ସେତିକି ବଳେ ଉବଦ୍ରବୀ ଚୀନର ପରାକ୍ରମୀ ପ୍ରଭାବ ବିସ୍ତାର ପରିପ୍ରେକ୍ଷୀରେ ବିଶ୍ୱର ଅନେକତ୍ର ଆଶଙ୍କା ପ୍ରକାଶ ପାଇଲାଣି ଯେ ୨୦୨୦ ପରବର୍ତ୍ତୀ ପରିଲକ୍ଷିତ ହୋଇପାରେ । ଏ ସଂଦର୍ଭରେ ପ୍ରସିଦ୍ଧ ଆମେରିକୀୟ ଲେଖକ ତଥା ରାଜନୈତିକ ପର୍ଯ୍ୟବେକ୍ଷଣ ରିଚାର୍ଡ ହାସଙ୍କ ମତ ପ୍ରଣିଧାନଯୋଗ୍ୟ, ଯାହା କହିଥାଏ ଯେ ଏଭଳି ଏକ ସ୍ଥିତି ଯଦି ସତରେ ପରିଦୃଷ୍ଟ ହୁଏ, ତେବେ ଏଥିଲାଗି ସର୍ବାଧିକ ଦାୟୀ ରହିବ ସ୍ୱୟଂ ଯୁକ୍ତରାଷ୍ଟ୍ର ଆମେରିକା । ଉଲ୍ଲେଖଯୋଗ୍ୟ ଯେ ୨୦୦୧ ମସିହାରେ ନ୍ୟୁୟର୍କ ମହାନଗରୀରେ ଅବସ୍ଥିତ ଆମେରିକୀୟ ଶୌର୍ଯ୍ୟର ପ୍ରତୀକ 'ବିଶ୍ୱ ବାଣିଜ୍ୟ କେନ୍ଦ୍ର'ଟି 'ଅଲ କାଇଦା' ଆତଙ୍କବାଦୀଙ୍କ ଆକ୍ରମଣରେ ଚୂର୍ଣ୍ଣୀଭୂତ ହୋଇଯିବା ପରେ ତତ୍କାଳୀନ ରାଷ୍ଟ୍ରପତି ଜର୍ଜ ବୁସ କେବଳ ଗୋଟିଏ ଉଦ୍ଦେଶ୍ୟ ସାଧନରେ ବ୍ରତୀ ହୋଇଯାଇଥିଲେ, ଯାହା ଥିଲା ଇସଲାମୀୟ ଆତଙ୍କବାଦର ନିର୍ମୂଳନ, ଯାହାର ଫଳଶ୍ରୁତି ଥିଲା ଆଫଗାନିସ୍ତାନ ଓ ପରେ ଇରାକ ଉପରେ ଆକ୍ରମଣ । ସେହି ସମୟରେ ବିଶ୍ୱ ମଞ୍ଚରେ ଆଉ ଏକ ଦୃଶ୍ୟ ଅଭିନୀତ ହୋଇଥିଲା, ଯାହା ହେଉଛି ଯୁକ୍ତରାଷ୍ଟ୍ର ଆମେରିକାର ପ୍ରତ୍ୟକ୍ଷ ତଥା ପରୋକ୍ଷ ସମର୍ଥନରେ 'ଆରବ ସ୍ପ୍ରିଂ' ବା 'ଆରବ ବସନ୍ତ' ଅଭିଯାନର ପ୍ରାରମ୍ଭ । ଏହା ଫଳରେ ଆରବ ବିଶ୍ୱର ଅନେକ ରାଷ୍ଟ୍ର ଏକଛତ୍ରବାଦୀ ଶାସନରୁ ମୁକ୍ତ ହୋଇଯିବେ ବୋଲି ଏକ ଧାରଣା ମଧ୍ୟ ସୃଷ୍ଟି ହୋଇଥିଲା । ଅବଶ୍ୟ ଯୁକ୍ତରାଷ୍ଟ୍ର ଆମେରିକାର ଏହି ପ୍ରୟାସ ବଳରେ ପୃଥିବୀରେ ଇସଲାମୀୟ ଆତଙ୍କବାଦର ଗୋଟିଏ ଅଧ୍ୟାୟ ପରିସମାପ୍ତ ('ଅଲ କାଇଦା'ର ନେତା ଓସାମା ବିନ୍ ଲାଡେନ ଓ 'ଆଇ.ଏସ୍.ଆଇ.ଏସ୍.'ର ନେତା ଆଲ ବାଗଦାଦୀର ନିଧନ ସହିତ) ଘଟିଛି, କିନ୍ତୁ ଇସଲାମୀୟ ଆତଙ୍କବାଦୀର ଯେ ବିଲୁପ୍ତି ଘଟିଛି ଘଟିଛି ତାହା ସନ୍ଦିହାନ ଏବଂ ସେହିଭଳି ଆରବ ବିଶ୍ୱରେ ଗଣତନ୍ତ୍ରର ଅଭ୍ୟୁଦୟ ମଧ୍ୟ କେବଳ ଆଂଶିକ ଭାବେ ସଫଳ ହେବା ସହିତ ସିରିଆ ଓ ୟେମେନ ଭଳି ରାଷ୍ଟ୍ରରେ ଏ ଯାବତ୍ ଅବର୍ଣ୍ଣନୀୟ ରକ୍ତପାତ ଓ ହିଂସା ଘଟି ଚାଲିଛି । ଏଭଳି ସ୍ଥଳେ ସଂପ୍ରତି ଯୁକ୍ତରାଷ୍ଟ୍ର ଆମେରିକା ସଂପ୍ରତି ଯାହା ଅବିଷ୍କାର କରୁଛି, ତାହା ହେଲା ଏହି ଦୁଇ ଦଶନ୍ଧି ସମୟ ଖଣ୍ଡ ମଧରେ ଯଦି ତାହା ଆବିଷ୍କାର କରୁଛି, ତାହା ହେଲା ଏହି ଦୁଇ ଦଶନ୍ଧି ସମୟ ଖଣ୍ଡ ମଧରେ ଯଦି ତାହା ଇସଲାମୀୟ ଆତଙ୍କବାଦ ବିରୋଧୀ ଯୁଦ୍ଧରେ ଅନ୍ଧଭଳି ବ୍ୟାପୃତ ନ ହୋଇ ଅନ୍ୟ କିଛି ଦିଗରେ ସୁଦୂରପ୍ରସାରୀ ଦୃଷ୍ଟି ନିକ୍ଷେପ କରିଥାଆନ୍ତା, ତେବେ ହୁଏତ ଚୀନର ଆକ୍ରମକ ଉଚ୍ଚାଭିଳାଷକୁ ପୂର୍ବରୁ ଦେଖିପାରି ତାହାର ପ୍ରତିରୋଧ କରିବାର ଉଦ୍ୟମ କରିଥାଆନ୍ତା; ଫଳରେ ତାର ପ୍ରଭୁତ୍ୱ ଏବେ ଯେଉଁଭଳି ସଂକଟଗ୍ରସ୍ତ ହୋଇଛି, ସେଭଳି ହୋଇ ନଥାଆନ୍ତା । ଏହି ପରିପ୍ରେକ୍ଷୀରେ ରିଚାର୍ଡ ହାସଙ୍କ ମତ ବିଶେଷ ଗୁରୁତ୍ୱ ବହନ କରିଥାଏ । ସେ କହିଛନ୍ତି ଯେ ଯୁକ୍ତରାଷ୍ଟ୍ର ଆମେରିକାର ବୈଦେଶିକ ନୀତି ଗତ ଦୁଇ ଦଶନ୍ଧି ମଧ୍ୟରେ ତିନି ରାଷ୍ଟ୍ରପତି ଯେଭଳି କି ଜର୍ଜ ବୁଶ ଜୁନିଅର, ବାରାକ ଓବାମା ଏବଂ ଡୋନାଲଡ ଟ୍ରମ୍ପଙ୍କ ମଧ୍ୟ ଦେଇ ଗତି କରି ଏଭଳି ବିବିଧତା ତଥା ଅନେକ ସମୟରେ ପରସ୍ପର ବିପରୀତ ମନୋଭାବ ବହନକାରୀ ଆଭିମୁଖ୍ୟ ପ୍ରଦର୍ଶନ କରିଛି ଯେ ତହିଁରୁ ସୃଷ୍ଟି ସ୍ଥିତି ଦ୍ୱାରା ଯୁକ୍ତରାଷ୍ଟ୍ର ଆମେରିକାର ପ୍ରଭୁତ୍ୱ ହିଁ ଦାରୁଣ ଭାବେ କ୍ଷୁର୍ଣ୍ଣ ହୋଇଛି । ଉଦାହରଣ ସ୍ୱରୂପ ଦେଖିବାକୁ ମିଳିଛି ଯେ ଆଫଗାନିସ୍ତାନରେ ତାଲିବାନ ଆତଙ୍କବାଦୀଙ୍କ ବିରୋଧରେ ଯୁଦ୍ଧ ପ୍ରାରମ୍ଭ କରିଥିବା ଆମେରିକା ଦୁଇ ଦଶନ୍ଧି ପରେ ତାର ଲକ୍ଷ୍ୟ ସାଧନରେ ଅସଫଳ (ଆଫଗାନିସ୍ତାନକୁ ତାଲିବାନଙ୍କ କବଳରୁ ମୁକ୍ତ କରି ଏକ ଗଣତନ୍ତ୍ର ପ୍ରତିଷ୍ଠା) ରହିବା ସତ୍ତ୍ୱେ ସଂପ୍ରତି ସେହି ତାଲିବାନ ଆତଙ୍କବାଦୀଙ୍କ ସହିତ ଏକ ଗଣତନ୍ତ୍ର ପ୍ରତିଷ୍ଠା) ରହିବା ସତ୍ତ୍ୱେ ସଂପ୍ରତି ସେହି ତାଲିବାନ ଆତଙ୍କବାଦୀଙ୍କ ସହିତ ଏକ ଚୁକ୍ତି ସ୍ୱାକ୍ଷର ପୂର୍ବକ ସେଠାରୁ ସୈନ୍ୟ ଅପସାରଣ କରିବା ପ୍ରକରଣ ଆରମ୍ଭ କରିଛି । ଫଳତଃ ଆଫଗାନିସ୍ତାନରେ ଆମେରିକାର ଉଦ୍ୟମ ଓ ସମର୍ଥନରେ ପ୍ରତିଷ୍ଠିତ ଏକ ଗଣତନ୍ତ୍ରିକ ସରକାର ଅତ୍ୟନ୍ତ ଦୁର୍ବଳ ସ୍ଥିତିରେ ଥିଲା ବେଳେ କ୍ରୂର ତାଲିବାନର କରୁଣାଶ୍ରିତ ହୋଇ ଅସହାୟ ହୋଇପଡ଼ିଛି । ସେହିଭଳି ବିଶ୍ୱକୁ ନେତୃତ୍ୱ ପ୍ରଦାନ କରିବା ଦାୟିତ୍ୱରୁ ଓହରି ଯିବାର ଆହୁରି ଦୁଇଟି ଗୁରୁତ୍ୱପୂର୍ଣ୍ଣ ଦୃଷ୍ଟାନ୍ତ ହେଉଛି ପ୍ୟାରିସ ଜଳବାୟୁ ଚୁକ୍ତିରୁ ବାହାରି ଯିବା ଏବଂ କରୋନା 'ପାନ୍‌ଡେମିକ୍'ର ଘନଘଟା ମଧ୍ୟରେ 'ବିଶ୍ୱସ୍ୱାସ୍ଥ୍ୟ ସଂଗଠନ' (ଚୀନର ବୋଲକରା ହୋଇଥିବାର ଅଭିଯୋଗ କରି) ଠାରୁ ଦୂରେଇ ଯିବା । ଏଭଳି ନିଷ୍ପତ୍ତି ଦ୍ୱାରା ଆମେରିକା ଯେଉଁ ସନ୍ଦେଶ ପ୍ରଦାନ କରିଛି, ତାହା ହେଲା ଯୁକ୍ତରାଷ୍ଟ୍ର ଆମେରିକା ଆଉ ବିଶ୍ୱକୁ ନେତୃତ୍ୱ ଦେବାକୁ ଆଗ୍ରହୀ ନୁହେଁ । କିନ୍ତୁ ଉଲ୍ଲେଖଯୋଗ୍ୟ ଭାବେ କରୋନା କାଳୀନ ବିପର୍ଯ୍ୟୟ ବେଳେ ଏହି ଆମେରିକୀୟ ଅନାଗ୍ରହ ଯେ ତାର ଏକ ଅସାମର୍ଥ୍ୟ; ସେଭଳି ଆଭାସ ମିଳିବାରେ ଲାଗିଛି । ଏହା କହିବା ଅନାବଶ୍ୟକ ଯେ କୋଭିଡ୍ 'ପାନ୍‌ଡେମିକ୍'ର ସ୍ଥିତି ଏବଂ ନଭେମ୍ବର ୩ ତାରିଖରେ ହେବାକୁ ଥିବା ଆମେରିକୀୟ ନିର୍ବାଚନ ଫଳାଫଳ ହୁଏ'ତ ସ୍ୱଷ୍ଟ କରିବ ଯେ ଆଗାମୀ ଦିନରେ ବିଶ୍ୱ ଉପରେ ପ୍ରଭୁତ୍ୱ ଦାବିରେ ଆମେରିକାର କେତେ ଦମ୍ ରହିବ । ରିବାର୍ଡ ହାସଙ୍କ ମତରେ ଏକ ଗଣତାନ୍ତ୍ରିକ ରାଷ୍ଟ୍ର ପୁଣି ଯହିଁରେ ସଂପ୍ରତି ବାମ ଓ ଦକ୍ଷିଣ ପନ୍ଥୀଙ୍କ ମଧ୍ୟରେ ଧ୍ରୁବୀକରଣ ଅତ୍ୟନ୍ତ ଗଭୀର ହୋଇସାରିଛି; ସେଭଳି ସ୍ଥଳେ ଏହା ହୁଏତ ଏକଛତ୍ରବାଦୀ ଚୀନକୁ ଏକ ସୁବର୍ଣ୍ଣ ସୁଯୋଗ ପ୍ରଦାନ କରିପାରେ । କାରଣ ଉପଦ୍ରବୀ ଉଚ୍ଚାଭିଳାଷକୁ ସାକାର କରିବା ଲାଗି ଯେଉଁ ଦୃଢ଼ମନସ୍କ ଓ ନିରଙ୍କୁଶ ନେତୃତ୍ୱର ଆବଶ୍ୟକତା ରହିଛି ତାହା ଏବେ ଏକଛତ୍ରବାଦୀ ଚୀନ ଠାରେ ହିଁ ଉପଲବ୍ଧ ।




## ତୁମେ ଆସିଛ ବୋଲି...

କୁନା ସେଠୀ

ତୁମେ ଆସିଲ ବୋଲି ଶ୍ରାବଣ
ମେଘ ଆଜି ହୁଏ ଛନ ଛନ
ଆକାଶରେ କେତେ ରୂପେ
ସଜାଏ ବଦନ ।

ତୁମେ ଆସିଛ ବୋଲି ଶ୍ରାବଣ
ଗଛଲତା ମଥାକୁ ହଲାଇ
ବରଷା ର ସଙ୍ଗୀତକୁ
ଯାଉଛନ୍ତି ଗାଇ ।

ତୁମ ଆଗମନେ ପରା ଶ୍ରାବଣ
ମଣ୍ଡୁକର ଖୁସି ଶହେ ଗୁଣ
ସାରୁବୁଦା ମୂଳେ ବସି
ହୁଏ ଗୁଣ ଗୁଣ ।

ତୁମକୁ ଦେଖିଲା ପରେ ଶ୍ରାବଣ
କୃଷକର ମନ ଛନ ଛନ
ହଳ ଲଙ୍ଗଳକୁ ଧରି
ବୁଣଇ ବିହନ ।

ତୁମ ପରଶ ପାଇଲେ ଶ୍ରାବଣ
ଧରା ପରା ସାଜି ନୂଆ ବେଶ
ସବୁଜ ଶ୍ୟାମଳ ବର୍ଣ୍ଣେ
ଦିଶେ ହସ ହସ ।

ତୁମ ଆସିବାର ଜାଣି ଶ୍ରାବଣ
କାଉଡ଼ିଆ ବାହୁଙ୍ଗା ସଜାଏ ।
ନଦୀରୁ ଜଳ ଧରି
ଶିବ ନାମ ଗାଏ ।

ତୁମେ ଆସିଅଛ ବୋଲି ଶ୍ରାବଣ
ଶିବ ମନ୍ଦିର ଗହଳି ଶୁଭେ
ବୋଲବମ୍ ଗୀତ ଗାଇ
ମହା ପୁଣ୍ୟ ଲଭେ ।

ଶ୍ରାବଣ ତୁମେ ତ ମାସର ସାର
ଆଣିଅଛ ବରଷାର ଧାର
ବରଷା ଋତୁରେ ସାର
ଲଭ ପୁଣ୍ୟ ଘୋର ।

+ ଭୂତସରସିଙ୍ଗି, ଗଞ୍ଜାମ

# ବିଜ୍ଞାନର ଉନ୍ମାଦନା, ସାହିତ୍ୟ ଆଜି କାରାଗାରରେ, ଦର୍ଶନ ଅନ୍ତର୍ଦ୍ଧାନ !

ପଙ୍କଜ କୁମାର ପାଣିଗ୍ରାହୀ

ପାଶ୍ଚାତ୍ୟର କୁହେଳିକାରେ ବିଭୋର
ନିର୍ବୋଧ ମଣିଷ,
ଜନ୍ମଦିନଠାରୁ ଅଧରେ ସ୍ତନ୍ୟପାନ କରାଇ
କର୍ଣ୍ଣରେ ଫୁଙ୍କିଥିବା ମାତୃଭାଷାର ମମତା ଓ
ମାନବ ଜୀବନର ମାର୍ଗଦର୍ଶନକାରୀ
ପ୍ରେରଣାର ମହକକୁ ପ୍ରତ୍ୟାଖ୍ୟାନ କରି
ପ୍ରଗତିର କେଉଁ ଲକ୍ଷ ଭେଦ କରିବାରେ
ନିମଗ୍ନ,
ନିଜ ସ୍ମରଣିକା ବହିର୍ଭୂତ !
ତଥାପି ଅପେକ୍ଷାରତ କେଉଁଠି ପଥର
ଅନ୍ତ.......?!!

ମାନବିକ ଅବଚେତନ ଜ୍ଞାନ, ସାମାଜିକ ସଚେତନତା ଓ ପ୍ରତିବାଦ, ସାଧୁଜନଙ୍କ ସକ୍ରିୟତା ଏବଂ ଶାସନକଳର କଟକଣାର ବ୍ୟାପକ ଅଭାବ ଜନିତ ଆମ ଦେଶରେ ଯିଏ ଯାହା ଇଚ୍ଛା, କରିବାରେ ସମର୍ଥ ହୁଅନ୍ତେ ଅଜ୍ଞାନ, ଅଧମ ମଣିଷ ସାମାଜିକ ସ୍ଥିତି ସହିତ କେବଳ ନିଜକୁ ତାଳଦେଇ ଚାଲିବା ଛଡା ଅଧିକା କିଛି ଶିକ୍ଷା ପାଇପାରୁନାହାନ୍ତି ! ଏକ ଦୁର୍ବଳମାନସିକପ୍ରବଣ ଚତୁର ଗୋଷ୍ଠୀ ସମଗ୍ର ସମାଜକୁ କବଳିତ କରି ଅହରହ ଲୁଣ୍ଠନ କରିଚାଲିଥିବା ବେଳେ ସେମାନଙ୍କ ମିଥ୍ୟା ପ୍ରଚାର, ପ୍ରସାରରେ ନିମଗ୍ନ ଏକପ୍ରକାର ଭାବବିହ୍ୱଳ ହୋଇ ଅଲୌକିକ ସ୍ୱପ୍ନ ଦେଖିବାକୁ ପଛାଉନାହାନ୍ତି ସାଧାରଣ ମଣିଷ, ଯାହା ସେମାନଙ୍କୁ ପରୋକ୍ଷରେ ପ୍ରତାରଣା କରିଚାଲିଛି ! ଏହି ପରିପ୍ରେକ୍ଷୀରେ କେମିତି ସର୍ବସାଧାରଣ କୁହେଳିକାର ଧୂଆଁବାଣରେ ମିଥ୍ୟା ତଥ୍ୟ, ତତ୍ତ୍ୱ ଗୁଡିକୁ ପ୍ରଗତିର କିରଣ ତଥା ଜ୍ଞାନର ଭଣ୍ଡାର ଭାବେ ଗ୍ରହଣ କରିନେଇ, ପୁଣି ସେସବୁର ପ୍ରଚାର, ପ୍ରସାର ଦିଗରେ ନିଜକୁ ନିୟୋଜିତ କରି ନିଜେ ଲୁଣ୍ଠିତ, ପ୍ରତାରିତ ହେବାସହ ସମାଜକୁ ନିମ୍ନଗାମୀ କରିବାରେ ସହାୟକ ହେଉଛନ୍ତି ବିଚାରକରି ଦେଖିବା...........!

ଭାଷା, ସାହିତ୍ୟର ଉତ୍ପତ୍ତି ଦ୍ୱାରା ସାମାଜିକ ଚେତନାର ଅୟମାରମ୍ଭ ହୋଇ ମନରେ ଦାର୍ଶନିକ ତତ୍ତ୍ୱ ଏବଂ ବିଭିନ୍ନ ପ୍ରାୟୋଗିକ ବିଚାର ସୃଷ୍ଟିହେବା ଫଳରେ ଆଜି ବୈଜ୍ଞାନିକ ପ୍ରଗତିର ଚରମ ସୀମାରେ ପହଞ୍ଚି ପାରିଛି ମଣିଷ । ଏକବିଂଶ ଶତାବ୍ଦୀର ପ୍ରାଚୁର୍ଯ୍ୟ ମଧ୍ୟରେ ନିଜର ହିତାହିତ ଜ୍ଞାନର ସନ୍ତୁଳନ ରକ୍ଷା ନକରିପାରି ପ୍ରାରମ୍ଭିକ ଉପାଦାନ ଗୁଡିକୁ ଭୁଲିଯାଇଥିବା ହେତୁ ଦାର୍ଶନିକ ଅବଚେତନା ତଥା ସୃଜନଶୀଳତା ଆଉ ଦେଖିବାକୁ ମିଳୁନାହିଁ କାହା ପାଖରେ ! ଦାର୍ଶନିକ ତତ୍ତ୍ୱର ରୂପାନ୍ତରିତ ତଥ୍ୟ ପାର୍ଥିବ ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ମାଧ୍ୟମରେ ମଣିଷକୁ ଚତୁର୍ଦ୍ଦିଗରୁ ଅଶେଷ ସୁଖ, ସମ୍ପଦ ଦେଇଥିବା ହେତୁ ଏକ ଉନ୍ନତ ପାରିପାର୍ଶ୍ୱିକ ପରିବେଶ ସୃଷ୍ଟି ହୋଇଛି ବିଶ୍ୱବ୍ୟାପୀ । ଇତିମଧ୍ୟରେ ଏହି ଉନ୍ନତିର ଭିତ୍ତିଭୂମି ଭାଷା, ସାହିତ୍ୟ ଏବଂ ତାହାର ପ୍ରତିଫଳନ ଦର୍ଶନଜ୍ଞାନକୁ ହେୟଜ୍ଞାନ କରି କେବଳ ପାର୍ଥିବ ସୁଖରେ ବିମୋହିତ ହୋଇ ମାନବିକ ତତ୍ତ୍ୱ ହରାଇ ବସିଥିବା ମଣିଷର ଭବିଷ୍ୟତ ପିଢ଼ି ଗୋଟିଏ ଗୋଟିଏ ଯନ୍ତ୍ର ମାନବରେ ପରିଣତ ହେବା ଖୁବ ଅନୁମେୟ ! ସୃଜନଶୀଳତା, ମାନବ ଧର୍ମ କ'ଣ ସ୍ୱତଃ ଅନୁଭବ ହେବାତ ଦୂରର କଥା କହିଲେ ମଧ ଆଉ ବୁଝୁନାହିଁ କାହାକୁ, ପୁଣି ପରିହାସର ପରିସରଭୁକ୍ତ ହେବାକୁ ପଡୁଛି !! କାହା ପ୍ରଭାବରେ ଏତେବଡ଼ ପରିବର୍ତ୍ତନ ସମ୍ଭବ ହେଲା ଏବଂ ତାହାର ସୁପ୍ରଭାବ, କୁପ୍ରଭାବ ଗୁଡିକୁ ଅନୁଶୀଳନ କଲେ ଜଣାଯାଏ ଯେ..................

ବିଜ୍ଞାନ ଆକ୍ଷରିକ ଶବ୍ଦର ଓଡ଼ିଆ ଭାଷା ସାହିତ୍ୟରେ ଦୁଇ ପ୍ରକାର ଅର୍ଥ କରାଯାଏ ଯାହା ସମ୍ପୂର୍ଣ୍ଣଭାବେ ବିପରୀତ ଧର୍ମୀ ! ଯଥା, ବିଶେଷ ଜ୍ଞାନ = ବିଜ୍ଞାନ ଏବଂ ବିଗତ ଜ୍ଞାନ= ବିଜ୍ଞାନ !! ସ୍ଥଳବିଶେଷକୁ ନେଇ ବୁଝିବାକୁ ହୋଇଥାଏ ତାହାର ଅର୍ଥ କେଉଁଠାରେ କ'ଣ ପ୍ରୟୋଜନ ! ବାସ୍ତବିକ ସାଧାରଣରେ ବିଶେଷ ଜ୍ଞାନକୁ ହିଁ ବିଜ୍ଞାନ ବୋଲି ବୁଝାଯାଇଥାଏ । ବର୍ତ୍ତମାନ କିନ୍ତୁ ସେହି ବାସ୍ତବଧର୍ମୀ ବିଶେଷ ଜ୍ଞାନ ବିଜ୍ଞାନକୁ ତାହାର ବିପରୀତଧର୍ମୀ ବିଗତ ହୋଇଥିବା ଜ୍ଞାନଭଳି ବ୍ୟବହାର କରାଯାଉଥିବା ଦେଖିବାକୁ ମିଳୁଛି ଯାହା କୁତ୍ସିତ ମଣିଷର କେଳେଙ୍କାରୀ ଚିନ୍ତନରୁ ଉଦ୍ଧୃତ ! ଯେଉଁ ବିଶିଷ୍ଟ ବୈଜ୍ଞାନିକମାନେ ପୂର୍ବରୁ ବିଜ୍ଞାନର ଭିତ୍ତିଭୂମି ପ୍ରତିଷ୍ଠା କରିଥିଲେ ସେମାନଙ୍କ ମାନବୀୟତାକୁ କ୍ଷିଣକରି ଆଜିର ମଣିଷ ଯାହାସବୁ କରୁଛି ସେସବୁ ସେମାନଙ୍କ ପ୍ରତି ଗୋଟିଏ ଶକ୍ତ ଅପମାନଜନକ ଧକ୍କା କହିଲେ ଅତ୍ୟୁକ୍ତି ହେବନାହିଁ ! ପାଶ୍ଚାତ୍ୟ ଦେଶ ଗୁଡିକରେ ଯଥେଷ୍ଟ କ୍ରିୟାଶୀଳ ବୈଜ୍ଞାନିକ ଅଗ୍ରଗତି ସମଗ୍ର ବିଶ୍ୱରେ ପ୍ରଭାବ ବିସ୍ତାର ପୂର୍ବକ ମଣିଷକୁ ଯେତିକି ସୁଖ ଦେଉଛି ତାହାଠାରୁ ଯଥେଷ୍ଟ ଅଧିକ ଅମାନୁଷିକ କରିଦେବାରେ କାହାର ଧ୍ୟାନ ନାହିଁ କିମ୍ୱା କେହି ବୁଝି ପାରୁନାହାନ୍ତି ! ବୈଜ୍ଞାନିକ ଉପାଦାନ ଗୁଡିକ ମଣିଷ ସମାଜକୁ ସୁଖ, ଶାନ୍ତି, ଆନନ୍ଦରେ ବଞ୍ଚିବାକୁ ଦେବା ସାଙ୍ଗକୁ ସାମାଜିକ ଉନ୍ନତିର ପଥପ୍ରଦର୍ଶକ ହେବବୋଲି ଲକ୍ଷରଖି ଯାହାସବୁ ମୂଳ ଗବେଷକ ମାନଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଥିଲା ସେଗୁଡିକୁ ବୈଜ୍ଞାନିକ ମନୋନିବେଶରେ କମ ବ୍ୟବସାୟରେ ଅଧିକ ବ୍ୟବହାର କରି ସମାଜକୁ ଲୁଣ୍ଠନ କରିବାରେ ଲାଗିପଡିଛନ୍ତି ଆଜିର ବୈଜ୍ଞାନିକ, ବ୍ୟବସାୟୀ ଦଳ ! ସାଧାରଣ ମଣିଷ ଅଜ୍ଞାନତା ବଶତଃ ସେମାନଙ୍କ ଚକ୍ରବ୍ୟୁହ ଭେଦକରିବାରେ ଅସାମର୍ଥ୍ୟ ହେତୁ ଏକରକମ ପ୍ରେମରେ ବାନ୍ଧିହୋଇ ସେସବୁ ନହେଲେ ଜୀବନ ନିସ୍ତାର ନାହିଁ ବୋଲି ଭାବୁଛନ୍ତି ! ବିଜ୍ଞାନର ବିଭିନ୍ନ କ୍ଷେତ୍ର ଗୁଡିକୁ ତର୍ଜମାକରି ଦେଖିଲେ ପୂର୍ବାପେକ୍ଷା ବର୍ତ୍ତମାନ ସତ୍ୟତା କମ ଏବଂ ମିଥ୍ୟାଭରା ପ୍ରଚାର ଅଧିକରୁ ଅଧିକ ହେଉଥିବା ଦେବାକୁ ମିଳିବ ଯାହା ଜନସାଧାରଙ୍କର ବୁଝିବା କ୍ଷମତା ପରିସରଭୁକ୍ତ ନୁହେଁ ! ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଗମନାଗମନ, ଯୋଗାଯୋଗ, ମନୋରନ, ପ୍ରଯୁକ୍ତିବିଦ୍ୟା ତଥା ବ୍ୟବସାୟିକ କ୍ଷେତ୍ର ଆଦିରେ ଆଜି ବିଜ୍ଞାନ ଯେଉଁ ଉଚ୍ଛୁଳା ଉନ୍ମାଦନା ସୃଷ୍ଟି କରିଛି ସେଇଥିରେ ମଣିଷ ଉପକୃତ ଯେତିକି ହେଉଛି ତାହାଠାରୁ ଯଥେଷ୍ଟ ଅଧିକ ଠକିହେଉଥିବା ସାଧାରଣ ଲୋକଙ୍କ ଜ୍ଞାନ ବହିର୍ଭୂତ ! କିନ୍ତୁ ସେହିସବୁ ବୈଜ୍ଞାନିକ ଉନ୍ନତିର ପାକ୍ଷିକ ସୁଖରେ ମଣିଷ ମନର ଉନ୍ମାଦନା ତାହାର ମାନବିକ ମୂଲ୍ୟବୋଧ ତଥା ପୂର୍ବ ସ୍ମୃତିକୁ ହଜାଇଦେଇ ଅହଙ୍କାର ଏବଂ ଅମାନୁଷିକ ଚିନ୍ତାଧାରାରେ କବଳିତ ହେଉଥିବା ବୁଝିପାରୁନାହାଁନ୍ତି ସାଧାରଣ ମଣିଷ ! ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ଜନିତ ନିଶ୍ଚିନ୍ତତା ମଣିଷ ମନରେ ଯେଉଁ ଅହଂଭାବ ସୃଷ୍ଟି କରୁଛି ତାହାଦ୍ୱାରା ସେ ନିଜର ସ୍ମରଣିକା ହଜାଇଦେଇ ବାସ୍ତବତାକୁ ପ୍ରତ୍ୟାଖ୍ୟାନ କରି ଅବାସ୍ତବ, ଅଲୌକିକ ଦିଗକୁ ପ୍ରଖର ମୁଖରିତ ! ତେଣୁ ସେହି ବୈଜ୍ଞାନିକ କ୍ଷେତ୍ରଦ୍ୱାରା ନିଜେ ଯଥେଷ୍ଟ ଠକିହେଉଥିବା ବେଳେ ବାସ୍ତବ, ମାନବିକ ଅବଚେତନରୁ ବହିର୍ଭୂତ ହେଉଥିବା ହେତୁ ନିଜର ସୃଜନଶୀଳତା ସୃଷ୍ଟି କରିବାରେ ଅସାମର୍ଥ୍ୟ ହୋଇ ଜୀବନ ଜାଳ ମଧରେ ଗତିକରୁଥିବା ଦେଖିବାକୁ ମିଳୁଛି ଯାହା ନିର୍ବୋଧତା ହେତୁ ସବୁଲୋକ ବୁଝି ପାରୁନାହାନ୍ତି ! ବୈଜ୍ଞାନିକ ଆବିଷ୍କାର, ଉଦ୍ଭାବନ ଗୁଡିକୁ ବିପଥଗାମୀ କରାଯାଇ ବ୍ୟବସାୟ ମାଧ୍ୟମରେ ବିଭିନ୍ନ କ୍ଷେତ୍ରରେ ସମାଜକୁ ଲୁଣ୍ଠନ କରିବାରେ ବ୍ୟସ୍ତ ଆଜିର ସମାଜ ବୈଜ୍ଞାନିକ ପଦ୍ଧତିରେ ବିଭିନ୍ନ ବିଧ୍ୱଂସାତ୍ମକ ଅପ୍ରାକୃତିକ ପ୍ରୟୋଗକରି ଚରାଚର ପ୍ରାଣୀଜଗତ, ମଣିଷ ସମାଜ ସହିତ ପ୍ରକୃତିକୁ ଅସନ୍ତୁଳିତ କରି କେବଳ ଧନ ଅର୍ଜନ କରି କ୍ଷମତା, ପ୍ରାଧାନ୍ୟତା ବିସ୍ତାର କରିବାରେ ବ୍ୟସ୍ତ କେଳେଙ୍କାରୀ ମଣିଷ ସମୂହ, ବିଜ୍ଞାନର ମର୍ଯ୍ୟାଦା କ୍ଷୁର୍ଣ୍ଣ କରିସାରିଲେଣି । ଅନ୍ୟ ପକ୍ଷରେ କେତେକ ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି/ଗୋଷ୍ଠୀ ବିଭିନ୍ନ ଅଲୌକିକ, ଅବାସ୍ତବ ତଥ୍ୟ ସହିତ ବସ୍ତୁବାଦୀ ବିଜ୍ଞାନକୁ ପ୍ରାୟୋଜିତ ଭାବେ ଯୋଡ଼ିଦେଇ ବିଭ୍ରାନ୍ତିକର ତଥ୍ୟ ପ୍ରଦାନ କରି ସମାଜକୁ ଲୁଣ୍ଠିତ, ପ୍ରତାରିତ କରୁଥିବାବେଳେ ନିର୍ବୋଧ ଶିକ୍ଷିତଙ୍କଠାରୁ ଆରମ୍ଭ କରି ଅଶିକ୍ଷିତ ଅଜ୍ଞାନ ପର୍ଯ୍ୟନ୍ତ ସମସ୍ତେ ସେଇଥିରେ ଭାବପ୍ରବଣ ହୋଇ ବାସ୍ତବତାର ରହସ୍ୟ ଉନ୍ମୋଚନ କରିବାରେ ଅସମର୍ଥ ହୋଇପଡୁଛନ୍ତି ! ଅର୍ଥାତ ସେହିମାନେ ନିଜେ ଏବଂ ନିଜ ପରିବାର ସହିତ ଏକ ବିଶେଷ ସାମାଜିକ କୁପ୍ରଭାବ ବିସ୍ତାର କରିବାରେ ସମଗ୍ର ମଣିଷ ସମାଜ ସମ୍ପୂର୍ଣ୍ଣଭାବେ ପ୍ରଭାବିତ, ବିପରୀତମୁଖୀ ହୋଇ ଚାଲିଥିବା ଅତ୍ୟନ୍ତ ପରିତାପର ବିଷୟ ! ହାତଗଣତି କିଛି ବୈଜ୍ଞାନିକ ଏବଂ ବ୍ୟବସାୟୀ ମାନଙ୍କ କବଳିତ ହୋଇ ଅଲୌକିକ ସ୍ୱପ୍ନ ରାଇଜରେ ନିଜକୁ ଭସାଇଦେଇ ଅତ୍ୟାଧୁନିକତାର ନରାଦେଇ ଚାଲିଥିବା ନିର୍ବୋଧ ଅନ୍ଧ ମଣିଷସମାଜ ବିଜ୍ଞାନର ସେହି ଉଚ୍ଛୁଳା ଉନ୍ମାଦନାରେ କେମିତି ପ୍ରତାରିତ ହୋଇ ନିଜ ଜୀବନଚର୍ଯ୍ୟାକୁ କଳୁଷିତ କରିବାରେ ସମର୍ଥ ହେବାସହିତ ସମଗ୍ର ସମାଜକୁ ଧରାଶାୟୀ କରିବାରେ ଲାଗିପଡିଛନ୍ତି, ସେହି ସବୁ ବିଷୟ ଗୁଡିକ ପର୍ଯ୍ୟାୟକ୍ରମେ ଆସନ୍ତା ସମୟରେ ଉପସ୍ଥାପନ କରିବା । ସମଗ୍ର ମଣିଷ ସମାଜରେ ବ୍ୟବହୃତ ବିଭିନ୍ନ ଖାଦ୍ୟ ପଦାର୍ଥ, ବ୍ୟବହାର୍ଯ୍ୟ ବସ୍ତୁ, ଉପକରଣ, କୃଷିଜାତ ଦ୍ରବ୍ୟ, ସ୍ୱାସ୍ଥ୍ୟ, ମନୋରନ ଠାରୁ ଆରମ୍ଭ କରି ବିଭିନ୍ନ କ୍ଷେତ୍ରରେ କିଭଳି ବୈଜ୍ଞାନିକ ପଦ୍ଧତିରେ ପ୍ରସ୍ତୁତ ଅପମିଶ୍ରଣ ଦ୍ୱାରା ସମାଜକୁ ଲୁଟିଚାଲିଛନ୍ତି କେଳେଙ୍କାରୀ ଦଳ ଭବିଷ୍ୟତରେ ତାହାରି ଉପରେ ପର୍ଯ୍ୟାୟକ୍ରମେ ଅନେକ ତଥ୍ୟମୂଳକ ଆଲେଖ୍ୟ ପ୍ରତିପାଦନ କରାଯିବ ! ସେଗୁଡିକ ପଢିଲେ ସାଧାରଣ ମଣିଷ ଜୀବନରେ କେବେ ଭାବିନଥିବା କଥା ଗୁଡିଏ ଜାଣିପାରିବେ ଯାହା ସେମାନଙ୍କ ଦ୍ୱାରା କେତେଦୂର ଗ୍ରହଣୀୟ / କାର୍ଯ୍ୟକାରୀ ହେବ ନିର୍ଭର ସେମାନଙ୍କ ନିଜ ନିଜ ବିଚାରଧାରା ଏବଂ ଭାବଜ୍ଞାନ ଉପରେ । ଭାଷା, ସାହିତ୍ୟ ମଣିଷ ସମାଜ ଗଠନର ଭିତ୍ତିଭୂମି ! ଭାଷା ବିନା ମଣିଷର ମଣିଷ ଅସମ୍ଭବ ! ସାହିତ୍ୟ ଭାଷାର ମର୍ମକୁ ପ୍ରଜ୍ୱଳିତ କରେ ଯାହା ସମାଜକୁ ଚଳଚଞ୍ଚଳ କରିବା ସହିତ ପ୍ରେମର ବାତାବରଣ ସୃଷ୍ଟିକରି ଏକ ସୁନ୍ଦର ମଣିଷ ସମାଜ ଗଠନ କରିବାରେ ସାହାଯ୍ୟ କରିଥାଏ ! ଭାଷା ଆଜି ବିକୃତ ! ସାହିତ୍ୟ ଆଜି ଜଡ଼ମାନସର କାରାଗାରରେ କବଳିତ ! ଭାଷାର ମହ ନାହିଁ, କି ସାହିତ୍ୟର ଉନ୍ମୁକ୍ତତା ନାହିଁ ! ଅର୍ଥାତ ଆଜିର ମଣିଷ ଭାଷା ଉପରେ ପ୍ରାଧାନ୍ୟତା ନଦେଇ କେବଳ ଯାହାକିଛି କହିଦେଲେ/ ଲେଖିଦେଲେ ଅନ୍ୟାପକ୍ଷ ବୁଝିଗଲେ ଯଥେଷ୍ଟ ବୋଲି ବିଚାର କରନ୍ତେ ସାହିତ୍ୟର ନିବିଡତା ମଳିନ ପଡିଯାଉଅଛି । ଶିକ୍ଷାକ୍ଷେତ୍ର ଠାରୁ ଆରମ୍ଭ କରି ସାମ୍ବିଧାନିକ କ୍ଷେତ୍ର ହେଉ କିମ୍ୱା ବିଭିନ୍ନ ଲିପିମାଧମରେ ଲେଖା ଦ୍ୱାରା ପ୍ରସାରିତ ବିଷୟ ଗୁଡିକ ଉପରେ ଲେଖକଙ୍କ ମହ ନାହିଁ କି ପାଠକଙ୍କ ଗୁରୁ ନଥିବା ଦେଖିବାକୁ ମିଳୁଛି। ସତ୍ୟ /ବାସ୍ତବତାକୁ ପରଖି ଦେଖିବା ପାଇଁ କାହାର ଉପଯୁକ୍ତତା ନାହିଁ କିମ୍ୱା ସମୟ ନାହିଁ । ଉପଯୁକ୍ତତା ଥିବା ମଣିଷର ସମାଜରେ ପରିଚୟ ନାହିଁ ! ବରଂ ସଂଖ୍ୟାଲଘୁ ଉପଯୁକ୍ତ ମଣିଷ ସମୂହ ଅଜ୍ଞାନ, ଅହଙ୍କାରୀ ପର୍ଯ୍ୟାପ୍ତଙ୍କ ଦ୍ୱାରା ପରିହାସ, ହେୟଜ୍ଞାନ ଏବଂ ସମାଲୋଚିତ ମଧ ହେଉଥିବା ଦେଖିବାକୁ ମିଳୁଛି । ଭାଷା, ସାହିତ୍ୟ ଉପରେ ପ୍ରଗାଢ଼ ଜ୍ଞାନ ନଥିବା ଅଧିକାଂଶ ମଣିଷ ବିଭିନ୍ନ କ୍ଷେତ୍ରରେ ନିୟୋଜିତ ହୋଇଥାଇ ଅଧିକାଂଶ କ୍ଷେତ୍ରରେ ଜଟିଳ ସାହିତ୍ୟ ଗୁଡିକୁ ବୁଝିନପାରି ସେଗୁଡିକୁ ହେୟଜ୍ଞାନ କରୁଥିବା ଦେଖିବାକୁ ମିଳୁଛି । (କ୍ରମଶଃ)

+ ସୋସିଆଲ ଫୋରମ (ଭାରତ)
ଛତ୍ରପୁର, ଗାମ.
ଦୂରଭାଷ. ୯୪୩୭୩୨୪୯୧୭.

# ଦି ଗ୍ରେଟ ଏସକେପ !

ଡାକ୍ତର ସୁରେନ୍ଦ୍ର ନାଥ ଦାଶ



୧୬୬୬ ମସିହା ଜୁଲାଇ ୨୦ ତାରିଖ ଦିନ ମରାଠା ମହାବୀର ଶିବାଜୀ ଆଉରଙ୍ଗଜେବଙ୍କର ଆଗ୍ରାଦୁର୍ଗର ବନ୍ଦୀଶାଳାରୁ ପଳାୟନ ଇତିହାସରେ ଦି ଗ୍ରେଟ ଏସକେପ ନାମରେ ଖ୍ୟାତି ପାଇଛି ଓ ପ୍ରମାଣ କରୁଛି, ବୁଦ୍ଧିର ଉଚିତ ପ୍ରୟୋଗ ଦ୍ୱାରା ଜଣେ ତାଠାରୁ ଅତି ଶକ୍ତିଶାଳୀ ଶତ୍ରୁ ଉପରେ ମଧ୍ୟ ବିଜୟ ଲାଭ କରି ପାରିବ, ଯାହା ଆଜି ମଧ୍ୟ ଚିନ ଭାତର ସଂଘର୍ଷରେ ପ୍ରାସଙ୍ଗିକତା ହୋଇଅଛି ।

ଏକ ସ୍ୱାଧିନ ହିନ୍ଦୁରାଷ୍ଟ୍ରର ଗଠନ ଦିଗରେ ଅଗ୍ରସର ହେଲାବେଳେ ଶିବାଜି ବିଜାପୁରର ସୁଲତାନ ଓ ଦିଲ୍ଲୀ ବାଦଶା ଆଉରଙ୍ଗଜେବଙ୍କ ତରଫରୁ ବାଧାର ସମ୍ମୁଖିନ ହୋଇଥିଲେ । ବିଜାପୁରର ଦୁର୍ଦ୍ଧର୍ଷ ସେନାପତି ଆଫଜଲ ଖାଁ କୁ ନିହତ କଲା ପରେ ମୋଗଲ ମାନଙ୍କ ସହ ତାଙ୍କର ପ୍ରତ୍ୟକ୍ଷ ଶତୃତା ଆରମ୍ଭ ହେଲା । ଆଉରଙ୍ଗଜେବଙ୍କ ମାମୁଁ ସେନାପତି ଶାୟସ୍ତ ଖାଁକୁ ଶିବାଜୀଙ୍କ ବିରୁଦ୍ଧରେ ପଠାଗଲା । ସେ ପୁନା ଅଧିକାର କରି ଶିବାଜୀଙ୍କ ପୈତୃକ ବାସଭବନ ଲାଲମହଲରେ ଆଡଡା ଜମାଇଥିଲା ବେଳେ ଶିବାଜୀ ରାତ୍ରୀ କାଳରେ ଅତର୍କିତ ଆକ୍ରମଣ କରି ସାୟସ୍ତଖାଁର ହାତ ଆଙ୍ଗୁଠି କାଟି ଦେଲେ । ସେ ଭୟରେ ପଳାଇଲା । ତାପରେ ଆଉରଙ୍ଗଜେବ ନିଜର ରାଜପୁତ ସେନାପତି ରାଜା ଜୟସିଂଙ୍କୁ ଶିବାଜୀଙ୍କୁ ଦମନ ପାଇଁ ପଠାଇଲେ । ଜୟସିଂ ଶିବାଜୀଙ୍କୁ ପରାସ୍ତ କରିପୁରନ୍ଦର ସନ୍ଧିପତ୍ରରେ ସ୍ୱାକ୍ଷର କରିବାକୁ ବାଧ୍ୟ କଲେ । ସନ୍ଧିର ସର୍ତ୍ତ ଅନୁଯାୟୀ ଶିବାଜୀ ଓ ତାଙ୍କ ପୁଅ ଶମ୍ଭୁଜୀ ଆଉରଙ୍ଗଜେବଙ୍କ ଆଗ୍ରା ଦରବାରରେ ହାଜର ହେବେ । ବାପ ପୁଅ ଅନୁଚର ମାନଙ୍କ ସହ ଯାତ୍ରା କରି ଆଗ୍ରା ମୋଗଲ ଦରବାରରେ ଜୟସିଁଙ୍କ ପୁତ୍ର ରାମ ସିଂ ସହ ପହଂଚିଲେ । ସେଠାରେ ଶିବାଜୀଙ୍କ ଉଦ୍ଧତ ବ୍ୟବହାରରେ ଅସନ୍ତୁଷ୍ଟ ବାଦଶା ଉଭୟ ପିତା ପୁତ୍ରଙ୍କୁ ବନ୍ଦୀ କଲେ । ଅଳ୍ପ କେତେକ ଅନୁଚର ସହିତ ଶିବାଜୀ ବନ୍ଦିଶାଳାରେ ରହିଲେ । ଜୟସିଂ ତାଙ୍କ ସୁରକ୍ଷା ପାଇଁ କଥା ଦେଇ ଥିବାର ତାଙ୍କୁ ହଟାତ ହତ୍ୟା କରିବାକୁ ବାଦଶା ସାହାସ କଲେ ନାହିଁ । କିନ୍ତୁ ଶିବାଜୀଙ୍କୁ ନିର୍ବାସନରେ କାବୁଲ ପଠାଇ ସେଠାରେ ଗୁପ୍ତହତ୍ୟା କରିବାକୁ ସ୍ଥିର କଲେ ।

ଏ ଖବର ରାମ ସିଂ ଶିବାଜୀଙ୍କୁ ଜଣେଇ ଦେଲେ । ଶିବାଜୀ ନିଜ ଯୋଜନା ଆରମ୍ଭ କଲେ । ହଠାତ୍ ସେ ରୋଗରେ ପଡିବାର ପ୍ରଚାର କଲେ । ନିଜ ଆରୋଗ୍ୟ ପାଇଁ ସେ ହିନ୍ଦୁ ସନ୍ୟାସୀ ଓ ଫକୀର ମାନଙ୍କୁ ମିଠେଇ ବାଂଟିବା ପାଇଁ ବାଦଶା ଙ୍କର ଅନୁମତି ପ୍ରାର୍ଥନା କଲେ । ଆଶ୍ଚର୍ଯ୍ୟର କଥା ଆଉରଙ୍ଗଜେବ ଶିବାଜୀଙ୍କ ପ୍ରାର୍ଥନା ପୂରଣ କଲେ ଓ ସେଥିପାଇଁ ଅର୍ଥ ମଧ୍ୟ ଋଣ ଦେଲେ । ବଡ ବଡ ଟୋକେଇରେ ମିଠାଇ ମାନ ବଜାର ରୁ ଆସିଲା । ଶିବାଜୀ ସେଗୁଡିକ ଛୁଇଁଲା ପରେ ଭୃତ୍ୟ ମାନେ ମିଠାଇ ଭାର ମାନ ବାହାରକୁ ନେଉଥିଲେ । ନେଲାବେଳେ ମୋଗଲ ପ୍ରହରୀ ମାନେ ସେଗୁଡିକୁ ଯାଂଚ କରୁଥିଲେ । ଚତୁର ଶିବାଜୀ ଅର୍ଥ ଦାନ ଦ୍ୱାରା ପ୍ରହରୀ ମାନଙ୍କୁ ଖୁସି କରୁଥିଲେ । ଶେଷ କୁ ସେମାନେ ଯାଂଚ କରିବାରେ ଢିଲା ହୋଇଗଲେ ।

ସେଦିନ ବାଦଶାଙ୍କର ସିଂହାସନରେ ବସିବାର ବାର୍ଷିକ ଉତ୍ସବ ପାଳନ ହେଉଥାଏ । ସମସ୍ତେ ଭୋଜି ଭାତରେ ବ୍ୟସ୍ତ ଥାଆନ୍ତି । ଆତସ ବାଜିଖେଳ ରେ ସମସ୍ତେ ନଜର ରଖି ଥାଆନ୍ତି । ଏତିକି ବେଳେ ଶିବାଜୀ ଓ ପୁଅ ଶମ୍ଭୁଜୀ ଦୁଇଟି ଟୋକେଇରେ ପଶି ଢାଙ୍କୁଣି ବନ୍ଦ କଲେ । ଭୃତ୍ୟମାନେ ଟୋକେଇ ବାହାରକୁ ନେଲା ବେଳେ ପ୍ରହରୀ ମାନେ ଖାଲି ଚାହିଁଦେଇ ନେବାକୁ ହାତ ହଲେଇ ଦେଲେ । ଭାର ମାନ ଦୁର୍ଗ ବାହାରକୁ ଆସିଲା । ଆଗରୁ ତାଙ୍କର ଅନୁଚର ମାନେ ଅଶ୍ୱ ପ୍ରସ୍ତୁତ କରିଥାଆନ୍ତି । ତାଙ୍କର ବନ୍ଧୁ କବିକଳସ ଅପେକ୍ଷା କରି ଥାଆନ୍ତି । ସମସ୍ତେ ସନ୍ୟାସୀ ପୋଷାକ ପିନ୍ଧି ଅଶ୍ୱ ପୃଷ୍ଠରେ ଆଗ୍ରା ପରିତ୍ୟାଗ କଲେ ।

ଏଣେ ଶିବାଜୀ ଅସୁସ୍ଥ ଅଛନ୍ତି କହି ତାଙ୍କର ଅନୁଚର ଏକୋଜୀ ଶିବାଜୀଙ୍କର ଖଟିଆରେ କମ୍ବଳ ଘୋଡେଇ ହୋଇ ଶୋଇ ରହିଲେ । ପ୍ରହରୀ ମାନେ ତାହା ଦେଖି ଶିବାଜି ଙ୍କର ଅସୁସ୍ଥତା ଖବର ସେନାପତି ଫୁଡାଲ ଖାଁ କୁ ଦେଲେ । ସଂଧ୍ୟା ପର୍ଯ୍ୟନ୍ତ ଶିବାଜୀ ନ ଉଠିବାରୁ ଫୁଡାଲ ଖାଁ ନିଜେ ଆସି କମ୍ବଳ ଉଠାଇ ଦେଖିଲା ଶିବାଜୀ ନାହାଁନ୍ତି । ତାର ହୋସ ଉଡିଗଲା । ଧାଇଁ ଯାଇ ଆଉରଙ୍ଗଜେବକୁ ଖବର ଦେଲା । ଏ ଖବର ପାଇ ବାଦଶା ହତବାକ ହୋଇଗଲେ । ସାଙ୍ଗେସାଙ୍ଗେ ପଳାତକ ମାନଙ୍କୁ ଧରିବାକୁ ସୈନ୍ୟ ଦଳ ମାନ ସବୁଦିଗକୁ ପଠାଇଲେ । ସମସ୍ତ ରାଜ୍ୟକୁ ପଳାତକ ମାନଙ୍କୁ ଧରିବା ପାଇଁ ଖବର ଦିଆଗଲା । ଶିବାଜୀଙ୍କର ଅନୁଚର ମାନଙ୍କୁ ଦାରୁଣ ନିର୍ଯାତନା ଦିଆଗଲା । ଅନେକ ପ୍ରହରୀଙ୍କୁ କଠିନ ଦଣ୍ଡ ଦିଆଗଲା। ଫୁଡଲ ଖାଁ ଓ ରାମ ସିଂଙ୍କୁ ପଦଚ୍ୟୁତ କରାଗଲା ।

ଏଣେ ଶିବାଜୀ ଛଦ୍ମବେଶରେ କାଶିରେ ପହଂଚିଲେ । ସେଠାରେ ପୁଅ ଶମ୍ଭୁଜି କୁ ଜଣେ ବନ୍ଧୁ ଘରେ ଛାଡି ନିଜେ ରାଜଧାନୀ ରାୟଗଡ ଅଭିମୁଖେ ଯାତ୍ରା କଲେ । କଥିତ ଅଛି ସନ୍ୟାସୀ ବେଶରେ ସେ ନିଜ ମାଙ୍କ ଆଗରେ ଉପସ୍ଥିତ ହେବା ମାତ୍ରେ ମା ସାଙ୍ଗେ ସାଙ୍ଗେ ତାଙ୍କୁ ଚିହ୍ନି ଦେଲେ । କହିଲେ, "ମା ଆଖି କେଭେ ପୁଅକୁ ଚିହ୍ନିବାରେ ଭୂଲ କରିବ ନାହିଁ।" ଶିବାଜୀଙ୍କର ଏହି ମୁକ୍ତି ସାରା ରାଜ୍ୟରେ ଅସମ୍ଭବ ଉତ୍ସାହ ସୃଷ୍ଟି କଲା । ହର ହର ମହାଦେବ ଡାକ ଦେଇ ସେମାନେ ମୋଗଲ ମାନଙ୍କୁ ନିପାତ କରିବା ପାଇଁ ବାହାରି ପଡିଲେ। ୧୬୮୦ ମସିହାରେ ଏକ ସ୍ୱାଧିନ ହିନ୍ଦୁ ସ୍ୱରାଜ୍ୟର ଛତ୍ରପତି ରୂପେ ନିଜକୁ ଘୋଷଣା କରି ବହୁ ଦିନର ସ୍ୱପ୍ନ ସାକାର କଲେ ।

ଭାରତ ଇତିହାସରେ ତାଙ୍କର ପଳାୟନ ଏକ ଗୌରବମୟ କାହାଣୀ ରୂପେ ଆମ ମନକୁ ଅପାର ଆନନ୍ଦ ଆଣି ଦେଇଥାଏ ।

ଓଡ଼ିଶା ନ୍ୟୁଜ୍ ସର୍ଭିସ୍, ଉମରକୋଟ,
ମୋ:୯୪୩୭୨୩୫୩୮୬

# ଅତିଥି କକ୍ଷ ସୁନ୍ଦର୍ ଦେଖାଯିବା ନିମନ୍ତେ ଏମିତି କରନ୍ତୁ

ଘରେ ଗେଷ୍ଟରୁମ୍ ବା ଅତିଥିମାନଙ୍କ ପାଇଁ ଉଦ୍ଦିଷ୍ଟ କକ୍ଷଟି ସ୍ୱାତନ୍ତ୍ର୍ୟ ବହନ କରିଥାଏ । ଯେମିତି ଖୁସିରେ ଅତିଥିଙ୍କୁ ସ୍ୱାଗତ କରାଯାଏ ସେହି ଉତ୍ସାହରେ ସେମାନଙ୍କ ପାଇଁ ରଖିବା କକ୍ଷଟି ସଜାଇଥିଲେ ଅତିଥି ସେଠାରେ ଆଦୌ ଅସହଜ ବୋଧ କରିବେ ନାହିଁ । ଅତିଥି କକ୍ଷଟି ଯେପରି ଆରାମଦାୟକ ହୋଇଥିବ, ଏକଥା ସବୁବେଳେ ଲକ୍ଷ୍ୟ ରଖିଥିବା ଉଚିତ ।

ଅତିଥି କକ୍ଷ ସବୁବେଳେ ଈଷତ୍ ଧଳା, କ୍ରିମ, ହାଲକା ନୀଳ ଆଦି ରଙ୍ଗରେ ସଜାଯାଇଥିବା ଭଲ । କାରଣ ପ୍ରାୟତଃ ଅତିଥି ଦୂରଯାତ୍ରା କରି କ୍ଲାନ୍ତ ହୋଇ ଆସିଥାନ୍ତି । ତେଣୁ ହାଲକା ରଙ୍ଗ ତାଙ୍କ ଆଖିକୁ ଆରାମ ଦେଇଥାଏ । କକ୍ଷରେ ବ୍ୟବହୃତ ଚାଦର, ପରଦା ଆଦି ଏକାରଙ୍ଗର ହେଲେ କକ୍ଷଟି ଆହୁରି ସୁନ୍ଦର ଦେଖାଯିବ । ସାଜସଜ୍ଜା ଏପରି ହେବା ଉଚିତ ଯେମିତି ତାହା ହୋଟେଲ ରୁମ ପରି ନଲାଗି ଘରୋଇ ଦେଖାଯାଉଥିବ । ଅଧିକ ଫର୍ଣ୍ଣିଚର ନରଖି ଫାଙ୍କା ଜାଗା ରଖନ୍ତୁ ଯେମିତି କି ତା ଭିତରେ ଚଳାଚଳ କରିବାରେ ଅତିଥିଙ୍କର କୌଣସି ସମସ୍ୟା ହେବ ନାହିଁ ଏବଂ କକ୍ଷଟି ଖୋଲା ଲାଗୁଥିବ । ଘରର କୌଣସି ପୁରୁଣା ବା ଅବ୍ୟବହୃତ ଜିନିଷ ଗେଷ୍ଟରୁମରେ ରଖି ଏହାକୁ ଷ୍ଟୋରରୁମ କରନ୍ତୁ ନାହିଁ । ଅତିଥି ତାଙ୍କ ପୋଷାକପତ୍ର ତଥା ଅନ୍ୟାନ୍ୟ ଜିନିଷ ରଖିବା ଲାଗି ସେଠାରେ ଏକ ଆଲମାରି ନିଶ୍ଚୟ ରଖନ୍ତୁ । ଏହା ଡ୍ରେସିଂ ଟେବୁଲ ସହ ଲାଗି ରହିପାରେ, ନଚେତ ଏକ ବଡ଼ ଆଇନା ଥିବା ଆଲମାରି ମଧ୍ୟ ରଖାଯାଇପାରେ । ଅତିଥି ବାହାରକୁ ଯିବାବେଳେ ତାଙ୍କୁ ପ୍ରସ୍ତୁତ ହେବାରେ ଏହି ଆଇନା ସାହାଯ୍ୟ କରିବ । ଗୋଟିଏ ଛୋଟ ଡଷ୍ଟବିନ୍, ଟେବୁଲ କିମ୍ବା କାନ୍ଥ ଘଣ୍ଟା ସେହି କକ୍ଷରେ ରହିବା ଜରୁରୀ । ଚାହିଁଲେ ଫୁଲଦାନିରେ ସଜାଇ ପାରନ୍ତି । କିଛି ବହି ତଥା ପତ୍ରପତ୍ରିକା ମଧ୍ୟ ରଖାଯାଇପାରେ । ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ସେହି କକ୍ଷଟି ଯେପରି ଅନ୍ଧାରୁଆ ନହୋଇ ଭଲଭାବେ ଆଲୋକିତ ହୋଇପାରୁଥିବ । ନାଇଟ ଲ୍ୟାମ୍ପର ବି ବ୍ୟବସ୍ଥା କରାଯାଇପାରେ ।





# ନିୟମିତ ଦାନ୍ତ ବିନ୍ଧୁଥିଲେ ଚିନ୍ତା ନାହିଁ




କିଛି ଥଣ୍ଡା କିମ୍ବା ଗରମ ପିଇବା ଦ୍ୱାରା ଦାନ୍ତ ଝିମ୍ ଝିମ୍ ହେବା ଏକ ସାଧାରଣ ସମସ୍ୟା । ସଠିକ୍ ଯତ୍ନ ନନେଲେ ମଧ୍ୟ ଦାନ୍ତରୁ ଦୁର୍ଗନ୍ଧ ହେବା ସହ ରକ୍ତ ବାହାରିଥାଏ । ତେବେ ଏସବୁ କ୍ଷେତ୍ରରେ ଆମକୁ ଡାକ୍ତର ପାଖକୁ ଯିବାକୁ ପଡ଼ିଥାଏ । କିନ୍ତୁ ଆପଣ ଜାଣନ୍ତି କି କିଛି ଘରୋଇ ଉପଚାର ଦ୍ୱାରା ଏସବୁ ସମସ୍ୟାରୁ ଆରାମ ମିଳିପାରିବ । ତେବେ ଆସନ୍ତୁ ଜାଣିବା ଦାନ୍ତ ବିନ୍ଧାକୁ କିପରି କରିବା ବାଏ ବାଏ । ଲେମ୍ବୁରେ ଭିଟାମିନ୍-ସି ଥାଏ, ଯାହା ଦାନ୍ତ ବିନ୍ଧାରୁ ମୁକ୍ତି ଦେଇଥାଏ । ବିନ୍ଧା ହେଉଥିବା ଅଂଶରେ ଲେମ୍ବୁର ଛୋଟ ଖଣ୍ଡଟିଏ ଲଗାଇଲେ ତୁରନ୍ତ ଆରାମ ମିଳିଥାଏ ।

◆ ଯଦି ଦାନ୍ତ ବିନ୍ଧା ହେବା ସହ ଫୁଲିଯାଏ ତେବେ ଆଳୁର ଛୋଟ ଗୋଟିଏ ଅଂଶ କାଟି ସେହି ସ୍ଥାନରେ ୧୫ମିନିଟ୍ ପାଇଁ ରଖନ୍ତୁ । ଏହାଦ୍ୱାରା ଆରାମ ମିଳେ ।

◆ ଯଦି ଆପଣ ଦାନ୍ତ ସମସ୍ୟା ପାଇଁ ବ୍ୟସ୍ତ ତେବେ ରସୁଣ ଏଥିରୁ ମୁକ୍ତି ଦେବ । ରସୁଣରେ ଲୁଣଲଗାଇ ଖାଆନ୍ତୁ । ନିୟମିତ ସକାଳେ ଏପରି କଲେ ଅନେକ ଲାଭ ମିଳିଥାଏ ।

◆ ଦାନ୍ତ କଷ୍ଟରୁ ମୁକ୍ତି ପାଇଁ ପିଆଜ ଏକ ଭଲ ଉପାୟ । ଡାକ୍ତର ବି ମାନନ୍ତି ପ୍ରତି ୩ମିନିଟରେ ଥରେ ଛୋଟ ପିଆଜ ଖଣ୍ଡେ ଖାଇବା ଉଚିତ୍ । କାରଣ ଏହା ଦ୍ୱାରା ମୁହଁରେ ଥିବା ଜୀବାଣୁ ମରିଯିବା ସହ ଦାନ୍ତ ବିନ୍ଧାରୁ ଆରାମ ମିଳିଥାଏ ।

## ଗଣ୍ଠିବାତର ଆୟୁର୍ବେଦିକ ଉପଚାର



ଆୟୁର୍ବେଦିକ ଯଥା ବିଭିନ୍ନ ପ୍ରକାର ଗଛର ଡାଳ, ପତ୍ର, ଫୁଲ, ଫଳରେ ଏପରି ଅନେକ ରହସ୍ୟ ଲୁଚି ରହିଥାଏ, ଯାହାର ବ୍ୟବହାର ଦ୍ୱାରା ଅନେକ ବଡ଼ ବଡ଼ ରୋଗରୁ ଉପଶମ ମିଳିଥାଏ । ଯଦି ଆପରଙ୍କର ଗଣ୍ଠିବାତ





ଦେଖାଯାଏ ତେବେ ନିମ୍ନୋକ୍ତ ଉପଚାରକୁ ଅବଲମ୍ବନ କରନ୍ତୁ ଦେଖିବେ, ସମସ୍ୟା ସହଜରେ ଦୂର ହୋଇଯିବ ।

ଆମ୍ବ- ଏକ ମାଟି ପାତ୍ରରେଲିଟରେ ପାଣି ନେଇ ଚାରି/ ପାଞ୍ଚୋଟି ଆମ୍ବପତ୍ରକୁ ଅଧ ଘଣ୍ଟା ପର୍ଯ୍ୟନ୍ତ ଫୁଟାନ୍ତୁ । ସେହି ପାଣିକୁ ନିୟମିତ ଆଣ୍ଠୁଗଣ୍ଠିରେ ମାସେ ପର୍ଯ୍ୟନ୍ତ ଘସିଲେ ବହୁତ ଆରାମ ମିଳିଥାଏ ।

ତେନ୍ତୁଳି- ଏହାର ପତ୍ରକୁ ବାଟି ଏଥିରେ ଖାରସୋଡ଼ା ମିଶାନ୍ତୁ । ଏହି ମଶ୍ରଣକୁ ସାମାନ୍ୟ ଗରମ କରି ବଥା ହେଉଥିବା ଜାଗାରେ ଶୁଖିଲା ପର୍ଯ୍ୟନ୍ତ ଲଗାନ୍ତୁ । ଏକମାସ ପର୍ଯ୍ୟନ୍ତ ଏପରି କଲେ ସୁଫଳ ମିଳିଥାଏ ।

କେବଳ ମଣିଷ ନୁହନ୍ତି, ସୌଭାଗ୍ୟ ଯୋଗୁ ଜୀବଜନ୍ତୁ ବି କୋଟିପତି ହୋଇପାରନ୍ତି । ସେମାନଙ୍କର ମାଲିକ ନିଜ ଅନ୍ତେ ନିଜ ପୋଷା ଜୀବଙ୍କୁ ସମ୍ପତ୍ତିର ଉତ୍ତରାଧିକାରୀ କରିଦେଇଯାଉଛନ୍ତି । ଏହି ଜୀବମାନଙ୍କର ବିଳାସମୟ ଜୀବନ ସମ୍ପର୍କରେ ଜାଣିଲେ ଆଶ୍ଚର୍ଯ୍ୟ ନହୋଇ ରହିପାରିବେ ନାହିଁ ।

# କୋଟିପତି ଜୀବ

ବିଶ୍ୱର ସବୁଠାରୁ ଧନୀ ପୋଷା ଭାବେ ମାନ୍ୟତା ପାଇଛି ଗନ୍ଥର-୪ । ଜମାନ ଶେଫର୍ଡ ପ୍ରଜାତିର ଏହି କୁକୁର କୌଣସି ସେଲିବ୍ରିଟିଙ୍କ ଠାରୁ କମ ଗୁରୁତ୍ୱ ପୁାନାହିଁ । ସେ ସର୍ବମୋଟ ୧୪.୫ କୋଟି ଡଲାର (ପ୍ରାୟ ୯,୭୧,୫୦୦୦୦୦୦ଟଙ୍କା) ମୂଲ୍ୟର ସମ୍ପତ୍ତିର ଅଧିକାରୀ । ଗନ୍ଥରକୁ ଏ ସମସ୍ତ ସମ୍ପତ୍ତି ତାର ପିତା ଗନ୍ଥର -୩ଙ୍କଠାରୁ ଉତ୍ତରାଧିକାର ସୂତ୍ରରେ ମିଳିଛି । ୧୯୯୨ରେ ମାଲିକାଣୀ କାର୍ଲୋଟା ଲିବେନଷ୍ଟାଇନଙ୍କ ମୃତ୍ୟୁ ପରେ ଇଟାଲୀ ଏବଂ ଜର୍ମାନୀରେ ଥିବା ତାଙ୍କର ସମସ୍ତ ସମ୍ପତ୍ତି ଗନ୍ଥରର ପିତାଙ୍କ ନାମରେ ହୋଇଥିଲା । ଗନ୍ଥର-୪ ପାଖରେ ଏବେ ଶତାଧିକ ସହାୟକ । ସେ ଏକ ଭବ୍ୟ ବଙ୍ଗଳାରେ ରହୁଛି ଏବଂ ରାଜାଙ୍କ ପରି ନିଜ ପସନ୍ଦର ସ୍ୱାଦିଷ୍ଟ ଖାଦ୍ୟ ଖାଇବା ସହ ବିଳାସମୟ ଗାଡ଼ିରେ ବସି ଭ୍ରମଣ କରୁଛି ।







ସ୍କଟିଶ ଫୋଲଡ ପ୍ରଜାତିର ଏହି ବିଲେଇ ଅଲିଭିଆ ବେନସନ ହଲିଉଡ୍ ଅଭିନେତ୍ରୀ ଟେଲର ସ୍ୱିପଟଙ୍କର ଖୁବ୍ ଅନ୍ତରଙ୍ଗ । ସ୍ୱିପଟଙ୍କର ନିଜ ରୋଜଗାରରୁ ଯାହା ସମ୍ପତ୍ତି ରହିଥିବା ବେଳେ କେବଳ ଅଲିଭିଆ ୯୭ ମିଲିୟନ ଡଲାର କେବଳ ଅଲିଭିଆ ୯୭ ମିଲିୟନ ଡଲାର ମୂଲ୍ୟର ସମ୍ପତ୍ତି ଅଧିକାର କରିଛି । ଏହା ତାର ନିଜସ୍ୱ ରୋଜଗାର । ଡାଏଟ କୋକ୍ ଏବଂ କେଡସ ଜୋତା ସହିତ ବିଭିନ୍ନ ବିଜ୍ଞାପନରେ ଆସି ଅଲିଭିଆ ଏହି ସମ୍ପତ୍ତି ଅର୍ଜନ କରିପାରିଛି ।



ଗ୍ରମ୍ପିକ୍ୟାଟ୍
ଏମିତିରେ ଗ୍ରମ୍ପି ଅର୍ଥ କ୍ରୋଧୀ ।

ବିଶ୍ୱର ଏହି ଅନ୍ୟତମ ଧନୀ ବିଲେଇକୁ ଦେଖିବା ମାତ୍ରେ ଲାଗେ ସେ ଯେପରି ପ୍ରବଳ ରାଗରେ ଥରୁଛି । ନିଜର ଏପରି ସ୍ୱତନ୍ତ୍ର ଚେହେରା ଯୋଗୁ ବିଲେଇଟି ଗ୍ରମ୍ପି କ୍ୟାଟ ନାମରେ ସୋସିଆଲ ମିଡିଆରେ ଚର୍ଚ୍ଚିତ । ଏହାର ପ୍ରକୃତ ନାମ ଟାଇଡାର ସସ୍ । ଇଣ୍ଟରନେଟରେ ନିଜ ପ୍ରସିଦ୍ଧି ଯୋଗୁ ଟାରଡାର ଯାହା ରୋଜଗାର କରିଛି ସେଥିରେ ତାର ସମ୍ପତ୍ତି ମୂଲ୍ୟ ୯୯ ମିଲିୟନ ଡଲାର (୭୦୦କୋଟିରୁ ଉର୍ଦ୍ଧ୍ୱ ଟଙ୍କା)ରେ ପହଞ୍ଚିଛି ।

## ସବୁ କୁକୁର କୋଟିପତି

ଏବେ ଅର୍ଥ ପାଇଁ ମଣିଷ ପାଗଳ ପରି ଧାଉଁଥିବା ବେଳେ ଗୋଟିଏ ଗାଁର ସବୁ କୁକୁରମାନେ କୋଟିପତି ବୋଲି ଶୁଣିଲେ ନିଶ୍ଚୟ ଆଶ୍ଚର୍ଯ୍ୟ ଲାଗିବ । ଗୁଜୁରାଟର ମେହସାଣାସ୍ଥିତ ପଞ୍ଚୋଟ ଗ୍ରାମରେ ଏପରି ଜମିଦାର କୁକୁରମାନେ ରହୁଛନ୍ତି । ବର୍ଷବର୍ଷ ଧରି ସେମାନେ କୋଟିକୋଟି ଯଙ୍କା ରୋଜଗାର କରିଚାଲିଛନ୍ତି । ଏହି କୁକୁର କାହାର ପୋଷା ନୁହନ୍ତି, ସମସ୍ତେ ବୁଲାକୁକୁର । ଗାଁରେ ବୁଲୁଥିବା ପ୍ରାୟ ସତୁରିଟି କୁକୁରଙ୍କ ଯତ୍ନ ନେବା ଲାଗି ପଞ୍ଚୋଟଗ୍ରାମରେ 'ମଢ଼ନି ପତି କୁତରିୟା ଟ୍ରଷ୍ଟ' ଗଠନ କରାଯାଇଛି । ଏହି ଟ୍ରଷ୍ଟ ପାଖରେ ସାଢ଼େ ୧୦ଏକର ଏପରି ଜମି ଅଛି ଯାହାର ସମୁଦାୟ ମୂଲ୍ୟ ପ୍ରାୟ ସତୁରି କୋଟି ଟଙ୍କା ହେବ । ତେଣୁ ହିସାବ କଲେ ପ୍ରତ୍ୟେକ କୁକୁରଙ୍କ ଭାଗରେ କୋଟିଏ ଟଙ୍କା ପଡ଼େ । ଏହି ଜମିରୁ ହେଉଥିବା ଆୟ ଗାଁର କୁକୁରମାନଙ୍କ ସେବାରେ ବିନିଯୋଗ ହୋଇଥାଏ । ଟ୍ରଷ୍ଟର ସଭାପତି ଛଗନ ଭାଇ ପଟେଲଙ୍କ କହିବା ଅନୁସାରେ, କୁକୁରଙ୍କ ପାଇଁ ଅଲଗା ଭାଗ ରଖିବାର ପରମ୍ପରା ବହୁଦିନରୁ ଚଳିଆସୁଛି । ପୂର୍ବରୁ ଧନୀ ଲୋକମାନେ କିଛିକିଛି ଭୂମି ମୂଲ୍ୟ ସେ ସମୟରେ ଅଧିକ ନଥିଲା । କେତେକ ମଧ୍ୟ ଏତେଭୂମିର ମାଲିକ ଥିଲେ ଯେ କର ଦେଇନପାରି ଭୂମି ଦାନ କରିଦେଉଥିଲେ । ୭୦ବର୍ଷ ତଳେ ଏହି ଜମି ପଟେଲ ସମ୍ପ୍ରଦାୟର



କୃଷକମାନଙ୍କ ପାଖକୁ ଆସିବାରୁ ସେମାନେ ଏହାର ରକ୍ଷଣାବେକ୍ଷଣ ଦାୟିତ୍ୱ ନେଲେ । ଗାଁର ବିକାଶ ସହିତ ଜମି ଭୂଲ୍ୟ ବି ବଢ଼ିଲା । ଚାଷ ଆରମ୍ଭ ପୂର୍ବରୁ ଟ୍ରଷ୍ଟ ନିଜ ଭାଗର ଏକ ଜମି ପ୍ରତିବର୍ଷ ନିଲାମ କରେ ଏବଂ ଧାରକ ସେହି ବର୍ଷ ଚାଷ କରିବାର ଅଧିକାର ପାଇଥାନ୍ତି । ନିଲାମରୁ ମିଳିଥିବା ପ୍ରାୟ ୧ଲକ୍ଷ ଟଙ୍କା କୁକୁରଙ୍କ ସେବାରେ ଲାଗେ । ଏଥିସହିତ ଦାନରେ ଚାଉଳ ବି ମିଳେ । କୁକୁରଙ୍କ ସହିତ ପକ୍ଷୀ ଏବଂ ଅନ୍ୟ ପଶୁମାନଙ୍କର ବି ଯତ୍ନ ନେଇଥାଏ ।

## ଜ୍ୱର ସଂକ୍ରାନ୍ତ ସତର୍କତା

ମଣିଷ ଶରୀରର ତାପମାତ୍ରା ଭିନ୍ନଭିନ୍ନ । ଛୋଟ ପିଲାଙ୍କ ଶରୀର ତାପମାତ୍ରା କମଥାଏ । ଯଦି କୌଣସି ଇନଫେକ୍ସନ୍ ହୁଏ ତେବେ ଛୋଟପିଲାଙ୍କ ଶରୀରର ତାପମାତ୍ରା ବୃଦ୍ଧି ପାଏ ।

◆ ଜ୍ୱର ଶରୀର ପ୍ରତିରୋଧକ ପ୍ରଣାଳୀର ଅଂଶବିଶେଷ । କୌଣସି କୀଟାଣୁ ବା ଭୂତାଣୁ ଶରୀରକୁ ଆକ୍ରମଣ କଲେ ପ୍ରତିରୋଧକ ବ୍ୟବସ୍ଥା ସ୍ୱରୂପ ଜ୍ୱରହୁଏ ।

◆ ଜ୍ୱର ଅନେକ କାରଣରୁ ହୋଇପାରେ । ଯଥା: ବଦହଜମି, କ୍ଲାନ୍ତି, ଅନେକ ସମୟ ଖରାରେ ରହିବା, ଥଣ୍ଡା ସର୍ଦ୍ଦି ଆଦି ।

◆ ଜ୍ୱରରେ ପୀଡ଼ିତ ରୋଗୀଙ୍କର ଜ୍ୱର ବାରମ୍ବାର ମାପିବା ଦରକାର ନାହିଁ । କିଛି ଘଣ୍ଟା ଅନ୍ତରରେ ଜ୍ୱର ମାପନ୍ତୁ । ଜ୍ୱର ହେଲେ ସବୁବେଳେ ବିଛଣାରେ ପଡ଼ି ରହିବା ଭଲ ନୁହେଁ ।

◆ ଜ୍ୱର ଶରୀରକୁ କ୍ଲାନ୍ତ କରେ ନାହିଁ ।

◆ ଯଦି ଶରୀର ତାପମାତ୍ରା ଅଧିକ ହେଉଛି ତେବେ ତାହାର ଦୁଇଟି କାରଣ ରହିଛି । ପ୍ରଥମଟି ହେଉଛି ମସ୍ତିଷ୍କର ହାଇପୋଥେଲସିସ ପ୍ରଭାବିତ ହେଉଛି । ହାଇପୋଥେଲସିସ ଶରୀରର ବିଭିନ୍ନ କାର୍ଯ୍ୟ କରିବା ସହ ତାପମାତ୍ରାକୁ ନିୟନ୍ତ୍ରିତ କରେ । ଦ୍ୱିତୀୟ କାରଣ ହେଉଛି ତାପ ଆଘାତ ।

◆ ଜ୍ୱର ଅଧିକ ବଢ଼ିଲେ ଥଣ୍ଡା ପାଣି ପଟି ମୁଣ୍ଡରେ ଦିଅନ୍ତୁ । କୋସିନ ବା ପାରାସିଟିମଲ ଖାଇବାକୁ ଦେଇ ୩୦ ମିନିଟ୍ ଯାଏ ଅପେକ୍ଷା କରନ୍ତୁ ।



# ଫିଟେଷ୍ଟ ଫ୍ରେମ୍

ଅଭିନୟ ସହ ନିଜର ଷ୍ଟାଇଲ୍ ଷ୍ଟେଟମେଣ୍ଟ ଏବଂ ଫିଟ୍‌ନେସ୍ ପାଇଁ ସିନେପ୍ରେମୀଙ୍କ ମନରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିପାରିଛନ୍ତି ରଣବୀର ସିଂହ । ଫିଲ୍ମର କାହାଣୀ ହିସାବରେ ନିଜ ଲୁକରେ ଏକ୍ସପେରିମେଣ୍ଟ କରୁଥିବା ରଣବୀରଙ୍କ ପରି ସୁଢ଼ଳ ଶରୀର ପାଇବାକୁ କିଏ କିଏ ବା ନ ଚାହେଁ । ରିକି ବେହଲ ସାଜି ସିକ୍ସ ପ୍ୟାକରେ ଝିଅମାନଙ୍କୁ ବାଇଆ କରୁଥିବା ରଣବୀର ଏବେ ପାଲଟିଛନ୍ତି ସବୁ ଯୁବାଙ୍କ ପାଇଁ ଫିଟ୍‌ନେସ ଆଇକନ୍ ।

ଡାଏଟ୍ ସିକ୍ରେଟ୍:-
ଟୋନ୍ ବଡି ସହିତ ଇମପ୍ରେସିଭ ଫିଜିକ୍ ପାଇବା ପଛରେ ଡାଏଟର ବଡ଼ ଯୋଗଦାନ ରହିଛି । ରଣବୀର ଯେତେ ଭୋକିଲା ଥିଲେ ବି କେବେ ବାହାର ଖାଦ୍ୟ ଖାଆନ୍ତିନି । ଯଦି ଆଉଟଡୋର ଶୁଟିଂରେ ବାହାରକୁ ଯାଇଥାନ୍ତି ତେବେ ଫଳ ଏବଂ ସବୁଜ ପରିବାରରେ କାମ ଚଳେଇ ନିଅନ୍ତି । ସକାଳ ଜଳଖିଆରେ ସିଝା ଅଣ୍ଡା, ଫ୍ରୁଟ୍ ସାଲାଡ୍ ଖାଆନ୍ତି ରଣବୀର । ଫିଟନେଶ୍ ଅତୁଟ ରଖିବା ପାଇଁ କାର୍ବୋହାଇଡେଟ୍ ଯୁକ୍ତ ଦ୍ରବ୍ୟଠାରୁ ନିଜକୁ ଦୂରେଇ ରଖନ୍ତି ରଣବୀର । ପ୍ରତି ଦିନ ମଧ୍ୟାହ୍ନ ଭୋଜନରେ ଚିକେନ୍ ଏବଂ ମାଛକୁ ବି ସାମିଲ କରନ୍ତି । ସେ ପ୍ରତି ତିନିଘଣ୍ଟାରେ କିଛି ନାକିଛି ଖାଇଥାନ୍ତି । ବିଶେଷ କରି ବାଦାମ, ସିଜା ବୁଟ ଖାଇଥାନ୍ତି । ଚିନି ଏବଂ ଆଲକହଲଠାରୁ ଯଥା ସମ୍ଭବ ନିଜକୁ ଦୂରେଇ ରଖନ୍ତି ରଣବୀର ।

ବ୍ୟାୟାମ:-
ଉତ୍ତମ ଶରୀର ପାଇଁ ପ୍ରତିଦିନ ବ୍ୟାୟାମ ଜରୁରୀ ବୋଲି ରଣବୀର ବିଶ୍ୱାସ କରନ୍ତି । ସକାଳୁ ଦେଢ଼ ଘଣ୍ଟା ଜିମରେ ବିତାନ୍ତି ରଣବୀର । ବ୍ୟାୟାମକୁ ନେଇ ରଣବୀର ଏତେ ପାଗଳ ଯେ ଅସୁସ୍ଥ ଥିଲେ ବି ଜିମ୍ ଯିବାକୁ ଭୁଲନ୍ତି ନାହିଁ । ସେ କୋର ଷ୍ଟ୍ରେନଥ୍ ଟେନିଂ କରିଥାନ୍ତି । ଏଥିରେ ପୁସଅପ୍, ବର୍ପିଜ, ଡେଡଲିଫ୍ଟ ବି ସାମିଲ ରହିଛି । ଏହା ବ୍ୟତୀତ ସେ ୱେଟ୍ ଲିଫଟିଂ, ରନିଂ ଉପରେ ବି ଗୁରୁତ୍ୱ ଦିଅନ୍ତି ।

ସୁଇମିଂ ଓ ସାଇକେଲିଂ:-
ଦୀର୍ଘ ସମୟ ବ୍ୟାୟାମ କରି ବୋର ଲାଗିଲେ ସୁଇମିଂ କିମ୍ବା ସାଇକେଲିଂ କରିବାକୁ ଚାଲିଯାନ୍ତି ରଣବୀର ।



# ଶେଷ ବର୍ଷ ପରୀକ୍ଷା ନିଷ୍ପତ୍ତିର ପୁନର୍ବିଚାର ପାଇଁ କେନ୍ଦ୍ରମନ୍ତ୍ରୀଙ୍କୁ ଉଚ୍ଚ ଶିକ୍ଷା ମନ୍ତ୍ରୀଙ୍କ ପତ୍ର

ଭୁବନେଶ୍ୱର, ୧୦/୭ (ନି.ପ୍ର): ଅଗଷ୍ଟ ୩୦ ତାରିଖ ସୁଦ୍ଧା ଅଣ୍ଡର ଗ୍ରାଜୁଏଟ୍ ଏବଂ ପୋଷ୍ଟ ଗ୍ରାଜୁଏଟ୍‌ର ଶେଷ ବର୍ଷ ସେମିଷ୍ଟାର ପରୀକ୍ଷା କରିବା ପାଇଁ ବାଧ୍ୟତାମୂଳକ କରାଯାଇଥିବା ପରିପ୍ରେକ୍ଷୀରେ ନିଷ୍ପତିର ପୁନର୍ବିଚାର କରିବା ପାଇଁ ଉଚ୍ଚ ଶିକ୍ଷା ମନ୍ତ୍ରୀ ଡ଼ଃ ଅରୁଣ କୁମାର ସାହୁ କେନ୍ଦ୍ର ମାନବ ସମ୍ବଳ ବିକାଶ ମନ୍ତ୍ରୀ ଶ୍ରୀ ରମେଶ ପୋଖରିଆଲ୍ ନିଶଙ୍କଙ୍କୁ ଗୁରୁବାର ପତ୍ର ଲେଖିଛନ୍ତି । ମନ୍ତ୍ରୀ ଶ୍ରୀ ସାହୁ ତାଙ୍କ ପତ୍ରରେ ଉଲ୍ଲେଖ କରିଛନ୍ତି ଯେ ୟୁଜିସି ପକ୍ଷରୁ ଜାରି କରାଯାଇଥିବା ମାର୍ଗଦର୍ଶିକା, ପୂର୍ବରୁ ଗତ ଏପ୍ରିଲ ୨୯ ରେ ପ୍ରବର୍ତ୍ତିତ ମାର୍ଗଦର୍ଶିକାର ବିରୁଦ୍ଧାଚରଣ କରୁଛି । ପୂର୍ବ ମାର୍ଗଦର୍ଶିକାରେ ରାଜ୍ୟ ସରକାରଙ୍କୁ କୋଭିଡ୍-୧୯ ସ୍ଥିତି ଅନୁଧ୍ୟାନ କରି ବିଶ୍ୱ ବିଦ୍ୟାଳୟ ପରୀକ୍ଷା ସମ୍ପର୍କରେ ନିଜେ ନିଷ୍ପତି ନେଇପାରିବେ ବୋଲି ଉଲ୍ଲେଖ କରାଯାଇଥିଲା । ତଦନୁସାରେ ରାଜ୍ୟ ସରକାର ରାଜ୍ୟର ସମସ୍ତ କୁଳପତି ମାନଙ୍କ ସହିତ ବୈଠକ କରି ଛାତ୍ରଛାତ୍ରୀମାନଙ୍କ ହିତ ଦୃଷ୍ଟିରୁ ଅଣ୍ଡର ଗ୍ରାଜୁଏଟ୍ ଏବଂ ପୋଷ୍ଟ ଗ୍ରାଜୁଏଟର ଶେଷ ବର୍ଷ ସେମିଷ୍ଟାର ପରୀକ୍ଷାକୁ ବାତିଲ କରିବା ପାଇଁ ନିଷ୍ପତି ଗ୍ରହଣ କରିଥିଲେ । ଛାତ୍ରଛାତ୍ରୀମାନଙ୍କର ପୂର୍ବ ସେମିଷ୍ଟାର ପରୀକ୍ଷା ଗୁଡିକରେ ପାଇଥିବା ମାର୍କକୁ ଆଧାର କରି ଶେଷ ବର୍ଷ ଫଳ ପ୍ରକାଶ କରିବା ପାଇଁ ସମସ୍ତ ବିଶ୍ୱବିଦ୍ୟାଳୟ ଏବଂ ସ୍ୱୟଂ ଶାସିତ ମହାବିଦ୍ୟାଳୟ ଗୁଡିକୁ ନିର୍ଦ୍ଦେଶ ଦିଆଯାଇଥିଲା । ବର୍ତମାନ ପରିସ୍ଥିତିରେ ପ୍ରାୟ ୨ ଲକ୍ଷ ଛାତ୍ରଛାତ୍ରୀମାନଙ୍କର କ୍ଲାସ୍ ରୁମ୍ ପରୀକ୍ଷା କିମ୍ବା ଅନ୍‌ଲାଇନ୍ ପରୀକ୍ଷା କରିବା ସମ୍ଭବ ନୁହେଁ । ତେଣୁ ୟୁଜିସି ଦ୍ୱାରା ଜାରି କରାଯାଇଥିବା ନୂତନ ମାର୍ଗଦର୍ଶିକାର ପୁନର୍ବିଚାର କରିବା ସହିତ ରାଜ୍ୟ ସରକାରଙ୍କ ଦ୍ୱାରା ନିଆଯାଇଥିବା ପୂର୍ବ ନିର୍ଦ୍ଧାରିତ ନିଷ୍ପତିକୁ ଲାଗୁ କରିବା ପାଇଁ ମନ୍ତ୍ରୀ ଡ଼ଃ ସାହୁ କେନ୍ଦ୍ର ମାନବ ସମ୍ବଳ ମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି । ଉଲ୍ଲେଖ୍ୟଯୋଗ୍ୟ ଯେ ଚଳିତ ମାସ ୬ ତାରିଖରେ ୟୁଜିସି ପକ୍ଷରୁ ଜାରି କରାଯାଇଥିବା ପରିର୍ତ୍ତିତ ମାର୍ଗଦର୍ଶିକା ଏବଂ କେନ୍ଦ୍ର ମାନବ ସମ୍ବଳ ବିକାଶ ବିଭାଗ କାର୍ଯ୍ୟାଳୟର ଅଫିସ୍ ମେମୋରାଣ୍ଡମ୍ ରେ ସମସ୍ତ ବିଶ୍ୱ ବିଦ୍ୟାଳୟ ଏବଂ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷଙ୍କୁ ଅଗଷ୍ଟ ୩୦ ତାରିଖ ସୁଦ୍ଧା ଶେଷ ବର୍ଷ ପରୀକ୍ଷା କରିବାକୁ କୁହାଯାଇଥିଲା ।

# କରୋନା ଯୋଦ୍ଧାଙ୍କୁ ସମ୍ବର୍ଦ୍ଧିତ କଲା କଲ୍ୟାଣୀ ଚାରିଟେବୁଲ ଟ୍ରଷ୍ଟ

କେନ୍ଦ୍ରାପଡ଼ା, ୧୦/୭ (ନି.ପ୍ର): କଲ୍ୟାଣୀ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ କୋଭିଡ-୧୯ ନିୟନ୍ତ୍ରଣରେ ଉଲ୍ଲେଖନୀୟ ଅବଦାନ ପାଇଁ କରୋନା ଯୋଦ୍ଧାଙ୍କୁ ସମ୍ବର୍ଦ୍ଧନା ଦିଆ ଯାଇଛି । ଟ୍ରଷ୍ଟର ଅଧକ୍ଷ ସନ୍ତୋଷ ପୋଥାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ସଂପାଦକ ତ୍ରିଲୋଚନା ବେହେରା, ଓ ସମାଜସେବୀ ଅଭିମନ୍ୟୁ ରାଉତ ପ୍ରମୁଖ ଉପସ୍ଥିତ ରହି କରୋନା ଯୋଦ୍ଧା ଭାବେ ଘାଗରା ସରପଂଚ ରମେଶ ଚନ୍ଦ୍ରସ୍ର ମଲିକ, ଅମୃତମଣୋହି ସରପଂଚ କୁଳମଣି ମଲିକ, ଆଶାକର୍ମୀ ବସୁମତୀ ବାରିକ, ରେଶମା ଦାସ, କଳ୍ପନା ରାଉତ, ସ୍ୱଚ୍ଛାସେବୀ ଅଶୋକ ସେଠୀ, ତରଡିପାଳ ସରପଂଚ ପ୍ରିୟଦର୍ଶନୀ ତରାଇ, ଅଙ୍ଗନବାଡି କର୍ମୀ ରଶ୍ମିରେଖା ନାଥଶର୍ମା, ସାନଜରିଆ ସରପଂଚ ରଶ୍ମିତା ବାରିକ, ନୋଡାଲ ଅଫିସର ଶ୍ରବଣ କୁମାର ବିଶ୍ୱାଳ, ଭୂଇଁପୁର ସରପଂଚ ଅନୁପମା ଜେନା, ଗୋବିନ୍ଦପୁର ସରପଂଚ ପଦ୍ମାଳୟା ଧଳଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଟ୍ରଷ୍ଟର ସଦସ୍ୟ ଏବଂ ସ୍ଥାନୀୟ ଜନ ସାଧାରଣ ଉପସ୍ଥିତ ଥିଲେ ।

# ଝୁଲନ୍ତା ଅବସ୍ଥାରେ ଯୁବତୀଙ୍କ ମୃତଦେହ ଉଦ୍ଧାର



ବାରିପଦା, ୧୦/୭ (ନି.ପ୍ର): ସ୍ଥାନୀୟ ଟାଉନ୍ ଥାନା ଅଧୀନ ତଖତପୁର ଅଚଂଳରେ ମଙ୍ଗଳବାର ଝୁଲନ୍ତା ଅବସ୍ଥାରେ ମିଳିଥିବା ଯୁବତୀଙ୍କ ମୃତ ଦେହ ଆଜି ଉଦ୍ଧାର କରାଯାଇଛି । ଆଜି ମାଜିଷ୍ଟ୍ରେଟଙ୍କ ଉପସ୍ଥିତରେ ଝୁଲନ୍ତା ମୃତଦେହକୁ ଉଦ୍ଧାର କରାଯାଇଥିଲା ।ମୃତ ଯୁବତୀ ଜଣଙ୍କ ହେଉଛନ୍ତି ବରଗଡ ଜିଲ୍ଲାର ଅତାବିରା ଥାନା ଅନ୍ତର୍ଗତ ଅନ୍ଧାରିପଲ୍ଲୀ ଅଚଂଳର ନବ କିଶୋର ଦାସଙ୍କ ଝିଅ ଅର୍ଚ୍ଚନା ଦାସ(୨୪) । ସେ ଏଠାରେ ଏକ ଘରୋଇ ସୋରୁମ୍‌ରେ କାମ କରିବା ସହ ମାଲିକଙ୍କ ଦ୍ୱାରା ଦିଆଯାଇଥିବା ଏକ ଘରେ ରହୁଥିଲେ । ସେଠାରେ ହିଁ ସେ ମଙ୍ଗଳବାର ବେଳରେ ନିଜ ଓଢଣୀ ଲଗାଇ ଆତ୍ମହତ୍ୟା କରିଥିଲେ । ଏନେଇ ଟାଉନ୍ ଥାନାରେ ୮୮/୨୦ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି ବୋଲି ଟାଉନ୍ ଥାନା ଅଧିକାରୀ ବିରେନ୍ଦ୍ର ସେନାପତି ସୂଚନା ଦେଇଛନ୍ତି । ପ୍ରାଥମିକ ତଦନ୍ତରୁ ଯୁବତୀ ଜଣଙ୍କ ଆତ୍ମହତ୍ୟା କରିଥିବା ଜଣାପଡ଼ିଥିବା ବେଳେ ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବାପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡିବ ବୋଲି ସେ କହିଛନ୍ତି ।

# ବିରଳ ଅସ୍ତ୍ରୋପଚାର ଦ୍ୱାରା କଟା ହାତକୁ ଯୋଡିବାରେ ସଫଳ ହେଲେ କଳିଙ୍ଗ ହସ୍ପିଟାଲ ଡାକ୍ତର

ଭୁବନେଶ୍ୱର, ୧୦/୭ (ନି.ପ୍ର): କଳିଙ୍ଗ ହସ୍ପିଟାଲର ଡାକ୍ତରମାନେ ସଡକ ଦୁର୍ଘଟଣାରେ କଟିଯାଇଥିବା ଜଣେ ବ୍ୟକ୍ତିଙ୍କ ହାତକୁ ଏକ ବିରଳ ଅସ୍ତ୍ରୋପଚାର ମାଧ୍ୟମରେ ସଫଳତାର ସହ ଯୋଡିବାକୁ ସକ୍ଷମ ହୋଇଛନ୍ତି । ଡାକ୍ତରମାନଙ୍କ ଏକ ଟିମ୍ ୨୪ ବର୍ଷୀୟ ଯୁବକଙ୍କ କଟା ହାତକୁ ଯୋଡିବା ପାଇଁ ଏହି ଅସ୍ତ୍ରୋପଚାର କରିଥିଲେ । ତନ୍ମୟ ପଶ୍ଚିମବଙ୍ଗର ମେଦିନା ପୁର ଅଂଚଳର ଜଣେ ଲରି ଡ୍ରାଇଭର ଅଟନ୍ତି ଓ ସେ ଜାତୀୟ ରାଜପଥରେ ଓଡିଶା ଅତିକ୍ରମ କରୁଥିବାବେଳେ ଏହି ଦୁର୍ଘଟଣାର ଶିକାର ହୋଇଥିଲେ । କୁହାଯାଉଛି ଯେ, ଡ୍ରାଇଭର ଜଣଙ୍କ ଗାଡି ଚଳାଇବା ସମୟରେ ନିଜ ହାତକୁ ଗାଡିର ଝରକାରୁ ବାହାରକୁ ବାହାର କରିଥିଲେ ଓ ଏହି ସମୟରେ ଅନ୍ୟ ପଟୁ ଦ୍ରୁତ ବେଗରେ ଆସୁଥିବା ଅନ୍ୟ ଏକ ଟ୍ରକ୍ ପିଟି ହେବା କାରଣରୁ ତାଙ୍କ ହାତ କଟିଯାଇଥିଲା । ଡାକ୍ତରଙ୍କ କହିବା ଅନୁସାରେ, ଆହତ ବ୍ୟକ୍ତି ପ୍ରାୟ ୬ରୁ ୮ ଘଂଟା ବିଳମ୍ବରେ ହସ୍ପିଟାଲରେ ପହଂଚିଥିଲେ । ତାଙ୍କ କଟା ହାତକୁ ମଧ୍ୟ ପୁନଃପ୍ରତିରୋପଣ ପାଇଁ ଭଲ ଭାବେ ସଂରକ୍ଷିତ ହୋଇନଥିଲା । ତାଙ୍କୁ ଚିକିତ୍ସା କରିଥିବା ଡାକ୍ତରଙ୍କ କହିବା ମୁତାବକ, ସମଗ୍ର ବିଶ୍ୱର ମେଡିକାଲ ରେକର୍ଡ ଅନୁଯାୟୀ ଏଭଳି ଏକ ସ୍ଥିତିରେ ରୋଗୀଙ୍କ ବଂଚିବା ହାର ଖୁବ୍ କମ୍ ଅଟେ । କଳିଙ୍ଗ ହସ୍ପିଟାଲର ବରିଷ୍ଠ ପ୍ଲାଷ୍ଟିକ୍ ଓ କସ୍‌ମେଟିକ୍ ସର୍ଜନ, ଡଃ ଅକ୍ଷୟ ରାଉତ କହିଛନ୍ତିଯେ, “ବିଶ୍ୱବ୍ୟାପୀ ଚିକିତ୍ସା ସାହିତ୍ୟ ସୂଚିତ କରେ ଯେ, ବିଳମ୍ବିତ ପୁନଃପ୍ରତିରୋପଣ କ୍ଷେତ୍ରରେ ଏବଂ ସଂରକ୍ଷିତ ଅଂଶ ବିନା ଅସ୍ତ୍ରୋପଚାରର ସଫଳତା ହାର ସର୍ବନିମ୍ନ ୨ରୁ ୩% ଅଟେ । ଏହା ଏକ ବିରଳ ଓ ଅଦ୍ଭୁତ ଅସ୍ତ୍ରୋପଚାର ଥିଲା କିନ୍ତୁ ଆମେ ଏହାକୁ କରିବାକୁ ସଫଳ ହୋଇଥିଲୁ । ରୋଗୀ ଏବେ ସୁସ୍ଥ ହେଉଛନ୍ତି ଏବଂ ଏହି ଅସ୍ତ୍ରୋପଚାର ପ୍ରାୟ ୩୬ ଦିନ ତଳେ ହୋଇଥିଲା । ତାଙ୍କର କଟା ହାତ ପୁନଃପ୍ରତିରୋପଣ ପରେ ଭଲ ଭାବରେ କାମ କରୁଛି ଏବଂ କ୍ଷତ ମଧ୍ୟ ଭଲ ହୋଇଛି ।”

ଏହି ବିରଳ ଅସ୍ତ୍ରୋପଚାରରେ ଦେଖାଦେଇଥିବା ଆହ୍ୱାନଗୁଡିକ ସମ୍ପର୍କରେ ଡଃ ରାଉତ ଆହୁରି ମଧ୍ୟ କହିଛନ୍ତିଯେ, “କ୍ଷତିଗ୍ରସ୍ତ ମାଂସପେଶୀ ଓ କଟିଯାଇଥିବା ଅଂଶର ବିଭାଜନ କାରଣରୁ ଏଭଳି ଏକ ପରିସ୍ଥିତିରେ ପୁନଃପ୍ରତିରୋପଣ କରିବା ଖୁବ୍ ଜଟିଳ ହୋଇଥାଏ । ମାଂସପେଶୀ ଟକ୍ସିନ୍ ନିସୃତ କରିବାର ସମ୍ଭାବନା ଥାଏ, ଯାହାକି ରୋଗୀଙ୍କ ପାଇଁ ଘାତକ ପ୍ରମାଣିତ ହୋଇପାରେ । ଯେହେତୁ ରୋଗୀ ଗୁରୁତ୍ୱପୂର୍ଣ୍ଣ ସମୟ (୬ରୁ ୮ ଘଂଟା) ହରାଇଥିଲେ ଓ ବହୁ ବିଳମ୍ବରେ ହସ୍ପିଟାଲରେ ପହଂଚିଥିଲେ ତେଣୁ ଏହା ଖୁବ୍ ଆହ୍ୱାନପୂର୍ଣ୍ଣ ଥିଲା । ଡଃ ରାଉତ, ଅର୍ଥୋପେଡିକ୍ ସର୍ଜନ ଡଃ ଗୟାଧର ବେହେରା ଓ ଅନ୍ୟ ଡାକ୍ତରମାନ୍କ ଏକ ଟିମ୍ ଏହି ଅସ୍ତ୍ରୋପଚାର କରିଥିଲେ । ଏହି ଦୁର୍ଘଟଣା ଗତ ଜୁନ୍ ୧ ତାରିଖ ସନ୍ଧ୍ୟା ୭ଟା ବେଳେ ଜାତୀୟ ରାଜପଥରେ ଘଟିଥିଲା । ଆହତ ଚାଳକଙ୍କୁ ନିକଟସ୍ଥ ଏକ ହସ୍ପିଟାଲରେ ପ୍ରଥମେ ପ୍ରାଥମିକ ଚିକିତ୍ସା ଦିଆଯିବା ପରେ ଅଧିକ ଚିକିତ୍ସା ପାଇଁ କଳିଙ୍ଗ ହସ୍ପିଟାଲକୁ ପଠାଯାଇଥିଲା ।” ଡ଼ାକ୍ତର ମାନଙ୍କର ଏକ ଦଳ ଯେଉଁଥିରେ ଡ଼ା. ରାଉତ, ଡ଼ା ଗୟାଧର ବେହେରା, ଅର୍ଥୋପେଡ଼ିକ୍ ସର୍ଜନ ଏବଂ ଅନ୍ୟ ମାନଙ୍କର ମିଳିତ ଉଦ୍ୟମରେ ଏହି ସଫଳ ଅସ୍ତ୍ରୋପଚାର କରାଯାଇଥିଲା । ଘଟଣାଟି ଜୁନ୍ ୧ ତାରିଖ ସଂଧ୍ୟା ୭ରେ ଜାତୀୟ ରାଜପଥରେ ଘଟିଥିଲା । ନିକଟସ୍ଥ ଡ଼ାକ୍ତରଖାନାରେ ତାଙ୍କର ପ୍ରାଥମିକ ଚୀକିତ୍ସା ପରେ ପରବର୍ତ୍ତି ଚିକିତ୍ସା ପାଇଁ ତାଙ୍କୁ କଳିଙ୍ଗ ହସପିଟାଲକୁ ଅଣାଯାଇଥିଲା । ଏହି ଅସ୍ତ୍ରୋପଚାରରେ ସାମିଲ ଥିବା ଅର୍ଥୋପେଡିକ୍ ସର୍ଜନ ଡଃ ଗୟାଧର ବେହେରା କହିଛନ୍ତିଯେ, “ଅର୍ଥୋପେଡିକ୍ ବା ଅସ୍ଥି ବିଜ୍ଞାନ ଦୃଷ୍ଟିରୁ ଏହି ଅସ୍ତ୍ରୋପଚାରରେ ଆମେ ଅଲଗା ହୋଇଥିବା ହାଡକୁ ଯୋଡି ରଖିବା ନିଶ୍ଚିତ କରିବା ଲାଗି ଭିତରେ ଏକ ଇଲେକ୍ଟ୍ରିକ୍ ନେଲ୍ ଭର୍ତି କରିଥିଲୁ ଏବଂ ବାହାର ପଟରୁ ଏହାକୁ ଏକ ରଡ୍ ମାଧ୍ୟମରେ ସପୋର୍ଟ ଦେଇଥିଲୁ । ଏକ୍ସ-ରେ ଦ୍ୱାରା ସେଥିରେ ପ୍ରଗତି ହେଉଥିବା ଆମେ ଦେଖିବାକୁ ପାଇଥିଲୁ । ପ୍ରାୟ ୬ରୁ ୮ ସପ୍ତାହ ମଧ୍ୟରେ ଆମେ ଯୋଡି ହୋଇଥିବା ହାଡର ଏକ ଉନ୍ନତ ଚିତ୍ର ଦେଖିବାକୁ ପାଇଥିଲୁ । ଏଭଳି ମାମଲାରେ ଯଦି ଆବଶ୍ୟକ ହୁଏ ତେବେ ପ୍ରାୟ ୪ ମାସ ପରେ ଆମେ ଭାଙ୍ଗିଥିବା ହାଡକୁ ଭଲ ଭାବେ ଯୋଡିବା ପାଇଁ ଆଉ ଏକ ଅସ୍ତ୍ରୋପଚାର କରିବୁ ।” ଆହତ ଚାଳକଙ୍କୁ ହସ୍ପିଟାଲକୁ ଜୁନ୍ ୨ ତାରିଖ ଭୋର୍ ୧ଟା ୩୦ ମିନିଟ୍‌ରେ ଅଣାଯାଇଥିଲା । ପ୍ରଥମେ ଡାକ୍ତରମାନେ ତାଙ୍କୁ ସ୍ଥିର କରିଥିଲେ ଓ ଅସ୍ତ୍ରୋପଚାର ପୂର୍ବରୁ ତାଙ୍କର ରକ୍ତ ନମୂନା ପରୀକ୍ଷା କରିବାକୁ ପଠାଇଥିଲେ । ଡାକ୍ତର ଟିମ୍‌ର କହିବା ଅନୁସାରେ, ମେଦିନାପୁର କୋଭିଡ୍-୧୯ ପାଇଁ ଏକ ଚିହ୍ନିତ ହଟ୍‌ସ୍ପଟ୍ ଅଂଚଳ ହୋଇଥିବା ସତ୍ତ୍ୱେ, ଡାକ୍ତରମାନେ ରୋଗୀଙ୍କ ଅଙ୍ଗ ଓ ଜୀବନ ବଂଚାଇବା ପାଇଁ ଅସ୍ତ୍ରୋପଚାର କରିଥିଲେ । ହସ୍ପିଟାଲ ପକ୍ଷରୁ କୁହାଯାଇଛି ଯେ, କୋଭିଡ୍-୧୯ର ବିପଦ ସତ୍ତ୍ୱେ ଡାକ୍ତରମାନେ ରୋଗୀଙ୍କୁ ବଂଚାଇବାକୁ ନିଷ୍ପତି ନେଇଥିଲେ ଏବଂ କାରଣ ବିଳମ୍ବ ହୋଇଥିଲେ ତାଙ୍କର କଟାହାତ ରୋଗୀଙ୍କ ପାଇଁ ଗଭୀର ଜଟିଳତା ସୃଷ୍ଟି କରିପାରିଥାନ୍ତା । ଏହି ଅସ୍ତ୍ରୋପଚାରରେ ଡା. ରାଉତଙ୍କ କାର୍ଯ୍ୟ ଥିଲା ରକ୍ତ ବାହିକା ଓ ହାତର ଅନ୍ୟ ଅଂଶଗୁଡିକୁ ଚିହ୍ନଟ କରିବା ଏବଂ ସେଗୁଡିକୁ ପୁନଃସଂଯୋଗ କରିବା, ଯାହାକି କଟା ହାତକୁ ପୁନର୍ଜୀବିତ କରିବା ପାଇଁ ଆବଶ୍ୟକ ଥିଲା, ସେହିପରି ଡଃ ବେହେରା ଭଙ୍ଗା ହାଡକୁ ଯୋଡିବା କାର୍ଯ୍ୟ ତୁଲାଇଥିଲେ ।

# ଖଡିଆଳରେ ସ୍ଥାୟୀ ବସଷ୍ଟାଣ୍ଡ କେବେ ?

ନୂଆପଡ଼ା, ୧୦/୭ (ନି.ପ୍ର): ନୂଆପଡା ଜିଲ୍ଲାର ପ୍ରମୁଖ ସହର ହେଉଛି ଖଡିଆଳ । ଏହି ସହର ଜିଲ୍ଲାର କେନ୍ଦ୍ରସ୍ଥଳୀ ଭାବେ ପରିଚିତ । ଫଳରେ ଏହି ସହର ବ୍ୟବସାୟ ସହ ଅନ୍ୟାନ୍ୟ କ୍ଷେତ୍ରରେ ସୁପରିଚିତ । ଏପରିକି ଏହି ସହରରେ ନୂଆପଡା ଜିଲ୍ଲା ଗଠନ ହେବା ପୂର୍ବରୁ ଜିଲ୍ଲାସ୍ତରୀୟ କାର୍ଯ୍ୟାଳୟ ଏବଂ ଅନ୍ୟାନ୍ୟ ସରକାରୀ, ବେସରକାରୀ ଅନୁଷ୍ଠାନ ଗୁଡିକ ରହିଛି । ହେଲେ ପରିତାପର ବିଷୟ ଏହି ସହରରେ ଆଜି ପର୍ଯ୍ୟନ୍ତ ସ୍ଥାୟୀ ବସଷ୍ଟାଣ୍ଡ ନଥିବାରୁ ସାଧାରଣରେ ଉଦ୍‌ବେଗ ପ୍ରକାଶ ପାଇଛି । ରାଜା ଆର୍ତତ୍ରାଣ ହାଇସ୍କୁଲର ଖେଳ ପଡିଆକୁ ତତ୍‌କାଳୀନ ଉପଜିଲ୍ଲାପାଳ ସରୋଜ କୁମାର ଝା ବସଷ୍ଟାଣ୍ଡ ରୂପେ ନିର୍ମାଣ କରି ଦୀର୍ଘ ବର୍ଷ ଧରି ଚାଲି ଆସୁଥିଲା । ହେଲେ କୌଣସି କାରଣ ବଶତଃ ତତ୍‌କାଳୀନ ଜିଲ୍ଲାପାଳ ଜୟକୁମାର ଭି ଏହି ବସଷ୍ଟାଣ୍ଡକୁ ସ୍ଥାନାନ୍ତର କରି ବ୍ଲକ ଛକ ନିକଟରେ ଥିବା ପ୍ୟାରେଡ୍ ପଡିଆକୁ ବସଷ୍ଟାଣ୍ଡ ରୂପେ ତିଆରି କଲେ । ହେଲେ ଏହି ବସଷ୍ଟାଣ୍ଡ ଆରମ୍ଭ ହେବା ଦିନ ଠାରୁ ବିଭିନ୍ନ ଅବ୍ୟବସ୍ଥାରେ ଗତି କରି ଆସୁଅଛି । ଏପରିକି ଏଠାରେ ଠିକରେ ବିଦ୍ୟୁତ୍ ସୁବିଧା ନଥିବା ବେଳେ ସାଧାରଣ ଯାତ୍ରୀ ଆତଙ୍କିତ ଅବସ୍ଥାରେ ଯାତାୟତ କରିଥାନ୍ତି । ବିଶେଷକରି ମହିଳା ଯାତ୍ରୀ ମାନେ ସନ୍ଧ୍ୟା ହେଲେ ଭୟ କରୁଥିବା ବେଳେ ସନ୍ଧ୍ୟା ସମୟରେ ଏହି ବସଷ୍ଟାଣ୍ଡ ଖାଁ ଖାଁ ଦେଖାଯାଉଛି । ଅନ୍ୟପକ୍ଷରେ କରୋନା ମହାମାରୀ ପରେ ଅଧିକାଂଶ ବସ ଚାଲୁନଥିବାରୁ ଏହି ବସଷ୍ଟାଣ୍ଡ ଆହୁରୀ ଦୟନୀୟ ହୋଇପଡିଛି । ବସଷ୍ଟାଣ୍ଡ ଚାରିପାଖରେ ଥିବା ଦୋକାନ ବଜାର ବନ୍ଦ ହୋଇ ଯାଇଥିବା ବେଳେ ବସଷ୍ଟାଣ୍ଡ ପରିସର ବିପର୍ଯ୍ୟସ୍ତ ହୋଇପଡିଛି । ଫଳରେ ଏଠାରେ ଏକ ସ୍ଥାୟୀ ବସଷ୍ଟାଣ୍ଡ ନିତାନ୍ତ ଜରୁରୀ ହୋଇପଡିଛି । ଜିଲ୍ଲା ପ୍ରଶାସନ ତୁରନ୍ତ ଦୃଷ୍ଟି ଦେଇ ଅତ୍ୟାଧୁନିକ ସୁବିଧା ସୁଯୋଗ ରହିଥିବା ଏକ ସ୍ଥାୟୀ ବସଷ୍ଟାଣ୍ଡ ନିର୍ମାଣ କରିବା ପାଇଁ ସାଧାରଣରେ ଦାବୀ ହେଉଛି ।

# ରକ୍ତଦାନ ଶିବିର ଆୟୋଜିତ



ବାରିପଦା, ୧୦/୭ (ନି.ପ୍ର): ସମଗ୍ର ଦେଶ କରୋନା ମହାମାରୀ ଭୂତାଣୁ ସଂକ୍ରମଣରେ କବଳିତ । ଏଭଳି ଘଡି ସନ୍ଧି ମୁହୂର୍ତରେ ବିଭିନ୍ନ ରକ୍ତଭଣ୍ଡାର ମାନଙ୍କରେ ରକ୍ତ ଅଭାବ ଦେଖାଦେଇଛି । ରୋଗୀମାନେ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି । ସେଥି ନିମନ୍ତେ ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆହ୍ୱାନ ଓ ଜିଲ୍ଲା ପର୍ଯ୍ୟବେକ୍ଷକ ପ୍ରଣବ ପ୍ରକାଶ ଦାସଙ୍କ ନିର୍ଦ୍ଦେଶ କ୍ରମେ ଡାଇମଣ୍ଡ କ୍ଲବ ଓ ଷ୍ଟାର କ୍ଲବ ପକ୍ଷରୁ ରକ୍ତଦାନ ଶିବିର ଆୟୋଜିତ କରିଥିଲେ । ଉକ୍ତ ମହତ ରକ୍ତଦାନ ଶିବିର କାର୍ଯ୍ୟକ୍ରମକୁ କୃଷ୍ଣଚନ୍ଦ୍ର ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ । ଅମୀର ଖାନ,ଦୁର୍ଗା ପ୍ରସାଦ ମହାନ୍ତ,ତପନ କୁମାର ମହାନ୍ତ, ସରୋଜ କୁମାର ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା ।ଏଥିରେ ୨୬ୟୁନିଟ ରକ୍ତ ସଂଗୃହିତ କରାଯାଇଥିଲା । ରକ୍ତ ସଂଗ୍ରହରେ ରକ୍ତଭଣ୍ଡାର ପ୍ରଶାନ୍ତ ଦାସ,ପାର୍ଥ ସାରଥୀ ମହାନ୍ତି, ଶମ୍ଭୁନାଥ ପଳେଇ, ବିନୋଦ ଘୋଷ ଏବଂ ତାଙ୍କ ଟିମ୍ ରକ୍ତ ସଂଗ୍ରହ କରିଥିଲେ । ଅଳ୍ପ ସଂଖ୍ୟାକ ରକ୍ତ ସଂଗ୍ରହ ହେଲେ ମଧ୍ୟ ରକ୍ତ ସଂକଟରେ ଆଉଟୁ ପାଉଟୁ ହେଉଥିବା ରୋଗୀ ମାନଙ୍କର କିଛିଟା ଅଭାବ ପୂରଣ କରି ପାରିବ ଓ ରୋଗୀଙ୍କ ଜୀବନ ବଂଚାଇବାରେ ସାହାଯ୍ୟ କରିବ ଏହା ନିଃସନ୍ଦେହ !

# ସମ୍ବଲପୁର ଖୋର୍ଦ୍ଧାରୋଡ଼, ସମ୍ବଲପୁର ଆନ୍ତଃରାଜ୍ୟ ସ୍ୱତନ୍ତ୍ର ଟ୍ରେନର ଚଳାଚଳ ବାତିଲ

ସମ୍ବଲପୁର, ୧୦/୭ (ନି.ପ୍ର): ରାଜ୍ୟ ଭିତରେ ଜରୁରୀକାଳୀନ ଯାତାୟତ ଓ ଲକଡାଉନ୍ ସମୟରେ ଅଟକି ରହି ଯାଇଥିବା ଯାତ୍ରୀମାନଙ୍କୁ ସେମାନଙ୍କ ଗନ୍ତବ୍ୟସ୍ଥଳରେ ପହଂଚାଇବା ପାଇଁ ଓ ଜନସାଧାରଣଙ୍କ ଦାବିକୁ ଦୃଷ୍ଟିରେ ରଖି ପୂର୍ବତଟ ରେଳବାଇ ପକ୍ଷରୁ ଜୁନ୍ ୮ ତାରିଖରୁ ଜୁନ୍ ୩୦ ତାରିଖ ମଧ୍ୟରେ ରାଜ୍ୟ ମଧ୍ୟରେ ସ୍ୱତନ୍ତ୍ର ରେଳସେବା ଆରମ୍ଭ କରାଯାଇଥିଲା । ପରେ ଏହି ରେଳସେବାକୁ ଜୁଲାଇ ୧ ତାରିଖରୁ ଜୁଲାଇ ୩୧ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଥିଲା । ଯାତ୍ରୀ ପରିବହନ ପରିଚାଳନାକୁ ସମୀକ୍ଷା କରି ଏବଂ କୋଭିଡ୍-୧୯ପଜିଟିଭ୍ କେଶ୍‌ର ବୃଦ୍ଧିକୁ ଦୃଷ୍ଟିରେ ରଖି ଦେଖାଗଲା ଯେ ସମ୍ବଲପୁର-ଖୋର୍ଦ୍ଧାରୋଡ଼ ସମ୍ବଲପୁର ତ୍ରିସାପ୍ତାହିକ ସ୍ୱତନ୍ତ୍ର ଟ୍ରେନ୍ ବହୁ କମ୍ ସଂଖ୍ୟକ ଯାତ୍ରୀ ଯାତ୍ରା କରୁଛନ୍ତି । ଏହାକୁ ଦୃଷ୍ଟିରେ ରଖି ୦୮୩୦୩/ ୦୮୩୦୪ ସମ୍ବଲପୁର-ଖୋର୍ଦ୍ଧାରୋଡ଼-ସମ୍ବଲପୁର ତ୍ରିସାପ୍ତାହିକ ସ୍ୱତନ୍ତ୍ର ଟ୍ରେନ୍ ଆସନ୍ତା ୧୦ ଜୁଲାଇ ୨୦୨୦ରୁ ଉଭୟ ପଟରୁ ବାତିଲ କରାଯାଉଅଛି ।

# ବନ ମହୋତ୍ସବ ଅବସରରେ ଜିଲ୍ଲା ପ୍ରଶାସନ ପକ୍ଷରୁ ୨୩ ହଜାର ବୃକ୍ଷରୋପଣ

କେନ୍ଦ୍ରାପଡ଼ା, ୧୦/୭ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ପ୍ରଶାସନ ପକ୍ଷରୁ ବନ ମହୋତ୍ସବ ସପ୍ତାହ ପାଳନ ଅବସର ରେ ବିଭିନ୍ନ ବ୍ଲକରେ ୨୩ ହଜାର ୩ ୮୫ଟି ବୃକ୍ଷ ରୋପଣ କରାଯାଇଛି । ଜିଲ୍ଲାପାଳ ସମର୍ଥ ବର୍ମାଙ୍କ ନିର୍ଦ୍ଦେଶ କ୍ରମେ ବନ ବିଭାଗ ସହଯୋଗରେ ଆଳି ବ୍ଲକର ୩୪ଟି ଗ୍ରାମ ପଂଚାୟତରେ ୩୪୦୦, ରାଜନଗର ବ୍ଲକର ୨୯ଟି ଗ୍ରା.ପରେ ୨୯୦୦, ରାଜକନିକା ବ୍ଲକର ୨୯ଟି ଗ୍ରା.ପରେ ୨୯୦୦, ପଟ୍ଟାମୁଣ୍ଡାଇ ବ୍ଲକର ୩୧ଟି ଗ୍ରା.ପରେ ୧୪୦୦ ଓ କେନ୍ଦ୍ରାପଡା ବ୍ଲକର ୨୭ଟି ଗ୍ରା.ପରେ ୩୦୦୦ ବୃକ୍ଷ ରୋପଣ କରାଯାଇ ଥିବାବେଳେ ଡେରାବିଶ ବ୍ଲକର ୨୬ଟି ପଂଚାୟତରେ ୨୬୦୦, ମାର୍ଶାଘାଇ ବ୍ଲକର ୨୪ଟି ପଂଚାୟତରେ ୨୪୦୦, ମହାକାଳପଡା ବ୍ଲକର ୩୧ଟି ପଂଚାୟତରେ ୨୯୩୫ , ଗରଦପୁର ବ୍ଲକର ୧୮ଟି ପଂଚାୟତରେ ୧୮୦୦ଟି ଏବଂ ଏଥି ସହିତ ସର୍କିଟ୍ ହାଉସ୍ ପରିସରରେ ୫୦ଟି ବୃକ୍ଷରୋପଣ କରାଯାଇଛି । ଏହି ବନ ମହୋତ୍ସବ ସପ୍ତାହ ପାଳନ ତଥା ବୃକ୍ଷ ରୋପଣ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ନରହରି ସେଠୀ(ରାଜସ୍ୱ), ସମସ୍ତ ବ୍ଲକର ବିଡିଓ, ସରପଂଚ ଏବଂ ବନ ବିଭାଗର ଅଧିକାରୀ ମାନେ ଉପସ୍ଥିତ ଥିଲେ ।

# ରାଷ୍ଟ୍ର ଉଦ୍ଦେଶ୍ୟରେ ୭୫୦ ମେଗାୱାଟ ରେୱା ସୌର ପ୍ରକଳ୍ପ ଉତ୍ସର୍ଗ କରିବେ ପ୍ରଧାନମନ୍ତ୍ରୀ

## ରେୱା ପ୍ରକଳ୍ପ ଯୋଗୁଁ ବାର୍ଷିକ ପ୍ରାୟ ୧୫ ଲକ୍ଷ ଟନ ଅଙ୍ଗାରକାମ୍ଳ ଗ୍ୟାସର ମାତ୍ରା ହ୍ରାସ ପାଇବ

## ଦେଶରେ ୨୦୨୨ ସୁଦ୍ଧା ୧୭୫ ମେଗାୱାଟ ଅକ୍ଷୟ ଶକ୍ତି ଉତ୍ପାଦନ ଲକ୍ଷ୍ୟ ପୂରଣରେ ସହାୟକ ହେବ ପ୍ରକଳ୍ପ

ନୂଆଦିଲ୍ଲୀ, ୧୦/୭ (ନି.ପ୍ର): ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ମଧ୍ୟପ୍ରଦେଶରେ ରେୱାଠାରେ ୭୫୦ ମେଗାୱାଟ ବିଶିଷ୍ଟ ସୌର ଶକ୍ତି ପ୍ରକଳ୍ପକୁ ଆସନ୍ତାକାଲି ଶୁକ୍ରବାର ରାଷ୍ଟ୍ର ଉଦ୍ଦେଶ୍ୟରେ ଉତ୍ସର୍ଗ କରିବେ । ୧୫୦୦ ହେକ୍ଟର ପରିମିତ ଅଂଚଳରେ ଥିବା ସୌର ଉଦ୍ୟାନରେ ୫୦୦ ହେକ୍ଟର ପରିମିତରେ ଥିବା ଏହି ସୌର ପ୍ରକଳ୍ପର ୩ଟି ୟୁନିଟରୁ ୨୫୦ ମେଗାୱାଟ କରି ସୌରଶକ୍ତି ଉତ୍ପାଦିତ ହେବ । ରେୱା ଅଲଟ୍ରା ମେଗା ସୌର ଲିମିଟେଡ (ଆରୟୁଏମଏସଏଲ), ମଧ୍ୟପ୍ରଦେଶ ଉର୍ଜା ବିକାଶ ଲିମିଟେଡ ଓ ଭାରତ ସୋଲାର ଏନର୍ଜୀ ନିଗମର ମିଳିତ ଉଦ୍ୟମରେ ଏହି ପ୍ରକଳ୍ପ ନିର୍ମିତ ହୋଇଛି । ଆରୟୁଏମଏସଏଲକୁ ଏହି ଉଦ୍ୟାନ ଲାଗି ୧୩୮ କୋଟି ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଛି । ସୌର ଉଦ୍ୟାନଟି ନିର୍ମିତ ହେବା ପରେ ଏହାର ବିଭିନ୍ନ ୟୁନିଟରୁ ସୌର ଶକ୍ତି ଉତ୍ପାଦନ ଆରମ୍ଭ କରାଯାଇଥିଲା । ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଉଦ୍ୟମରେ ନିର୍ମିତ ରେୱା ସୌର ପ୍ରକଳ୍ପ ଅନ୍ୟାନ୍ୟ ରାଜ୍ୟମାନଙ୍କ ନିମନ୍ତେ ଏକ ଉଦାହରଣ ପାଲଟିବ । ବିଦ୍ୟୁତ ଶୁଳ୍କ ଦୃଷ୍ଟିରୁ ସମଗ୍ର ଦେଶରେ ଏହି ପ୍ରକଳ୍ପ ଖୁବ ମିତବ୍ୟୟୀ । ସୌର ଶକ୍ତି ଶୁଳ୍କ ୨୦୧୭ରେ ୟୁନିଟ ପିଛା ୪.୫୦ ଟଙ୍କା ଥିବା ବେଳେ ରେୱା ପ୍ରକଳ୍ପରୁ ମିଳୁଥିବା ସୌର ଶକ୍ତି ୟୁନିଟ ପିଛା ୨.୯୭ ଟଙ୍କା ଧାର୍ଯ୍ୟ ହୋଇଥିଲା । ଏହି ପ୍ରକଳ୍ପ ଯୋଗୁଁ ବାର୍ଷିକ ୧୫ ଲକ୍ଷ ଟନ ପର୍ଯ୍ୟନ୍ତ ଅଙ୍ଗାରକାମ୍ଳ ବାଷ୍ପ ହ୍ରାସ ପାଇବ । ଉଦ୍ଭାବନ ଓ ନିର୍ମାଣ ଶୈଳୀ ଦୃଷ୍ଟିରୁ ଏହି ପ୍ରକଳ୍ପ ଦେଶ ଓ ଦେଶ ବାହାରେ ବେଶ ସ୍ୱୀକୃତି ଲାଭ କରିଛି । ଏହା ଉଦ୍ଭାବନ ପାଇଁ ବିଶ୍ୱ ବ୍ୟାଙ୍କ ଅଧ୍ୟକ୍ଷଙ୍କ ପୁରସ୍କାର ପାଇଛି । ଏହି ଅକ୍ଷୟ ଶକ୍ତି ପ୍ରକଳ୍ପ ଦେଶରେ ରାଜ୍ୟ ବାହାରେ ଅନ୍ୟମାନଙ୍କୁ ଶକ୍ତି ଯୋଗାଇବାରେ ଦେଶର ପ୍ରଥମ ପ୍ରକଳ୍ପ ବିବେଚିତ ହୋଇଛି । ପ୍ରକଳ୍ପରୁ ଶତକଡା ୨୪ ଭାଗ ସୌରଶକ୍ତି ଦିଲ୍ଲୀ ମେଟ୍ରୋ ନେଉଥିବା ବେଳେ ଅବଶିଷ୍ଟ ୭୬ ଭାଗ ମଧ୍ୟପ୍ରଦେଶ ରାଜ୍ୟର ଡ଼ିସକମ ନେଉଛି । ଏହି ରେୱା ପ୍ରକଳ୍ପ ଯୋଗୁଁ ଆଗାମୀ ୨୦୨୨ ସୁଦ୍ଧା ଦେଶରେ ୧୭୫ ଗିଗାୱାଟ ସୌରଶକ୍ତି ଧାର୍ଯ୍ୟ ଲକ୍ଷ୍ୟ ହାସଲ କରିବାରେ ରେୱା ପ୍ରକଳ୍ପ ବିଶେଷ ସହାୟତ ହେବ ।

# ଗତ ୨୪ ଘଂଟାରେ ଦେଶରେ ୨୪୮୭୯ ଟି କରୋନାର ନୂଆ ମାମଲା, ୪୮୭ ଜଣଙ୍କର ମୃତ୍ୟୁ

ନୂଆଦିଲ୍ଲୀ, ୧୦/୭ (ନି.ପ୍ର): ଦେଶରେ ଗତ ୨୪ଘଂଟା ମଧ୍ୟରେ ୨୨୭୫୨ ଟି ନୂଆ କରୋନା ମାମଲା ସାମନାକୁ ଆସିଛି । ଏହା ସହିତ କରୋନା ମାମଲା ସଂଖ୍ୟା ୭୬୭୨୯୬ କୁ ବୃଦ୍ଧି ପାଇଛି । ଗତ ୨୪ ଘଂଟା ମଧ୍ୟରେ ୪୮୭ ଜଣଙ୍କର ମୃତ୍ୟୁ ଘଟିଛି । ଆଜି ସକାଳେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଦ୍ୱାରା ପ୍ରକାଶିତ ତଥ୍ୟ ଅନୁଯାୟୀ, ଦେଶରେ ବର୍ତ୍ତମାନ୨୬୯୭୮୯ ସକ୍ରିୟ ରୋଗୀ ଅଛନ୍ତି । ଏଥି ସହିତ ବର୍ତ୍ତମାନ ସୁଦ୍ଧା ୨୧୧୨୯ ମୃତ୍ୟୁବରଣ କରିଛନ୍ତି। ଦେଶରେ ମୋଟ ୪୭୬୩୭୮ ରୋଗୀ ସୁସ୍ଥ ହୋଇ ସାରିଥିବା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶ କରାଯାଇଛି ।

# କରୋନା ମାଡରେ ଘରୋଇ ବସ ମାଲିକ ଘାଇଲା — ଯାତ୍ରୀ ହେଉ ନାହାଁନ୍ତି ବସରେ, ୨ହଜାର କର୍ମଚାରି ଙ୍କ ଜୀବନ ଜୀବିକା ପ୍ରଭାବିତ

ଜୟପୁର, ୧୦/୭ (ନି.ପ୍ର): କରୋନା ସଂକ୍ରମଣ ରୋକିବାକୁ ତାକୁ ମୁକାବିଲା କରିବା ପାଇଁ ଲକ୍ ଡାଉନ ଘୋଷଣା ହୋଇଛି । ଏହି ଲକ ଡାଉନ ଯୋଗୁଁ ବସ ଚଳା ଚଳ ସମ୍ପୁର୍ଣ୍ଣ ବନ୍ଦ କରାଯାଇଥିଲା । ଦୂରଗାମି ବସ ହେଉ କି ଜିଲା ଭିତରେ ମଧ୍ୟ ବସ ଚଳା ଚଳ କରୁ ନଥିଲା । ଫଳରେ ଏହି ଲକଡାଉନ ଯୋଗୁଁ ବସ ମାଲିକ ଓ କର୍ମଚାରିଙ୍କ ଉପରେ ସିଧା ସଳଖ ପ୍ରଭାବ ପଡିଥିଲା । ଏହାକୁ ଗୁରୁତର ସହ ନେଇ ସରକାର ଗତ ଜୁନ ୧ ତାରିଖରୁ କୋରାପୁଟ ଜିଲାରେ ଘରୋଇ ବସ ଚଳା ଚଳ ଆରମ୍ଭ ହୋଇଥିଲା । ଆରମ୍ଭ ହେବା ପରେ ଧିରେ ଧରେ ଗୋଟିଏ ପରେ ଗୋଟିଏ ରୁଟ୍ ରେ ବସ ସେବ ବନ୍ଦ ହେଉଛି । ଗତ ମାର୍ଚ୍ଚ ୨୨ ତାରିଖରୁ କୋରାପୁଟ ଜିଲା ଘୋରଇ ବସ ମାଲିକ ସଂଘର ପାଖା ୨ ଶହରୁ ଅଧିକ ବସ ଚଳା ଚଳ ବନ୍ଦ ହୋଇ ଲକ୍ ଡାଉନ ପର ଠାରୁ ଗାଡି ଗୁଡିକ ଛିଡା ହୋଇ କହିଥିଲା । ରାଜ୍ୟ ଘରୋଇ ବସ ମାଲିକ ସଂଘ ସରକାରଙ୍କ ସହ ଆଲୋଚନା କରିବା ପରେ ଯାତ୍ରୀଙ୍କ ସୁବିଧା ପାଇଁ ବସ୍ ଚଳାଇବାକୁ ନିଷ୍ପି ହୋଇଥିଲା । ତେବେ ବର୍ତ୍ତମାନ କୋରନା ମହାମାରୀ ପାଇଁ ଯାତ୍ରୀଙ୍କ ଦେଖା ନଥିବାରୁ ଯେଉଁ ସବୁ ବସ ଚାଲୁଛି ସେଥରେ ଯାତ୍ରୀଙ୍କ ସଂଖ୍ୟା ୧୦ ରୁ କମ ରହୁଛି । ଫଳରେ ବସ ମାଲିକ ମାନେ ବହୁ କ୍ଷତି ସହୁଥିବା ବେଳେ ମାଲିକ ମାନେ ନୟାନ୍ତ ହୋଇପଡିଛନ୍ତି । ଘୋରଇ ମାଲିକ ସଂଘର ଦାବି କୁ ଗୁରୁତ୍ୱ ଦେଇ ୨୦୨୦ ଏପ୍ରିଲ, ମେ, ଜୁନ ମାସର ରୋଡ ଟେକ୍ସ ଛାଡ କରିଥିବା ବେଳେ ବର୍ତ୍ତମାନ ଜୁଲାଇ ମାସର ଟେକ୍ସ ଇନିସୁରାନ୍ସ କରିବାକୁ ପଡିବ । ମାତ୍ର ବର୍ତ୍ତମାନ ଯାତ୍ରୀ ବସରେ ଚଢୁନଥିବାରୁ ଏଭଳି ସସମ୍ୟା ସୃଷ୍ଟି ହୋଇଛି । ଏହା ସହ ବସଷ୍ଟାଣ୍ଡରେ ହୋଟେଲ ସବୁ ବନ୍ଦ ରହୁଥିବାରୁ ବିଭିନ୍ନ ଅ ଳରୁ ଆସୁଥିବା ବସ କର୍ମଚାରିଙ୍କ ଖାଇବା ରହିବା ସସମ୍ୟା ଲାଗି ଅନେକ ବସ କର୍ମଚାରି ଗାଡି ଚଳାଇବାକୁ ମଧ୍ୟ ଇଛା ପ୍ରକାଶ କରୁ ନାହାଁନ୍ତି । ଡିଜେଲର ଦର ବୃଦ୍ଧି ହୋଇଥିବା ବେଳେ ଏପଟେ ଯାତ୍ରା ହେଉ ନାହାଁନ୍ତି । ତେଲ ଟଙ୍କା ବାହାରୁ ନଥିବା ବେଳେ ଡ୍ରାଇଭର ହେଲପରଙ୍କ ଟଙ୍କା ହାତରୁ ଦେବାକୁ ପଡୁ ଥିବା ମାଲିକ ମାନେ ପ୍ରକାଶ କରିଛନ୍ତି । ଅନ୍ୟ ପଟେ ବସରେ ନିୟୋଜିତ କର୍ମଚାରିଙ୍କ ଦୁରବସ୍ଥା ଦେଖିବି କିଛି କରି ପରୁ ନାହାଁନ୍ତି ବସ ମାଲିକ । କୋରାପୁଟ ଜିଲାରେ ସମସ୍ତ ଙ୍କୁ ଚକ ଗଡିଲେ ହିଁ ଦୈନିକ ମଜୁରି ଦିଆଯାଏ । କରୋନା ଆକ୍ରନ୍ତ ସଂଖ୍ୟା ରାଜ୍ୟରେ ହୁ ହୁ ହୋଇ ବଢୁଥିବାରୁ ମଧ୍ୟ କଟକଣା ରହିବାର ସମ୍ଭାବନା ରହିଛି । ସରକାର ସହାୟତା ପ୍ରଦାନ ନକଲେ ବସ ଚଳାଇବା କଷ୍ଟକର ହେବ ବୋଲି ମାଲିକ ମାନେ ମତ ପ୍ରକାଶ କରିଛନ୍ତି । ଜୟପୁର ଠାରୁ ଅବିଭକ୍ତ କୋରପୁଟ ଜିଲାର କୋଣ ଅନୁକୋଣକୁ ଯାତ୍ରୀ ନେବା ଆଣିବା କରିବା ମୁଖ୍ୟ ମାଧ୍ୟମ ହେଉଛି ଘରୋଇ ବସ ସେବା । ବସ ମାଲିକ ମାନେ ବ୍ୟାଙ୍କ, ଫାଇନାନ୍ସ କମ୍ପାନିରୁ ଋଣ ଆଣି ବସ କିଣିଥାନ୍ତି । ବ୍ୟାଙ୍କଗୁଡିକ ୩ ବର୍ଷ ପାଇ ୧୩ ପ୍ରତଶତ ସୁଧ ହାରରେ ଦେବାକୁ ପଡୁଛି । ବୀମା ବର୍ଷ କୁ ୧ ଲକ୍ଷରୁ ଅଧିକ, ଏମତି ଫିଟନେସ, ପରମିଟ ଆଦି ଟିକସ ବାବଦରେ ପ୍ରତିମାସରେ ୨୦ ରୁ ୨୫ ହଜାର ଟଙ୍କା ମାଲିକକୁ ଖର୍ଚ୍ଚ କରିବାକୁ ପଡୁଛି । ଏହା ବାଦେ କର୍ମଚାରି ଙ୍କ ଦରମା, ବସର ରକ୍ଷଣା ବେକ୍ଷଣ, ମରାମତି ବି ରହିଛି । ଏଭଳି ଅବସ୍ଥା ଆଉ କିଛି ଦିନ ବଳ ବତର ରହିଲେ ମାଲିକ ମାନେ ଆର୍ଥକ ଦେବାଳିଆ ହେବା ସହ କର୍ମଚାରି ମାନେ ହା ହା କାର ହୋଇଯିବେ । ଏପରି ଘଡିସନ୍ଧି ମୁହର୍ତରୁ ରକ୍ଷା ପାଇବା ପାଇଁ ସରକାର ଙ୍କ ସହୟାତା ଲୋଡ଼ିଛି ସଂଘ । ତେଣୁ ଏପରି ସମସ୍ୟାର ସମଧାନ ପାଇ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ସହ ସୁରକ୍ଷା ଓ ସୁଚାରୁରୁପେ ବସ ସେବା ଚାଲି ପାରିବ ସେ ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବୀ ହୋଇଛି । ପାଖା ପାଖି ୩ ମାସରୁ ଅଧିକ ଦିନ ହେବ ଚକା ଜାମ ହୋଇଥିବାରୁ ଗାଡିରେ ନିୟୋଜିତ ହୋଇଥିବା ଡ୍ରାଇଭର, କଣ୍ଡକ୍ଟର, ହେଲପର ଭଳି ୨ ହଜାର କର୍ମଚାରି ଙ୍କ ଜୀବିକା ପ୍ରଭାବିତ ହୋଇଛି । ବସ ଚାଲୁ ନଥିବା ଯୋଗୁଁ ମାଲିକ ମାନେ ବସ କର୍ମଚାରିଙ୍କୁ ପାରିଶ୍ରମିକ ମଧ୍ୟ ଦେଉ ନାହାଁନ୍ତି । ଆର୍ଥିକ କ୍ଷତି କୁ ନେଇ ୨ ଶହରୁ ଅଧିକ ବସ ମାଲିକ ନାଚାର ହୋଇ ପଡିଛନ୍ତି ।

# ଶକ୍ତିକ୍ଷେତ୍ରକୁ ସ୍ୱାଭାବିକ କରିବା ଦିଗରେ ସହଯୋଗ କରିବା ପାଇଁ କେନ୍ଦ୍ରକୁ ପତ୍ର ଲେଖିଲେ ଶକ୍ତିମନ୍ତ୍ରୀ

ଭୁବନେଶ୍ୱର,୧୦ଜୁଲାଇ(ହି.ସ.) - କୋଭିଡ଼-୧୯ରେ କ୍ଷତିର ସାମ୍ନାନ କରୁଥବବା ଶକ୍ତି କ୍ଷେତ୍ରକୁ ସୁଧାରିବା ପାଇଁ କେତେକ ପ୍ରସ୍ତାବ ସହ ଶକ୍ତିମନ୍ତ୍ରୀ କ୍ୟାପ୍‌ଟେନ୍ ଦିବ୍ୟଶଙ୍କର ମିଶ୍ର କେନ୍ଦ୍ର ଶକ୍ତିମନ୍ତ୍ରୀ ଆର.କେ. ସିଂହଙ୍କୁ ଚିଠି ଲେଖିଛନ୍ତି । ଏଥିରେ ବିଦ୍ୟୁତ କ୍ଷେତ୍ର ପାଇଁ ଅଣାଯାଇଥିବା ରଣର ସୁଧହାରକୁ ୯.୫%ରୁ କମାଇ ୬% କରିବା ସହିତ ଏହି ରଣ ପରିଶୋଧର ଅବଧିକୁ ୧୫ ବର୍ଷକୁ ବୃଦ୍ଧି କରିବାକୁ ସେ ଚିଠିରେ ଉଲ୍ଲେଖ କରିଛନ୍ତି। ଶକ୍ତି ବିତରଣ କ୍ଷେତ୍ରରେ ରାଜ୍ୟରେ କ୍ରମାଗତ ଭାବେ ଫନୀ, ବୁଲ୍‌ବୁଲ୍ ଓ ଅମ୍ଫାନ୍ ଭଳି ପ୍ରାକୃତିକ ବିପର୍ଯ୍ୟୟରେ କ୍ଷତିଗ୍ରସ୍ତ ହୋଇଆସିଛି । ସେବୁ ସତ୍ତ୍ୱେ ଏ କ୍ଷେତ୍ରରେ ସଂସ୍କାର ଆଣି ଗୁଣା ମକ ଓ ସ୍ଥିର ବିଦ୍ୟୁତ ସେବା ଯୋଗାଇଦେବାରେ ଅଗ୍ରଣୀ ରାଜ୍ୟ ଭାବେ ଓଡ଼ିଶା କାର୍ଯ୍ୟ କରିଆସୁଛି । ତେବେ ଚଳିତ କୋଭିଡ଼୍-୧୯ରେ କଳକାରଖାନା, ଶିଳ୍ପ ପ୍ରତିଷ୍ଠାନ ଗୁଡ଼ିକ ଲକ୍ ଡାଉନ୍ ହେବା ଯୋଗୁଁ ଶକ୍ତି ଚାହିଦା ହ୍ରାସ ପାଇଥିବା ଏବଂ ଆଶାନୁରୂପକ ବିଦ୍ୟୁତ ଦେୟ ଆଦାୟ ହୋଇ ପାରୁନଥିବା ଯୋଗୁଁ ଏକ ସଙ୍କଟମୟ ପରିସ୍ଥିତି ମଧ୍ୟରେ ଗତି କରୁଥିବା ସେ ଚିଠିରେ ଦର୍ଶାଇଛନ୍ତି । ନିକଟରେ ରାଜ୍ୟ ସରକାର ଗୋଟିଏ ବିଦ୍ୟୁତ ବିତରଣକାରୀ ସଂସ୍ଥାର ୫୧ ପ୍ରତିଶତ ଅଂଶଧନ ଘରୋଇ ସଂସ୍ଥାକୁ ହସ୍ତାନ୍ତର କରି ପରିଚାଳନା ଭାରକୁ ସହଜ କରିବାର ଉଦ୍ୟମ କରିଛନ୍ତି ଏବଂ ଅନ୍ୟ ବିତରଣକାରୀ ସଂସ୍ଥାଗୁଡ଼ିକୁ ମଧ୍ୟ ଘରୋଇ ସଂସ୍ଥାକୁ ହସ୍ତାନ୍ତର ଉପରେ ଅନୁଧାନ କରାଯାଉଛି । ଆମେ କେନ୍ଦ୍ର ସରକାରଙ୍କ ପରାମର୍ଶ ମୁତାବକ ସଂସ୍କାରଯୁକ୍ତ ବିତରଣ ବ୍ୟବସ୍ଥା ଉପରେ ଜୋର ଦେଇଆସିଛୁ ଏବଂ ଚାଲୁଥିବା ଦିନଦୟାଲ୍ ଉପାଧ୍ୟାୟ ଗ୍ରାମୀଣ କୌଶଳ ଯୋଜନା (ଡିଡିୟୁଜିକେୱାଇ), ଆଇପିଡ଼ିଏସ୍-୧୧ ଏବଂ ସୌଭାଗ୍ୟ ଭଳି କାର୍ଯ୍ୟକ୍ରମ ରୂପାୟନ କ୍ଷେତ୍ରରେ ପ୍ରାକୃତିକ ବିପର୍ଯ୍ୟୟ ଗୁଡ଼ିକ ଅନ୍ତରାୟ ସୃଷ୍ଟି କରୁଥିବା ଦୃଷ୍ଟିରୁ ଏହା ବିଳମ୍ବ ହୋଇଥିବା ସେ କହିଛନ୍ତି । ସରକାର ଶିଳ୍ପ ଓ ବାଣିଜ୍ୟ କ୍ଷେତ୍ରକୁ ସ୍ୱାଭାବିକ କରିବା ପାଇଁ ଯେତେସବୁ ପଦକ୍ଷେପ ନେଲେ ବି କୋଭିଡ଼୍ ଯୋଗୁଁ ମାନ୍ଦାବସ୍ଥା ବର୍ଷବ୍ୟାପୀ ଜାରି ରହିବ । ଏଥିରେ ବିଦ୍ୟୁତ ଚାହିଦା ବହୁତ ମାତ୍ରାରେ ହ୍ରାସ ପାଇ ବିତରଣ ସଂସ୍ଥାଗୁଡ଼ିକର ଆର୍ଥିକ ଅବସ୍ଥାକୁ ପ୍ରଭାବିତ କରିବ । ତେଣୁ ବିତରର ସଂସ୍ଥାଗୁଡ଼ିକୁ ଜାତୀୟ ତାପଜ ବିଦ୍ୟୁତ ନିଗମ, ଜାତୀୟ ଜଳ ବିଦ୍ୟୁତ ନିଗମ ଓ ଭାରତୀୟ ଶକ୍ତି ଉତ୍ପାଦନ ନିଗମ ଦ୍ୱାରା ରିହାତି ପ୍ରଦାନ ଓ ଦୁଧ ହ୍ରାସ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି ସେ ପତ୍ରରେ ଉଲ୍ଲେଖ କରିଛନ୍ତି । ଏଠାରେ ସୂଚନାଯୋଗ୍ୟ ଯେ, ଗତ ଜୁଲାଇ ୩ ତାରିଖ ଦିନ ଆୟୋଜିତ ଦେଶର ସମସ୍ତ ଶକ୍ତିମନ୍ତ୍ରୀଙ୍କ ଭିଡ଼ିଓ କନଫରେନସିଂରେ କ୍ୟାପ୍‌ଟେନ୍ ମିଶ୍ର ଉକ୍ତ ବିଷୟ ଗୁଡ଼ିକ ପ୍ରତି କେନ୍ଦ୍ରମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।

## ଛତା କୋଭିଡ ହସପିଟାଲରେ ବଢ଼ିବ ବେଡ୍ ସଂଖ୍ୟା

କେନ୍ଦ୍ରାପଡ଼ା,୧୦।୭ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲାର ଡେରାବିଶ ବ୍ଲକ ଅଧିନ ଛତାଠାରେ ଖୋଲା ଯାଇଥିବା କୋଭିଡ ହସପିଟାଲର ବେଡ୍ ସଂଖ୍ୟା ବୃଦ୍ଧି ପାଇବା ବୋଲି ଜଣାପଡିଛି । ଦୃତ ଗତିରେ ବଢି ଚାଲିଥିବା କରୋନା ସଂକ୍ରମଣ କୁ ଆଖି ଆଗରେ ରଖି ପ୍ରତିକାର ସ୍ୱରୂପ ଏହି ଚିକିତ୍ସାଳୟର ଶଯ୍ୟା ସଂଖ୍ୟାକୁ ଅଧିକ ୫୦ ବଢାଯିବ ବୋଲି ଆଲୋଚନା କରାଯାଇଛି । ଜିଲ୍ଲାପାଳ ସମର୍ଥ ବର୍ମାଙ୍କ ଅଧକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା । ସେଥିରେ ସମ୍ ହସପିଟାଲର କତୃପକ୍ଷଙ୍କ ସହିତ ଏଡିଏମ ନରହରି ସେଠୀ, ଉପ ଜିଲ୍ଲାପାଳ ଜ୍ୟୋତି ଶଙ୍କର ମହାପାତ୍ର, କେନ୍ଦ୍ରାପଡା ଚିକିତ୍ସାଳୟର ଡ଼ଃ ନୃପେନ୍ଦ୍ର ଶତପଥୀ, ଡ଼ଃ ସଚ୍ଚିଦାନନ୍ଦ ମିଶ୍ର , ହସପିଟାଲ ମ୍ୟାନେଜର ପ୍ରମୁଖ ଯୋଗ ଦେଇଥିଲେ ।

# ଜଗତସିଂହପୁର ପ୍ରବାସୀ ଦମ୍ପତିଙ୍କ ମୃତ୍ୟୁ ଘଟଣାରେ ମାନବାଧିକାର କମିଶନଙ୍କ ହସ୍ତକ୍ଷେପ ଲୋଡିଲା ବିଜେପି

ଭୁବନେଶ୍ୱର,୧୦।୭ (ନି.ପ୍ର): ଜଗତସିଂହପୁର ମୁଖ୍ୟ ହସ୍ପିଟାଲରେ ପ୍ରବାସୀ ଦମ୍ପତିଙ୍କ ମୃତ୍ୟୁ ଘଟଣାରେ ରାଜ୍ୟ ବିଜେପି ଏସସି ମୋର୍ଚ୍ଚା ସଭାପତି ତଥା ପୂର୍ବତନ ସାଂସଦ ବିଭୁ ତରାଇଙ୍କ ନେତୃତ୍ୱରେ ଏକ ପ୍ରତିନିଧୀ ଦଳ ରାଜ୍ୟ ମାନବାଧିକାର କମିଶନଙ୍କୁ ଭେଟି ଘଟଣାରେ ସଂପୃକ୍ତ ଥିବା ସମସ୍ତ ଅଭିଯୁକ୍ତ ମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଦାବି କରିଛି । ଡାକ୍ତରଙ୍କ ଅବହେଳା କାରଣରୁ ଜଗତସିଂହପୁର ଜିଲ୍ଲା ଏରସମା ବ୍ଲକ କଟିଜଙ୍ଗୀ ଗାଁର ଏକ ଦମ୍ପତିଙ୍କ ଜୀବନ ଚାଲିଯାଇଛି । ଗତ ଜୁନ୍ ୩୦ ତାରିଖ ଦିନ ନିଳିପ୍ତ ଭୋଳ ଏବଂ ତାଙ୍କ ପତ୍ନୀ ସୁଭଦ୍ରା ସ୍ୱାଇଁ ତେଲେଙ୍ଗାନାରୁ ଫେରି କ୍ୱାରେଂଟାଇନ ସେଂଟରରେ ଥିଲେ । ଜୁଲାଇ ୧ ତାରିଖରେ ହଠାତ୍ ନିଳିପ୍ତ ଭୋଳଙ୍କ ଦେହ ଖରାପ ହେବା ଯୋଗୁଁ ତାଙ୍କ ସ୍ତ୍ରୀ ତାଙ୍କୁ ଜଗତସିଂହପୁର ହସ୍ପିଟାଲକୁ ନେଇଥିଲେ । ସେଠାରେ ତାଙ୍କୁ ଆଇସୋଲେସନ ୱାର୍ଡରେ ରଖାଯାଇଥିଲା । ପରଦିନ ହଠାତ୍ ତାଙ୍କ ଛାତିରେ ଯନ୍ତ୍ରଣା ହେବା ସମୟରେ ତାଙ୍କ ପତ୍ନୀ ମେଡିକାଲ ଡ୍ୟୁଟିରେ ଥିବା ସିଡିଏମଓ ବିଜୟ ପଣ୍ଡା ଏବଂ ଡା. ଅଜୟ ସ୍ୱାଇଁଙ୍କୁ ଚିକିତ୍ସା ପାଇଁ ଅନୁରୋଧ କରିଥିଲେ । କିନ୍ତୁ ସେମାନେ ଗୁରୁତର ହୋଇଥିବା ନିଳିପ୍ତଙ୍କୁ ଚିକିତ୍ସା କରିନଥିଲେ । ଚିକିତ୍ସା ଅଭାବରୁ ନିଳିପ୍ତଙ୍କ ମୃତ୍ୟୁ ହୋଇଥିଲା । ଏହି ଘଟଣାରେ ମିୟମ୍ରାଣ ହୋଇ ତାଙ୍କ ପତ୍ନୀ ସେହି ମେଡିକାଲରେ ନିଜ ହାତକୁ ଏକ ଧାରୁଆ ଅସ୍ତ୍ରରେ କାଟିପକାଇଥିଲେ । ମେଡିକାଲର ଷ୍ଟାଫ ଏହି ଘଟଣା ଦେଖିବା ପରେ ବି କେହି ତାଙ୍କୁ ଉଦ୍ଧାର କରିନିଥିଲେ । ପରେ ସେ ବେକରେ ଲୁଗା ଲଗାଇ ଆତ୍ମହତ୍ୟା କରିଥିଲେ । ପ୍ରଶାସନିକ ଏବଂ ଡାକ୍ତରଙ୍କ ଅବହେଳା ଯୋଗୁଁ ଦୁଇ ଦୁଇଟି ଅମୂଲ୍ୟ ନିରୀହ ଜୀବନ ଚାଲିଗଲା । ଏହି ଘଟଣାକୁ ଏକ ସପ୍ତାହରୁ ଉର୍ଦ୍ଧ୍ୱ ବିତିଲା ପରେ ବି ପୋଲିସ ଅପରାଧୀଙ୍କୁ ଧରିନାହିଁ କି କୌଣସି ତଦନ୍ତ କରୁନାହିଁ। କୋଭିଡ ମହାମାରୀ ସମୟରେ ରାଜ୍ୟରେ ବିଭିନ୍ନ ସ୍ଥାନରେ ଏପରି ଅମାନବୀୟ ଘଟଣା ଘଟିଚାଲିଛି। ରାଜ୍ୟସରକାର ସ୍ୱାସ୍ଥ୍ୟସେବା ପାଇଁ ଯେଉଁ ଡିଣ୍ଡିମ ପିଟୁଛନ୍ତି ତାହା କିପରି ଚାଲିଛି ଏ ଘଟଣାରୁ ସ୍ପଷ୍ଟ ଜଣାପଡୁଛି । ରାଜ୍ୟ ମାନବାଧିକାର କମିଶନ ଏହି ଘଟଣାରେ ହସ୍ତକ୍ଷେପ କରି ଅବହେଳା କରିଥିବା ଡାକ୍ତରଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ମୃତକ ପରିବାର ଲୋକଙ୍କୁ ୩୦ ଲକ୍ଷ ଟଙ୍କାର କ୍ଷତିପୂରଣ ପ୍ରଦାନ କରିବା ପାଇଁ ପ୍ରତିନିଧୀ ଦଳ ଦାବି କରିଛି । ଏହି ପ୍ରତିନିଧୀ ଦଳରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଦିଲୀପ ମଲ୍ଲିକ, ଦେବବ୍ରତ ଦାସ, ସଂଜୟ ମହାନ୍ତି ଏବଂ ମୋହିତ ମହାନ୍ତି ପ୍ରମୁଖ ସାମିଲ ଥିଲେ ।

# ବିଜୁ ଛାତ୍ର ଜନତା ଦଳର ରକ୍ତଦାନ ଶିବିରରେ ୧୬୨ ୟୁନିଟ୍ ରକ୍ତ ସଂଗୃହିତ

ଭୁବନେଶ୍ୱର,୧୦।୭ (ନି.ପ୍ର): ରାଜ୍ୟରେ ରକ୍ତର ଅଭାବ ଦୂର କରିବା ଲକ୍ଷ୍ୟରେ ସାମାଜିକ ଦୂରତା ବଜାୟ ରଖି ବିଜୁ ଛାତ୍ର ଜନତା ଦଳର ରାଜ୍ୟ ସାଧାରଣ ସମ୍ପାଦକ ବିଜୟ ବସନ୍ତିଆଙ୍କ ନେତୃତ୍ୱରେ ୯ ଏବଂ ୧୦ ତାରିଖ ଦୁଇଦିନ ଧରି ଜୀବନ ବିନ୍ଦୁ ରକ୍ତଦାନ ଶିବିର ବିଜୁ ଜନତା ଦଳ ରାଜ୍ୟ କାର୍ଯ୍ୟାଳୟରେ ଆୟୋଜନ କରାଯାଇଥିଲା। ଏହି ରକ୍ତଦାନ ଶିବିରରେ ଦୁଇ ଦିନରେ ସମୁଦାୟ ୧୬୨ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଏହି ଶିବିରରେ ଯୁବକ ଏବଂ ଯୁବତୀମାନେ ସ୍ୱେଚ୍ଛାକୃତ ଭାବେ ରକ୍ତ ଦାନ କରିଥିଲେ। ବର୍ତ୍ତମାନ ମହାମାରୀ କରୋନା ସମୟରେ ମଧ ୧୫ ଜଣ ଦୃଷ୍ଟିହୀନ ଛାତ୍ରଛାତ୍ରୀଙ୍କ ରକ୍ତଦାନ ସମସ୍ତଙ୍କ ପାଇଁ ଏକ ଉଦାହରଣ ପାଲଟିଥିବା ବେଳେ ଅନ୍ୟମାନଙ୍କୁ ରକ୍ତଦାନ କରିବା ପାଇଁ ଉତ୍ସାହିତ କରିଛି । ଉକ୍ତ ରକ୍ତଦାନ ଶିବିରର ଉଦ୍‌ଘାଟନୀ ଉତ୍ସବରେ ଜଳସମ୍ପଦ ମନ୍ତ୍ରୀ ଶ୍ରୀ ରଘୁନନ୍ଦନ ଦାସ, ମୋ ପରିବାରର ଅଧକ୍ଷ ଅରୁପ ପଟ୍ଟନାୟକ, ସାଂସଦ ରାଜଶ୍ରୀ ମଲ୍ଲିକ, ବିଜୁ ଛାତ୍ର ଜନତା ଦଳର କାର୍ଯ୍ୟକାରୀ ସଭାପତି ତଥା ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ, ବିଜୁ ଜନତା ଦଳର ସାଧାରଣ ସମ୍ପାଦକ ବିଶ୍ୱଜିତ ମହାନ୍ତି, ପୂର୍ବତନ କର୍ପୋରେଟର ଅମରେଶ ଜେନା, ଜୟ ଓଡ଼ିଶାର ଅଧକ୍ଷ ରୁଦ୍ରନାରାୟଣ ସାମନ୍ତରାୟ, ବିଜୁ ଜନତା ଦଳର ଯୁବନେତା ସୌମ୍ୟଜିତ ମହାପାତ୍ର, ପ୍ରମୋଦ ସାମଲ, ବିପିୟୁଟି ଡ଼ିପ୍ଲୋମା ଛାତ୍ର ସଂଘର ଉପଦେଷ୍ଟା ସ୍ୱରଜିତ ଆର୍ଯ୍ୟ,ଡ଼ିପ୍ଲୋମା ଛାତ୍ରସଂଘର ସଭାପତି ରାକେଶ ବେହେରା ପ୍ରମୁଖ ରକ୍ତଦାନ କରିବା ସହ ଅନ୍ୟ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ।

# ପୁଣି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସଜନାଗଡ ଅଂଚଳରେ ୭୮ ଜଣଙ୍କ ସ୍ୱାବ୍ ପରୀକ୍ଷା

ନୀଳଗିରି,୧୦।୭ (ନି.ପ୍ର): ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସଜନାଗଡ ଅଂଚଳରେ ୯ ଜଣ କରୋନା ପଜେଟିଭ ଚିହ୍ନଟ ଉକ୍ତ ବ୍ୟକ୍ତିଙ୍କ ସଂସ୍ପର୍ଶରେ ଆସିଥିବା ୭୮ ଜଣ ବ୍ୟକ୍ତିଙ୍କ ରକ୍ତ ନମୁନା ନିଆଯାଇ ପରୀକ୍ଷା ପାଇଁ ପଠାଯାଇଛି। ସୂଚନା ଅନୁଯାୟୀ ଗତ ୮ ତାରିଖ ଦିନ ସଜନାଗଡ ଅଂଚଳର କ୍ୱାରେନଟାଇନ ଓ ହୋମ କ୍ୱାରେନଟାଇନରୁ ୯ ଜଣଙ୍କର କରୋନା ପଜେଟିଭ ଚିହ୍ନଟ ପରେ ସେମାନଙ୍କୁ ପ୍ରଶାସନ ପକ୍ଷରୁ ସୁତେଇ ବଡଗାଁକୁ ସ୍ଥାନାନ୍ତରିତ କରାଯାଇଥିଲା। ଏହି ଖବର ପ୍ରଚାରିତ ହେବା କ୍ଷଣି ସ୍ଥାନୀୟ ଅଂଚଳରେ କୋକୁଆ ଭୟ ସୃଷ୍ଟି ହୋଇଥିଲା। ଗୋଷ୍ଠୀ ସଂକ୍ରମଣକୁ ଆଖି ଆଗରେ ରଖି ସଜନାଗଡ ଓ ଜଡିଦା ସରପଂଚ ନିଜ ନିଜ ପଂଚାୟତକୁ ୭୨ ଘଂଟା ଓ ୪୮ ଘଂଟା ସର୍ଟଡାଉନ ଘୋଷଣା କରିଛନ୍ତି। ଉକ୍ତ ୯ ଜଣ କେଉଁ ମାନଙ୍କ ପ୍ରତ୍ୟେକ୍ଷ ଓ ପରୋକ୍ଷ ସଂସ୍ପର୍ଶରେ ଆସିଥିଲେ ସେନେଇ ପ୍ରଶାସନ ପକ୍ଷରୁ ତଦନ୍ତ କରାଯାଇ ଶୁକ୍ରବାର ପୂର୍ବାହ୍ନରେ ସଜନାଗଡ ପଂଚାୟତ ନୂଆସାହି ପ୍ରାଥମିକ ବିଦ୍ୟାଳୟରେ ୭୮ ଜଣଙ୍କର ସ୍ୱାବ ନମୁନା ନିଆଯାଇଛି। ଏହି ରକ୍ତ ନମୁନା ସଂଗ୍ରହ କାର୍ଯ୍ୟକ୍ରମରେ ଡଃ. ସଂଜୟ କୁମାର ବାରିକ, ସୁପରଭାଇଜର ଦିଲ୍ଲିପ କୁମାର ଦତ, ସଜନାଗଡ ମେଡିକାଲ କର୍ମଚାରୀ ଏବଂ କୋଭିଡ-୧୯ କର୍ମଚାରୀ ଉପସ୍ଥିତ ଥିଲେ। ଅପରପକ୍ଷରେ ନୀଳଗିରି ବିଧାୟକ ସୁକାନ୍ତ ନାୟକ ଓ କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡଙ୍ଗୀଙ୍କ ପରୋକ୍ଷ ପ୍ରତ୍ୟେକ୍ଷରେ ଆସିଥିବା ଦଳୀୟ ବିଜେପି କର୍ମୀ ଓ ସାଧାରଣ ଜନତାଙ୍କୁ ମିଶାଇ ୧୦୪ ଜଣଙ୍କ ରକ୍ତ ନମୁନା ନେଗେଟିଭ ଆସିବା ପରେ ଲୋକେ ଆଶ୍ୱସ୍ତି ଲାଭ କରିଛନ୍ତି।

# ସ୍ୱାମୀର ଉନ୍ମତ କାଣ୍ଡ: ସ୍ତ୍ରୀକୁ ଗୋଡାଇ ଗୋଡାଇ ପିଟିଲା ବିଚ ରାସ୍ତାରେ

ନୀଳଗିରି,୧୦।୭ (ନି.ପ୍ର): ଜନୈକ ସ୍ୱାମୀ ନିଜ ସ୍ତ୍ରୀ ଉପରେ ସ୍ୱାମୀତ୍ୱ ଜାହିର କରିବା ସହିତ କାମକୁ ନଯାଇ ସ୍ତ୍ରୀକୁ ମାରପିଟ କରୁଥିବାବେଳେ ପରିବାରରେ ଆଶାନ୍ତି ଲାଗିରହିଥିଲା। ପାରିବାରିକ କଥାକୁ ନେଇ ମଦ୍ୟପ ସ୍ୱାମୀ ସ୍ତ୍ରୀକୁ ବିଚ ରାସ୍ତାରେ ଗୋଡାଇ ଗୋଡାଇ ପିଟିବା ଘଟଣା ନୀଳଗିରିରେ ଚର୍ଚ୍ଚାର ବିଷୟ ପାଲଟିଛି। ସୂଚନା ଅନୁସାରେ ନୀଳଗିରି ଥାନା ଅଧିନସ୍ଥ ସିଆଡିମାଳ ପଂଚାୟତ କଦମ୍ବଶୁଳ ଗ୍ରାମର ପତିତପାବନ ସିଂ(ଲେଙ୍କ) ନିଜ ସ୍ତ୍ରୀର ରୋଜଗାରରେ ପରିବାର ଚଳିଆସୁଥିଲା ବେଳେ ସ୍ତ୍ରୀ ଲକ୍ଷ୍ମୀ (୨୫) ନିଜ ସାନ ଭଉଣୀ ବାହାଘରକୁ ଜୁନ ମାସରେ ଯାଉଥିବାବେଳେ ସ୍ୱାମୀ ଲେଙ୍କଙ୍କୁ ଘର ପାଖରେ ଛୋଟକାଟିଆ ପାନ ଜଳଖିଆ ଦୋକାନ କରି ସ୍ୱାମୀଙ୍କ ଦାୟିତ୍ୱରେ ଦେଇଥିଲେ। ଭଉଣୀ ବାହାଘରରୁ ଫେରି ଦୋକାନରେ ସମସ୍ତ ଦ୍ରବ୍ୟ ବିକ୍ରୀ ହୋଇଯାଇଥିବା ଏବଂ ନୂତନ ଦ୍ରବ୍ୟ କ୍ରୟ ଉଦ୍ଦେଶ୍ୟରେ ପଇସା ମାଗିବାରୁ ସ୍ୱାମୀ ସ୍ତ୍ରୀ କୁ ଅଶ୍ଳିଳ ଭାଷାରେ ଗାଳିଗୁଲଜ କରି ବିଧା ଗୋଇଠା ମାରିବା ସହିତ ପନଖୀ ଧରି ହାଣିବାକୁ ଗୋଡାଇଥିଲେ। ସ୍ତ୍ରୀ ଭୟରେ ପୋଡାଶୂଳ ବଜାର ପର୍ଯ୍ୟନ୍ତ ଦୌଡି ଆସିଥିଲେ। ପରଦିନ ଅର୍ଥାତ ୧୦ ତାରିଖ ସକାଳ ପ୍ରାୟ ୭.୩୦ ମିନିଟ ସମୟରେ ପୁର୍ନବାର ସ୍ୱାମୀ ଆକ୍ରମଣ କରିବାରୁ ସ୍ତ୍ରୀ ବାଧ ହୋଇ ନୀଳଗିରି ଥାନାରେ ଅଭିଯୋଗ କରିଛନ୍ତି। ଏନେଇ ତଦନ୍ତ ଚାଲିଥିବାର ପୋଲିସ ସୂତ୍ରରୁ ପ୍ରକାଶ।

# କାଳିନାଳି ଗେଟ୍ ଭଙ୍ଗା : ୪ ଖଣ୍ଡ ଗାଁ ଲୋକେ ଚିନ୍ତାରେ

ଭଦ୍ରକ,୧୦।୭ (ନି.ପ୍ର): ଅହରହ ପାଣି ପଶୁଛି ଓ ବାହାରୁଛି। ଭଙ୍ଗା ସୁଇସ୍ ଗେଟ୍ ପାଇଁ ଏମିତି ପାଣି ଯା ଆସ ହେଉଥିବାରୁ ଆଖପାଖ ୪ ଖଣ୍ଡ ଗାଁର ଲୋକେ ଏବେ ହନ୍ତସନ୍ତ ହେଉଛନ୍ତି। ଫଳରେ ପ୍ରାୟ ୨ ଶହ ପରିବାରର ଚାଷଜମି ଏବେ ପାଣିରେ ବୁଡିଛି। ଏ ହେଉଛି ଧାମରା ନିକଟବର୍ତ୍ତୀ ଦୋସିଙ୍ଗା ପଂଚାୟତ କାଳିନାଳି ସ୍ଲୁଇସ୍ ଗେଟ୍‌ର ଦୃଶ୍ୟ। ଚାଷୀଙ୍କ ସୁବିଧା ପାଇଁ ନିର୍ମିତ ଏହି ସ୍ଲୁଇସ୍ ଗେଟ୍‌ର ୩ଟି ଗେଟ୍‌ରୁ ୨ଟି ଗେଟ୍ ଭାଙ୍ଗିଯାଇଛି। ଏହି ଦୁଇଟି ଗେଟ୍ ଦେଇ ସମୁଦ୍ରର ଜୁଆର ପାଣି ଅହରହ ବିଲ୍‌କୁ ପଶୁଛି ଓ ବିଲ୍‌ରୁ ସାରଦିଆ ପାଣି ବି ବାହାର କରି ନେଉଛି। ଚାଷୀଙ୍କ ସୁବିଧା ପାଇଁ ନିର୍ମାଣ ହୋଇଥିବା ସ୍ଲୁଇସ୍ ଗେଟ୍ ଏବେ ଚାଷୀଙ୍କ ଚିନ୍ତାର କାରଣ ପାଲଟିଛି। ନିମ୍ନମାନର କାମ ପାଇଁ ଏହି ଗେଟ୍ ନିର୍ମାଣର ମାତ୍ର କିଛିଦିନ ପରେ ଭାଙ୍ଗି ଗଳି ପଡିବାରୁ ବୈତରଣୀ ନଦୀର ଲୁଣାପାଣି ଗ୍ରାମ ଓ ଚାଷଜମିକୁ ମାଡିଯାଉଛି। ଏହା ୪ ଖଣ୍ଡ ଗ୍ରାମର ଲୋକମାନଙ୍କ ପାଇଁ ମୁଣ୍ଡବିନ୍ଧାର କାରଣ ପାଲଟିଛି। ଗତ ଲଘୁଚାପ ଜନିତ ଲଗାଣ ବର୍ଷା ପରେ ଜୁଆରିଆ ନଦୀର ଏହି ସ୍ଲୁଇସ୍ ଗେଟ୍ ଦେଇ ପାଣି ପଶି ଚାନ୍ଦବାଲି ବ୍ଲକ୍ ଜାଗୁଲା ଓ ଦୋସିଙ୍ଗା ପଂଚାୟତ ଅଧିକାଂଶ ଜମିର ଧାନ ଫସଲ ନଷ୍ଟ ହେବା ନେଇ ଅଭିଯୋଗ ହୋଇଛି। ଗେଟ୍‌ର ମରାମତି ପାଇଁ ଜଳସଂପଦ ବିଭାଗର ଅଧିକାରୀଙ୍କୁ ଜଣାଇଲେ ମଧ କିଛି ଫଳ ମିଳୁନି। ନଦୀରୁ ଜୁଆର ପାଣି ଆସିଲେ ଅତ୍ୟଧିକ ପାଣି ଆସି ଦୋସିଙ୍ଗା, ଜ୍ୟୋସ୍ନାମୟୀ, ସମିପାଟିଆ ଓ ଜାଗୁଲା ପଂଚାୟତର ଜୟଦୁର୍ଗାପାଟଣା ଆଦି ୪ଟି ଗ୍ରାମର ଶତାଧିକ ହେକ୍ଟର ଚାଷଜମିରେ ଲୁଣାପାଣି ଓ ନାଳ ପାର୍ଶ୍ୱରେ ଘର କରି ରହିଥିବା ଲୋକମାନଙ୍କ ଘରେ ମଧ ପଶିଯାଉଛି। ଧାମରା ମୁହାଣକୁ ଲାଗିଥିବା ଏହି କାଳିନାଳୀ ସ୍ଲୁଇସ୍ ଗେଟ୍‌ର ପାଣି ଯୋଗୁଁ ଚଳିତବର୍ଷ ଧାନ ଫସଲ ନଷ୍ଟ ହୋଇଥିବା ଚାଷୀମାନେ ଅଭିଯୋଗ କରିଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ରାଷ୍ଟ୍ର ଉଦ୍ଦେଶ୍ୟରେ...

ସୌର ଶକ୍ତି ଶୁଳ୍କ ୨୦୧୭ରେ ୟୁନିଟ ପିଛା ୪.୫୦ ଟଙ୍କା ଥିବା ବେଳେ ରେୱା ପ୍ରକଳ୍ପରୁ ମିଳୁଥିବା ସୌର ଶକ୍ତି ୟୁନିଟ ପିଛା ୨.୯୭ ଟଙ୍କା ଧାର୍ଯ୍ୟ ହୋଇଥିଲା । ଏହି ପ୍ରକଳ୍ପ ଯୋଗୁଁ ବାର୍ଷିକ ୧୫ ଲକ୍ଷ ଟନ ପର୍ଯ୍ୟନ୍ତ ଅଙ୍ଗାରକାମ୍ଳ ବାଷ୍ପ ହ୍ରାସ ପାଇବ । ଉଦ୍ଭାବନ ଓ ନିର୍ମାଣ ଶୈଳୀ ଦୃଷ୍ଟିରୁ ଏହି ପ୍ରକଳ୍ପ ଦେଶ ଓ ଦେଶ ବାହାରେ ବେଶ ସ୍ୱୀକୃତି ଲାଭ କରିଛି । ଏହି ଅକ୍ଷୟ ଶକ୍ତି ପ୍ରକଳ୍ପ ଦେଶରେ ରାଜ୍ୟ ବାହାରେ ଅନ୍ୟମାନଙ୍କୁ ଶକ୍ତି ଯୋଗାଇବାରେ ଦେଶର ପ୍ରଥମ ପ୍ରକଳ୍ପ ବିବେଚିତ ହୋଇଛି । ପ୍ରକଳ୍ପରୁ ଶତକଡା ୨୪ ଭାଗ ସୌରଶକ୍ତି ଦିଲ୍ଲୀ ମେଟ୍ରୋ ନେଉଥିବା ବେଳେ ଅବଶିଷ୍ଟ ୭୬ ଭାଗ ମଧ୍ୟପ୍ରଦେଶ ରାଜ୍ୟର ଡ଼ିସକମ ନେଉଛି । ଏହି ରେୱା ପ୍ରକଳ୍ପ ଯୋଗୁଁ ଆଗାମୀ ୨୦୨୦ ସୁଦ୍ଧା ଦେଶରେ ୧୭୫ ଗିଗାୱାଟ ସୌରଶକ୍ତି ଧାର୍ଯ୍ୟ ଲକ୍ଷ୍ୟ ହାସଲ କରିବାରେ ରେୱା ପ୍ରକଳ୍ପ ବିଶେଷ ସହାୟକ ହେବ ।

### ୨୪ ଜିଲ୍ଲାରୁ ...

ଜଗତସିଂହପୁର ଜିଲ୍ଲାରେ ୫ ଜଣ, ଯାଜପୁର ଜିଲ୍ଲାରେ ୮୬ ଜଣ , କନ୍ଧମାଳ ଜିଲ୍ଲାରେ ୨ ଜଣ , କେନ୍ଦ୍ରାପଡା ଜିଲ୍ଲାରେ ୫ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । କେନ୍ଦୁଝର ଜିଲ୍ଲାରେ ୩୨ ଜଣ , ଖୋର୍ଧା ଜିଲ୍ଲାରେ ୫୯ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସେହିପରି କୋରାପୁଟ ଜିଲ୍ଲାରେ ୫, ମାଲକାନଗିରି ଜିଲ୍ଲାରେ ୧୮ ଜଣ , ମୟୁରଭଂଜ ଜିଲ୍ଲାରେ ୧୨ ଜଣ, ନୟାଗଡ ଜିଲ୍ଲାରେ ୧୬ ଜଣ , ପୁରୀ ଜିଲ୍ଲାରେ ୧୧ ଜଣ କୋରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସମ୍ୱଲପୁର ଜିଲ୍ଲାରେ ୨ ଜଣ . ସୁନ୍ଦରଗଡ ଜିଲ୍ଲାରେ ୬୨ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।

### ଡା.ହରେକୃଷ୍ଣ ମହତାବଙ୍କ...

ସମାଜରେ ସବୁ ଲୋକମାନେ ମହାପୁରୁଷ ହୁଅନ୍ତି ନାହିଁ ବରଂ ଭବିଷ୍ୟତକୁ ଦେଖିପାରୁଥିବା ବ୍ୟକ୍ତି ହିଁ ମହାପୁରୁଷ ହେବାର କ୍ଷମତା ରଖେ ବୋଲି ଶ୍ରୀ ପ୍ରଧାନ କହିଛନ୍ତି । ଯେଉଁ ସମାଜ, ଜାତି, ବିଶେଷ ଭାବରେ ଯୁବପିଢି ପୂର୍ବଜ ମାନଙ୍କର ଆସ୍ଥା କେନ୍ଦ୍ରକୁ ନେଇ ଭବିଷ୍ୟତର ଯୋଜନା କରିବ ନାହିଁ ତେବେ ସେ ସାମାଜ ଆଗକୁ ବଢ଼ିପାରିବ ନାହିଁ। ଓଡ଼ିଆ ଜାତିକୁ ଆଗକୁ ଯିବା ପାଇଁ ହେଲେ ପୂର୍ବଜ ମାନଙ୍କର ଶ୍ରଦ୍ଧା କେନ୍ଦ୍ର ଗୁଡିକୁ ସମ୍ମାନ କରିବା ପାଇଁ ପଡ଼ିବ। ଏହି ମୂଲ୍ୟବୋଧକୁ ସମସ୍ତେ ଆପଣାଇବା ଦରକାର । ଡା. ହରେକୃଷ୍ଣ ମହତାବ କେନ୍ଦ୍ର ସରକାରରେ ଦାୟିତ୍ୱରେ ଥିବା ସମୟରେ ଆତ୍ମନିର୍ଭର ଭାରତର ପରିକଳ୍ପନା କରିଥିଲେ । ଡା. ହରେକୃଷ୍ଣ ମହତାବ କେନ୍ଦ୍ର ଶିଳ୍ପ ଓ ବାଣିଜ୍ୟ ମନ୍ତ୍ରୀ ଦାୟିତ୍ୱରେ ଥିବା ସମୟରେ ପିମ୍ପରି ପେନସିଲିନ୍, ହିନ୍ଦୁସ୍ତାନ ଏରୋନେଟିକ୍ସ ପରି ଅନେକ ଶିଳ୍ପର କଳ୍ପନା କରିଥିଲେ । ଯାହାର ପ୍ରାସଙ୍ଗିକତା ଆଜି ସମୟରେ ଜଣାପଡୁଛି ଏବଂ ଏହାକୁ ହିଁ ଯୁଗଦ୍ରଷ୍ଟା କୁହାଯାଏ ବୋଲି ସେ କହିଛନ୍ତି ।

### ରାଜ୍ୟର ଆର୍ଥିକ ସ୍ଥିତି ବିଷୟରେ...

ଏବଂ ନିର୍ବାଚନ କୈନ୍ଦ୍ରିକ ଯୋଜନା ହେତୁ ଆଜି ଅର୍ଥ ବ୍ୟବସ୍ଥାର ବିକଳ ଚିତ୍ର ସାମନାକୁ ଆସିଛି ଓ ରାଜ୍ୟ ଆର୍ଥିକ ଦୃଷ୍ଟିରୁ ଏକ ସଂକଟମୟ ପରିସ୍ଥିତି ଭିତରକୁ ଠେଲି ହୋଇଯାଇଛି । କେଉଁ ବିଭାଗରେ କେତେ ନିର୍ଦ୍ଦିଷ୍ଟ ସଂଖ୍ୟକ ପଦବୀ ପୂରଣ ହେବାର ଆବଶ୍ୟକତା ଅଛି ତାକୁ ଅନୁଧ୍ୟାନ କରାଯାଇ ଅବିଳମ୍ବେ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ କରାଯାଉ । ଓଡ଼ିଶାରେ ମହାରାଷ୍ଟ୍ର ଓ ହରିୟାନା ଢ଼ାଂଚାରେ ଘରୋଇ କ୍ଷେତ୍ରରେ ସ୍ଥାନୀୟ ଶିକ୍ଷିତ ବେକାର ଯୁବକ ଯୁବତୀମାନଙ୍କ ପାଇଁ ୮୦ରୁ ୮୫% ଚାକିରୀ ସଂରକ୍ଷଣ ରହୁ । କୋଭିଡ୍ ପ୍ରରୀପ୍ରେକ୍ଷୀରେ ରୋଜଗାର ହରାଇଥିବା ବିଭିନ୍ନ ବର୍ଗ ଯଥା ଶ୍ରମଜୀବୀ, ଚାଷୀ, କ୍ଷୁଦ୍ର ବ୍ୟବସାୟୀ ପ୍ରଭୃତିଙ୍କୁ ମାସକୁ ୭୫୦୦ ଟଙ୍କା ଲେଖାଏଁ ଆଗାମୀ ୬ମାସ ପର୍ଯ୍ୟନ୍ତ ଦିଆଯାଉ । ରୋଜଗାର ନଥିବା ହେତୁ ରାଜ୍ୟର ସହରାଂଚଳ ଓ ଗ୍ରାମାଂଚଳରେ ବସବାସ କରୁଥିବା ପ୍ରତ୍ୟେକ ଗରିବ ଓ ମଧବିତ ଶ୍ରେଣୀର ଲୋକଙ୍କୁ ଏବର୍ଷର ବ୍ୟକ୍ତିଗତ ଟିକସ୍ ପ୍ରଦାନରୁ ସରକାର ରିହାତି ଦିଅନ୍ତୁ। ଉପରୋକ୍ତ ବିଷୟ ଗୁଡ଼ିକୁ ସରକାର ଗମ୍ଭୀରତାର ସହ ଗ୍ରହଣ କରିବା ସହିତ ଉପଯୁକ୍ତ ଧ୍ୟାନ ଦେବେ ବୋଲି ଶ୍ରୀ ପଟ୍ଟନାୟକ ଆଶାବ୍ୟକ୍ତ କରିଛନ୍ତି।

### ଦକ୍ଷତା ବିକାଶ...

ପରେ କାର୍ଯ୍ୟ ପଦ୍ଧତିରେ ଦ୍ରୁତ ପରିବର୍ତନ ଆସିଛି ଏବଂ ଏହା ଶ୍ରମଶକ୍ତିକୁ ବ୍ୟାପକ ଭାବେ ପ୍ରଭାବିତ କରିଛି। ଅସୀମ ପ୍ଲାଟଫର୍ମ ଜରିଆରେ ନିଯୁକ୍ତିଦାତାମାନେ କୁଶଳୀ ଶ୍ରମଶକ୍ତିଙ୍କ ଉପଲବ୍ଧତା ବିଷୟରେ ଅବଗତ ହୋଇପାରିବେ ଏବଂ ଏହା ମଧ ନିଯୁକ୍ତିଆଶାୟୀମାନଙ୍କୁ ନିଯୁକ୍ତି ସୁଯୋଗ ବିଷୟରେ ଅବଗତ କରାଇବ। ଅସୀମ ପୋର୍ଟାଲ ସମ୍ପର୍କରେ ଘୋଷଣା କରି କେନ୍ଦ୍ର ଦକ୍ଷତା ବିକାଶ ଏବଂ ଉଦ୍ୟମିତ ମନ୍ତ୍ରୀ ଡ. ମହେନ୍ଦ୍ର ନାଥ ପାଣ୍ଡେ କହିଥିଲେ ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସଂକଳ୍ପ 'ଆତ୍ମନିର୍ଭର ଭାରତ'କୁ ଆଧାର କରି ତଥା ଭାରତକୁ କୁଶଳୀ ଶ୍ରମଶକ୍ତି ବିଶିଷ୍ଟ ରାଷ୍ଟ୍ରରେ ପରିଣତ କରିବା ଉଦ୍ଦେଶ୍ୟରେ ଅସୀମ ପୋର୍ଟାଲକୁ ପ୍ରସ୍ତୁତ କରାଯାଇଛି। ଏହା ବିଭିନ୍ନ କ୍ଷେତ୍ରରେ କୁଶଳୀ ଶ୍ରମିକଙ୍କ ଚାହିଦା ଓ ଯୋଗାଣରେ ରହିଥିବା ତାରତମ୍ୟକୁ ଦୂର କରିବ। ଦେଶର ଯୁବକମାନଙ୍କ ପାଇଁ ଅସୀମ ନିଯୁକ୍ତି ସୁଯୋଗ ଯୋଗାଇ ଦେବ। ଅସୀମ ସମ୍ପର୍କରେ ଉଲ୍ଲେଖ କରି ଜାତୀୟ ଦକ୍ଷତା ବିକାଶ ନିଗମ (ଏନଏସଡିସି)ର ଅଧକ୍ଷ ଶ୍ରୀ ଏଏମ ନାଏକ କହିଥିଲେ ଯେ କୋଭିଡ ୧୯ ମହାମାରୀ କାରଣରୁ ପ୍ରବାସୀ ଶ୍ରମିକମାନେ ବିଶେଷ ଭାବେ ପ୍ରଭାବିତ ହୋଇଛନ୍ତି। ଏହାକୁ ଦୃଷ୍ଟିରେ ରଖି ଏନଏସଡିସି ପକ୍ଷରୁ କୁଶଳୀ ଶ୍ରମିକମାନଙ୍କୁ ଚିହ୍ନଟ କରିବା ଏବଂ ସେମାନଙ୍କୁ ପୁନଃଜୀବିକା ଅର୍ଜନ ପାଇଁ ସୁଯୋଗ ଯୋଗାଇ ଦେବା ଉଦ୍ଦେଶ୍ୟରେ ଅସୀମ ପୋର୍ଟାଲର ଶୁଭାରମ୍ଭ କରାଯାଇଛି। ଏହା ଉଭୟ ନିଯୁକ୍ତିଦାତା ଏବଂ ନିଯୁକ୍ତି ଆଶାୟୀଙ୍କୁ ବାସ୍ତବ ସୂଚନା ପ୍ରଦାନ କରିବ। ଏନଏସଡିସି ଏବଂ ବେଙ୍ଗାଲୁରୁସ୍ଥିତ ବେଟରପ୍ଲେସ କମ୍ପାନୀର ମିଳିତ ସହଭାଗିତାରେ ଏହାକୁ ବିକଶିତ କରାଯାଇଛି। ବ୍ଲୁ କଲାର ଏମ୍ପ୍ଲୋଇ ମ୍ୟାନେଜମେଣ୍ଟ ଏହାର ବିଶେଷତ୍ୱ। ଏହି ପୋର୍ଟାଲରେ କ୍ଷେତ୍ରୀୟ ଏବଂ ସ୍ଥାନୀୟ ଶିଳ୍ପର ଚାହିଦା ଆଧାରରେ ଶ୍ରମିକଙ୍କ ବିବରଣୀ ରହିବ। ଭାରତୀୟ ରାଜ୍ୟର ପ୍ରବାସୀ ଶ୍ରମିକ ଏବଂ ବିଦେଶୀ ନାଗରିକ, ଯେଉଁମାନେ ବନ୍ଦେ ଭାରତ ମିଶନରେ ବିଦେଶରୁ ଫେରି ସ୍ୱଦେଶ ସ୍କିଲ କାର୍ଡ ଦାଖଲ କରିଛନ୍ତି, ସେମାନଙ୍କୁ ଅସୀମ ପୋର୍ଟାଲରେ ସାମିଲ କରାଯିବ। ବିଭିନ୍ନ ରାଜ୍ୟ ଓ କେନ୍ଦ୍ରୀୟ ଦକ୍ଷତା ଯୋଜନାରେ ସ୍କିଲ ଇଣ୍ଡିଆ ପୋର୍ଟାଲକୁ ଆସୁଥିବା ପ୍ରାର୍ଥୀଙ୍କ ତଥ୍ୟକୁ ପିଏମକେଭିୱାଇ, ଫି ଆଧାରିତ କାର୍ଯ୍ୟକ୍ରମ, ଜାତୀୟ ସହରାଂଚଳ ଜୀବିକା ମିଶନ, ଦୀନଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ ଯୋଜନା ଏବଂ ଶିଖୋ ଔର କମାଓ ସହିତ ଯୋଡ଼ାଯିବ। ଏଥିରେ ନିଯୁକ୍ତିଦାତାଙ୍କ ପାଇଁ ଏକ ପୋର୍ଟାଲ ରହିବ ଯେଉଁଥରେ ନିଯୁକ୍ତିଦାତାଙ୍କ ଅନବୋର୍ଡିଂ, ଚାହିଦା ଆକଳନ ଏବଂ ପ୍ରାର୍ଥୀ ଚୟନ ବ୍ୟବସ୍ଥା ରହିବ। ସେହିପରି ଏଥିରେ ରିପୋର୍ଟ, ଟ୍ରେଣ୍ଡ, ଆନାଲିଟିକ୍ସ ଓ ଚାହିଦା ପୂରଣ ନିମନ୍ତେ ଏକ ଡ୍ୟାଶବୋର୍ଡ ରହିବ । ପ୍ରାର୍ଥୀଙ୍କ ପାଇଁ ନିଜର ପ୍ରୋଫାଇଲ ତିଆରି କରିବା ଓ ଟ୍ରାକ କରିବା, ଚାକିରି ପରାମର୍ଶ ଦେବା ଉଦ୍ଦେଶ୍ୟରେ ଏକ କ୍ୟାଣ୍ଡିଡେଟ ଆପ୍ଲିକେସନ ରହିବ। କୁଶଳୀ ଶ୍ରମିକମାନେ ନିଜର ପ୍ରୋଫାଇଲକୁ ଏହି ଆପରେ ପଞ୍ଜୀକରଣ କରି ଚାକିରି ସୁଯୋଗର ସନ୍ଧାନ କରିପାରିବେ। ସେହିପରି ନିଯୁକ୍ତିଦାତାମାନେ ନିଜର ଆବଶ୍ୟକତା ଅନୁଯାୟୀ ଶ୍ରମଶକ୍ତିଙ୍କ ସନ୍ଧାନ କରିପାରିବେ।

# ଓଡ଼ିଶାକୁ ଶ୍ରୀହୀନ କରିବା ପାଇଁ ଆଉ ଏକ ଉଦ୍ୟମ ପଦାକୁ ଆସିଲା

## ପ୍ରଧାନମନ୍ତ୍ରୀଙ୍କ ହସ୍ତକ୍ଷେପ ଲାଗି କଳିଙ୍ଗ ବିକାଶ ମଂଚର ଚିଠି

ଭୁବନେଶ୍ୱର ,୧୦।୭ (ନି.ପ୍ର): ଓଡ଼ିଶାକୁ ଶ୍ରୀହୀନ କରିବା ପାଇଁ ଆଉ ଏକ ଜଘନ୍ୟ ଚକ୍ରାନ୍ତ ଏବେ ପଦାକୁ ଆସିଛି । ଏଥର ଓଲଟପୁରସ୍ଥିତ ସ୍ୱାମୀ ବିବେକାନନ୍ଦ ରାଷ୍ଟ୍ରୀୟ ପୁନର୍ବାସ ପ୍ରଶିକ୍ଷଣ ଓ ଅନୁସନ୍ଧାନ ସଂସ୍ଥା (ନିର୍‌ତାର)ର ନିର୍ଦ୍ଦେଶକ ଉକ୍ତ କେନ୍ଦ୍ରୀୟ ସଂସ୍ଥାରୁ ୩ଟି ପାଠ୍ୟକ୍ରମ ଉଠାଇଦେବାକୁ କରୁଥିବା ଉଦ୍ୟମ ପଦାରେ ପଡ଼ିଯାଇଛି । ଘଟଣାରୁ ପ୍ରକାଶ ଯେ, କେନ୍ଦ୍ର ସରକାରଙ୍କ ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ମନ୍ତ୍ରଣାଳୟ ଅଧୀନସ୍ଥ 'ନିର୍‌ତାର'ରେ ଗତ ଏକ ଦଶନ୍ଧି ଧରି ପ୍ରଚଳିତ ଥିବା ମାଷ୍ଟର ଅଫ୍ ଫିଜିଓଥେରାପି (ନ୍ୟୁରୋଲୋଜି), ମାଷ୍ଟର ଅଫ୍ ଫିଜିଓଥେରାପି (ପେଡ଼ିଆଟ୍ରିକ୍ସ) ଓ ମାଷ୍ଟର ଅଫ୍ ଆକ୍ୟୁପେସନାଲ ଥେରାପି (ନ୍ୟୁରୋଲୋଜି) ପାଠ୍ୟକ୍ରମକୁ ବନ୍ଦ କରିଦେବା ପାଇଁ ଖୋଦ୍ ନିର୍ଦ୍ଦେଶକ ଯୋଜନାବଦ୍ଧ ଭାବରେ ଲାଗିପଡ଼ିଛନ୍ତି । ନିର୍ଦ୍ଦେଶକ ପ୍ରଥମେ ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତିଙ୍କୁ ଅଧ୍ୟାପକ ନଥିବା ଆଳରେ ଏହି ସ୍ନାତକୋତ୍ତର ପାଠ୍ୟକ୍ରମ ତ୍ରୟକୁ ରଦ୍ଦ କରିଦେବା ପାଇଁ ଏକ ଚିଠି ଲେଖିଥିଲେ । ସେ ମହାମହିମ ରାଜ୍ୟପାଳ, ମାନ୍ୟବର ଉଚ୍ଚଶିକ୍ଷା ମନ୍ତ୍ରୀ, ବିଭାଗୀୟ ଶାସନ ସଚିବ ଓ ବିଶ୍ୱବିଦ୍ୟାଳୟର ପରୀକ୍ଷା ନିୟନ୍ତ୍ରକଙ୍କୁ ଉକ୍ତ ପତ୍ରର ନକଲ ପ୍ରଦାନ କରି ସେମାନଙ୍କର ସହଯୋଗ ଲୋଡ଼ିଥିଲେ । ମାତ୍ର ସେମାନେ ଓଡ଼ିଶାର ସ୍ୱାର୍ଥ ବିରୋଧରେ ଯାଇ ୧୦ ବର୍ଷ ଧରି ଚାଲିଆସୁଥିବା ପାଠ୍ୟକ୍ରମଗୁଡ଼ିକୁ ଉଠାଇଦେବାକୁ ଆଗଭର ହୋଇନଥିଲେ । ଅପରପକ୍ଷରେ 'ନିର୍‌ତାର'ର ଫିଜିଓଥେରାପି ବିଭାଗର ମୁଖ୍ୟ ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ମନ୍ତ୍ରଣାଳୟକୁ ଚିଠି ଲେଖି ବର୍ତ୍ତମାନ ଉକ୍ତ ବିଭାଗରେ ଥିବା ଅଧ୍ୟାପକମାନେ ସମସ୍ତ ସ୍ନାତକୋତ୍ତର ପାଠ୍ୟକ୍ରମକୁ ଚଳାଇବାରେ ସମ୍ପୂର୍ଣ୍ଣ ସମର୍ଥ ବୋଲି ଜଣାଇଦେଇଥିଲେ । ତେଣୁ କୌଣସି ପାଠ୍ୟକ୍ରମକୁ ଉଚ୍ଛେଦ ନକରିବା ପାଇଁ ସେ ଅନୁରୋଧ କରିଥିଲେ । 'ନିର୍‌ତାର'ର ନିର୍ଦ୍ଦେଶକ କିନ୍ତୁ ଚୁପ୍ ହୋଇ ନବସି ପାଠ୍ୟକ୍ରମ ଉଚ୍ଛେଦ ପାଇଁ ବିଭ୍ରାନ୍ତିକର ଯୁକ୍ତିମାନ ଉପସ୍ଥାପନ କରି ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ମନ୍ତ୍ରଣାଳୟକୁ ଏକ ଦୀର୍ଘ ପତ୍ର ଦେଇଛନ୍ତି । ସେଥିରେ ସେ ଲେଖିଛନ୍ତି ଯେ, ମାଷ୍ଟର ଅଫ୍ ଫିଜିଓଥେରାପି (ଏମ୍.ପି.ଟି.) ଶ୍ରେଣୀରେ ନ୍ୟୁରୋଲୋଜି ଓ ପେଡିଆଟ୍ରିକ୍ସ ଏବଂ ମାଷ୍ଟର ଅଫ୍ ଆକ୍ୟୁପେସନାଲ ଥେରାପି (ଏମ୍.ଓ.ଟି.) ଶ୍ରେଣୀରେ ନ୍ୟୁରୋଲୋଜି ପଢ଼ାଇବା ପାଇଁ ଅତିଥି ଅଧ୍ୟାପକ ନିଯୁକ୍ତି କରିବା ଲାଗି ସେ ଦେଇଥିବା ନିର୍ଦ୍ଦେଶକୁ ବିଭାଗୀୟ ମୁଖ୍ୟ କାର୍ଯ୍ୟକାରୀ କରିନାହାନ୍ତି । ସାଧାରଣତଃ ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକରେ କୌଣସି ବିଷୟ ପଢ଼ାଇବା ପଇଁ ଅଧ୍ୟାପକ ଅଭାବ ହେଲେ ସେହି ବିଭାଗର ମୁଖ୍ୟ ଅତିଥି ଅଧ୍ୟାପକ ନିଯୁକ୍ତି ପାଇଁ ଅଧକ୍ଷ ବା ନିର୍ଦ୍ଦେଶକଙ୍କୁ ଜଣାଇଥାନ୍ତି । ମାତ୍ର 'ନିର୍‌ତାର'ର ନିର୍ଦ୍ଦେଶକ ଅତିଥି ଅଧ୍ୟାପକ ନିଯୁକ୍ତି ଲାଗି ନିଜ ଆଡୁ ବିଭାଗୀୟ ମୁଖ୍ୟଙ୍କୁ କହିବାଦ୍ୱାରା ତାଙ୍କର ହୀନ ଉଦ୍ଦେଶ୍ୟ ପଦାରେ ପଡ଼ିଯାଇଛି । ନିର୍ଦ୍ଦେଶକ ପୁଣି ଲେଖିଛନ୍ତି ଯେ, ଉତ୍କଳ ବିଶ୍ୱବିଦ୍ୟାଳୟର ବୋର୍ଡ଼ ଅଫ୍ ଷ୍ଟଡିଜ୍ ୨୦୧୧-୧୨ ଶିକ୍ଷାବର୍ଷରେ ଏମ୍.ପି.ଟି. ପାଠ୍ୟକ୍ରମରେ ନ୍ୟୁରୋଲୋଜି ଓ ପେଡ଼ିଆଟ୍ରିକ୍ସ ସମେତ ୪ଟି ଏବଂ ଏମ୍.ଓ.ଟି. ପାଠ୍ୟକ୍ରମରେ ନ୍ୟୁରୋଲୋଜି ସମେତ ୪ଟି ବିଶେଷ ପତ୍ର (ସ୍ପେଶାଲିଟି) ରଖିବା ପାଇଁ ନିଷ୍ପତ୍ତି କରିଥିଲେ । ବୋର୍ଡ଼ ଅଫ୍ ଷ୍ଟଡିଜ୍‌ର କାର୍ଯ୍ୟକାଳ ମାତ୍ର ଏକ ଶିକ୍ଷାବର୍ଷ ବୋଲି ଜଣାଇ ଏସବୁ ବନ୍ଦ ନହୋଇ ୨୦୧୯-୨୦ ଶିକ୍ଷାବର୍ଷ ପର୍ଯ୍ୟନ୍ତ ଚାଲିଥିବାରୁ ନିର୍ଦ୍ଦେଶକ ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି । ଏଥିରୁ ନିର୍ଦ୍ଦେଶକଙ୍କର ବିଶ୍ୱବିଦ୍ୟାଳୟ ନିୟମାବଳୀ ସମ୍ପର୍କରେ ଠିକ୍ ଜ୍ଞାନ ନଥିବା ସ୍ପଷ୍ଟ ହୋଇଯାଇଛି । ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ମନ୍ତ୍ରଣାଳୟକୁ ଦେଇଥିବା ଚିଠିରେ ନିର୍ଦ୍ଦେଶକ ଲେଖିଛନ୍ତି ଯେ, 'ନିର୍‌ତାର'ରେ ବିଭିନ୍ନ ବିଶେଷ ପତ୍ର ସହ ଚାଲିଥିବା ଏମ୍.ପି.ଟି. ପାଠ୍ୟକ୍ରମ ସମ୍ପର୍କରେ ୨୦୧୯ରେ ଲୋକସଭାରେ ଏକ ପ୍ରଶ୍ନ ପଚରାଯାଇଥିଲା । କେଉଁ ସାଂସଦ ପ୍ରଶ୍ନ ପଚାରିଥିଲେ ଓ ତାଙ୍କର ପ୍ରଶ୍ନ କ'ଣ ଥିଲା, ତାହା ସେ ଉଲ୍ଲେଖ କରିନାହାନ୍ତି । ଲୋକସଭାରେ କୌଣସି ପାଠ୍ୟକ୍ରମ ପରିଚାଳନା ସମ୍ପର୍କରେ ପ୍ରଶ୍ନ ଉଠିଲେ ସେହି ପାଠ୍ୟକ୍ରମ ବନ୍ଦ ହୋଇଯାଏନାହିଁ । ଅଧିକନ୍ତୁ, ଓଡ଼ିଶାର କୌଣସି ଲୋକସଭା ସଦସ୍ୟ ଏପରି ପ୍ରଶ୍ନ ପଚାରିନାହାନ୍ତି । ତେଣୁ 'ନିର୍‌ତାର' ପାଠ୍ୟକ୍ରମ ଉଚ୍ଛେଦ ପାଇଁ ଚାଲିଥିବା ଚକ୍ରାନ୍ତ ସହ ଅଣ-ଓଡ଼ିଆ ବ୍ୟକ୍ତି ମଧ ସମ୍ପୃକ୍ତ ଥିବାର ଆଶଙ୍କା କରାଯାଏ । କଳିଙ୍ଗ ବିକାଶ ମଂଚ ତରଫରୁ ଏହି ସମସ୍ତ ବିଷୟ ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପାଖକୁ ଆଜି ଏକ ଚିଠି ଦିଆଯାଇଛି ଏବଂ ଏଥିସହିତ ଆବଶ୍ୟକ ସମସ୍ତ କାଗଜପତ୍ର ପଠାଯାଇଛି ।

# ଜଙ୍ଗଲ ଅଧିବାସୀ ଓ ଆଦିବାସୀ ଶ୍ରମିକଙ୍କୁ ମହାତ୍ମାଗାନ୍ଧୀ ନରେଗା ଯୋଜନାରେ କାମ ଦେବା ପାଇଁ ଦାବୀ

ଭୁବନେଶ୍ୱର,୧୦।୭ (ନି.ପ୍ର): ଜଙ୍ଗଲରେ ବାସ କରୁଥିବା ଗରିବ ଅଧିବାସୀ ଓ ଆଦିବାସୀମାନଙ୍କୁ ଜାତୀୟ ନିଶ୍ଚିତ କାର୍ଯ୍ୟ ନିଯୁକ୍ତି ଯୋଜନାରେ ଜଙ୍ଗଲରେ ବୃକ୍ଷରୋପଣ ପାଇଁ ଓ ଜଙ୍ଗଲର ସୁରକ୍ଷା ପାଇଁ ସୁରକ୍ଷାକର୍ମୀ ଭାବରେ ନିଯୁକ୍ତି ଦେବା ପାଇଁ, ମାସିକ ୭୫୦୦ ଟଙ୍କା ଆର୍ଥିକ ସହାୟତା ଦେବା ଓ ଡିସେମ୍ବର ମାସ ପର୍ଯ୍ୟନ୍ତ ଜଙ୍ଗଲରେ କାମ କରୁଥିବା ସମସ୍ତ ଅଧିବାସୀ ଓ ଆଦିବାସୀମାନଙ୍କୁ ମୁଣ୍ଡପିଛା ୧୦ କେ.ଜି ଚାଉଳ ଦେବା ଏବଂ ସମସ୍ତଙ୍କୁ କୋଭିଡ଼-୧୯ରୁ ରକ୍ଷା ପାଇବା ପାଇଁ ସମସ୍ତଙ୍କୁ ମାସ୍କ ଏବଂ ସାନିଟାଇଜର ସରକାର ଦେବା ପାଇଁ ଜାତୀୟ ଜଙ୍ଗଲ ଓ ନିର୍ମାଣ ଆନ୍ତର୍ଜାତିକ କର୍ମଚାରୀ ମହାସଂଘର ସଭାପତି, ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ଜାତୀୟ ଉପସଭାପତି, ଓଡ଼ିଶା ଶାଖାର ସଭାପତି ଡକ୍ଟର ରାମଚନ୍ଦ୍ର ଖୁଂଟିଆ ଶୁକ୍ରବାର ନିର୍ମାଣ ଓ ଜଙ୍ଗଲ କର୍ମଚାରୀ ଆନ୍ତର୍ଜାତିକ ମହାସଂଘ ତରଫରୁ ଆୟୋଜିତ ଏକ ଭିଡ଼ିଓ କନ୍‌ଫରେନସ୍‌ରେ କହିଛନ୍ତି। ଭାରତରେ କୋଭିଡ଼-୧୯ର ସଂକ୍ରମଣ ପରିସ୍ଥିତି ଦିନକୁ ଦିନ ବଢ଼ିଥିବାବେଳେ ଏବଂ ପ୍ରତ୍ୟେକଦିନ ୨୪ ଘଂଟା ମଧ୍ୟରେ ଭାରତରେ ୨୫୦୦୦ରୁ ଅଧିକ ସଂକ୍ରମଣ ଓ ୬୦୦ରୁ ଅଧିକ ଲୋକ ଜୀବନ ହାରୁଥିବାବେଳେ କେନ୍ଦ୍ର ଓ ରାଜ୍ୟ ସରକାର ଶ୍ରମିକ କର୍ମଚାରୀଙ୍କୁ ଆର୍ଥିକ ପ୍ୟାକେଜ ଦେବା ପରିବର୍ତ୍ତେ କେନ୍ଦ୍ର ସରକାର ଏକ ତରଫା ଭାବେ ୪ଟି ଲେବର କୋର୍ଡ ପ୍ରଣୟନ କରିବା ଗୁଜୁରାଟ, ମଧ୍ୟପ୍ରଦେଶ ଓ ଉତର ପ୍ରଦେଶ ସରକାର ସମସ୍ତ ଲେବର ଆଇନକୁ ୩ ବର୍ଷ ପର୍ଯ୍ୟନ୍ତ ସସ୍‌ପେଣ୍ଡ କରିବା ଓ ଓଡ଼ିଶା ସରକାର ତାହା ଓଡ଼ିଶା ସମେତ କେତେକ ରାଜ୍ୟ ସରକାର କାର୍ଯ୍ୟ ନିର୍ଘଂଟକୁ ୮ ଘଂଟାରୁ ୧୨ ଘଂଟା ବୃଦ୍ଧି କରିବା ଓ ସମସ୍ତ ଟ୍ରେଡ୍ ୟୁନିଅନ କାର୍ଯ୍ୟକଳାପ ଉପରେ ଅଙ୍କୁଶ ଲଗାଇବା ଫଳରେ ଏକ ଭୟ ଓ ଆତଙ୍କ ପରିସ୍ଥିତି ସୃଷ୍ଟି ହୋଇଛି। କେନ୍ଦ୍ର ସରକାର ଓ ରାଜ୍ୟ ସରକାର ସପର୍କିତ ପରିସ୍ଥିତିରେ ମୁକାବିଲାର ମନୋଭାବ ପରିତ୍ୟାଗ କରି ଶ୍ରମିକ କର୍ମଚାରୀ ସଂଗଠନଗୁଡ଼ିକୁ ବିଶ୍ୱାସକୁ ନେଇ ଆଲୋଚନା ମାଧ୍ୟମରେ ସମସ୍ତ ସମସ୍ୟାକୁ ସମାଧାନ କରିବା ପାଇଁ ଜଙ୍ଗଲ ଓ ନିର୍ମାଣ ଶ୍ରମିକ ଆନ୍ତର୍ଜାତିକ ମହାସଂଘର ସଭାପତି, ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ଜାତୀୟ ଉପସଭାପତି, ଓଡ଼ିଶା ଶାଖାର ସଭାପତି ତଥା ପୂର୍ବତନ ସାଂସଦ ଡକ୍ଟର ରାମଚନ୍ଦ୍ର ଖୁଂଟିଆ ଏହି ଆନ୍ତର୍ଜାତିକ ଭିଡ଼ିଓ କନଫରେନ୍‌ସରେ ଆଲୋଚନାରେ ଭାଗ ନେଇ କହିଛନ୍ତି।

## ଗଣମାଧ୍ୟମ ପ୍ରତିନିଧିଙ୍କୁ କୋଭିଡ୍ ଟେଷ୍ଟ ପରାମର୍ଶ

ବାଲେଶ୍ୱର,୧୦।୭ (ନି.ପ୍ର): ବାଲେଶ୍ୱର ଜିଲ୍ଲାରେ କରୋନା ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ପାଇଚାଲିଥିବା ବେଳେ ଗଣମାଧ୍ୟମ ପ୍ରତିନିଧିଙ୍କ ସ୍ୱାବ ଟେଷ୍ଟ ପାଇଁ ପ୍ରଶାସନ ପକ୍ଷରୁ ଉଦ୍ୟମ ହୋଇଛି। କେତେକ ଦୂରଦୃଷ୍ଟି ସମ୍ପନ୍ନ ସାମ୍ବାଦିକଙ୍କ ପ୍ରସ୍ତାବ କ୍ରମେ ଜିଲ୍ଲାପାଳ କେ ସୁଦର୍ଶନ ଚକ୍ରବର୍ତ୍ତୀ କୋଭିଡ୍ ଟେଷ୍ଟ ପାଇଁ ସମ୍ମତି ପ୍ରକାଶ କରିଛନ୍ତି। ତେବେ ଜିଲ୍ଲାର ସମସ୍ତ ସାମ୍ବାଦିକ, ଫଟୋଗ୍ରାଫର ତଥା ଭିଡିଓ ଜର୍ଣ୍ଣାଲିଷ୍ଟଙ୍କର ସ୍ୱାବ ଟେଷ୍ଟ କରିବା ପରିବର୍ତ୍ତେ କେବଳ ଯେଉଁମାନଙ୍କଠାରେ କରୋନା ଲକ୍ଷଣ ପରିଲକ୍ଷିତ ହେଉଛି, ସେହିମାନେ ଇଚ୍ଛା ପ୍ରକାଶ କଲେ ଟେଷ୍ଟ ପାଇଁ ସ୍ୱାସ୍ଥ୍ୟ ବିଭାଗ ସ୍ୱାବ ସଂଗ୍ରହ କରିବ ବୋଲି ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଜଣାଇଛନ୍ତି। ଏନେଇ ଜିଲ୍ଲାର ଗଣମାଧ୍ୟମ ପ୍ରତିନିଧିମାନେ ଉଚିତ ପଦକ୍ଷେପ ନେବା ପାଇଁ ସେ ପରାମର୍ଶ ଦେଇଛନ୍ତି।

# ୫୦୦ ଟପିଲା ଜିଲ୍ଲାର କରୋନା ସଂକ୍ରମିତଙ୍କ ସଂଖ୍ୟା

ବାଲେଶ୍ୱର,୧୦।୭ (ନି.ପ୍ର): ସମ୍ପ୍ରତି କରୋନା ସଂକ୍ରମଣ କ୍ଷେତ୍ରରେ ଭାରତ ବିଶ୍ୱରେ ତୃତୀୟ ସ୍ଥାନରେ ପହଞ୍ଚିଥିବା ବେଳେ ଆଗାମୀ ଦିନରେ ଏହା ଅଧିକ ମାରାତ୍ମକ ସ୍ଥିତି ସୃଷ୍ଟି କରିବ ବୋଲି ଆଶଙ୍କା ଦେଖାଦେଲାଣି। ସମ୍ପ୍ରତି ଭାରତରେ କରୋନା ସଂକ୍ରମିତଙ୍କ ସଂଖ୍ୟା ୭ ଲକ୍ଷ୯୫ ହଜାର ୭୨୮ ଛୁଇଁଥିବା ବେଳେ ଆଜି ୪୬୦ ଜଣଙ୍କୁ ମିଶାଇ ୨୧ ହଜାର ୬୩୪ ଜଣ କରୋନା ରୋଗୀଙ୍କର ମୃତ୍ୟୁ ହୋଇଛି। ଅନୁରୂପ ଭାବେ ଓଡ଼ିଶାରେ ସଂକ୍ରମିତଙ୍କ ସଂଖ୍ୟା ୧୧,୯୫୬ରେ ପହଞ୍ଚିଛି। ଅନ୍ୟପକ୍ଷରେ ଆଜି ୪ ଜଣଙ୍କୁ ମିଶାଇ ରାଜ୍ୟରେ କରୋନା ମୃତ୍ୟୁ ସଂଖ୍ୟା ୫୬ରେ ପହଞ୍ଚିଛି। ସେହିଭଳି ବାଲେଶ୍ୱରରେ ଗତ ୨୪ ଘଣ୍ଟା ମଧ୍ୟରେ ବାଲେଶ୍ୱରରେ ଚିହ୍ନଟ ହୋଇଥିବା ୯ ଜଣ ନୂଆ ପଜିଟଭ୍‌ଙ୍କୁ ମିଶାଇ ଜିଲ୍ଲାର ମୋଟ ସଂକ୍ରମିତଙ୍କ ସଂଖ୍ୟା ଆଜି୫୦୫ରେ ପହଞ୍ଚିଛି। ସେମାନଙ୍କ ମଧ୍ୟରୁ ୫ ଜଣ କ୍ୱାରେଣ୍ଟାଇନ୍‌ରେ ଥିବା ବେଳେ ବାକି ୪ ଜଣ ସ୍ଥାନୀୟ ସଂକ୍ରମଣ ବୋଲି ଜଣାପଡ଼ିଛି। ତେବେ ଗତ ୩ ଦିନ ଧରି ଜିଲ୍ଲାରେ ବଢ଼ିଥିବା ସ୍ଥାନୀୟ ସଂକ୍ରମିତଙ୍କ କଣ୍ଟାକ୍ଟ ଟ୍ରେସିଂ ସହ ଜିଲ୍ଲା ପ୍ରଶାସନ ପକ୍ଷରୁ ସିମୁଳିଆ ବ୍ଲକର ମାର୍କୋଣା ପଞ୍ଚାୟତ ଓ ଅନ୍ୟ କେତେକ ଅଞ୍ଚଳକୁ କଣ୍ଟେନ୍‌ମେଣ୍ଟଜୋନ୍ ଭାବେ ଘୋଷଣା କରାଯାଇଛି। ସେହିଭଳି ସଦର ବ୍ଲକର କସିପଦା ଓ ଆଙ୍କ ପଞ୍ଚାୟତରେ ସଟ୍ ଡାଉନ୍ ଲାଗୁ କରାଯାଇଛି। ଜିଲ୍ଲାପାଳ କେ ସୁଦର୍ଶନ ଚକ୍ରବର୍ତ୍ତୀ ଏହି ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପକ୍ଷରେ ବଢୁଥିବା କରୋନା ସଂକ୍ରମଣ ରୋକିବାକୁ ପ୍ରଶାସନ ପକ୍ଷରୁ ଏବେ କଟକଣାକୁ ଅଧିକ କଡ଼ାକଡ଼ି କରାଯାଇଛି।

## ଏ.ଆଇ.ଏସ୍.ଏଫ୍. ପକ୍ଷରୁ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କୁ ଦାବି ପତ୍ର ପ୍ରଦାନ

ଭୁବନେଶ୍ୱର,୧୦।୭ (ନି.ପ୍ର): ୟୁ.ଜି.ସି.ର ଛାତ୍ରବିରୋଧି ପରୀକ୍ଷା ପରିଚାଳନା ନିଷ୍ପତି ପ୍ରତ୍ୟାହାର ଦାବିରେ ଅଖିଳ ଭାରତ ଛାତ୍ରସଂଘ ପକ୍ଷରୁ ରାଜ୍ୟର ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ କୁମାର ସାହୁଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି । ଛାତ୍ରସଂଘ ପକ୍ଷରୁ କୁହାଯାଇଛି ଯେ ମାନବସମ୍ବଳ ବିକାଶ ମନ୍ତ୍ରଣାଳୟ ଓ ଗୃହ ମନ୍ତ୍ରଣାଳୟର ମଞ୍ଜୁରୀ ପରେ ୟୁ.ଜି.ସି. ଯେଉଁ ପରୀକ୍ଷା ପରିଚାଳନା ପାଇଁ ନିର୍ଦ୍ଦେଶ ଜାରି କରିଛି ତାହା ସମ୍ପୂର୍ଣ୍ଣ ଅମାନବୀୟ ଓ ଅଦୂରଦର୍ଶୀ । ସମଗ୍ର ଦେଶରେ କରୋନା ସଂକ୍ରମଣ ବୃଦ୍ଧି ପାଉଥିବା ବେଳେ ପରୀକ୍ଷା କରାଇବାର ନିଷ୍ପତି ଛାତ୍ରଛାତ୍ରୀଙ୍କୁ ମୃତ୍ୟୁ ମୁଖକୁ ଠେଲିଦେବା ସଦୃଶ । ପରୀକ୍ଷା ନିଷ୍ପତିରେ ବାରମ୍ବାର ପରିବର୍ତନ ପିଲାଙ୍କୁ ମାନସିକ ଚାପଗ୍ରସ୍ତ କରାଉଛି। ସାମ୍ପ୍ରତିକ ସ୍ଥିତିରେ ଅଫ୍‌ଲାଇନ୍ ପରୀକ୍ଷା ପାଇଁ ପର୍ଯ୍ୟାପ୍ତ ଭିତିଭୂମିର ଅଭାବ ରହିଛି। ଅଫ୍‌ଲାଇନ୍‌ର ବିକଳ୍ପ ଭାବରେ ଯେଉଁ ଅନ୍‌ଲାଇନ୍ ପରୀକ୍ଷା ପାଇଁ ଉଲ୍ଲେଖ କରାଯାଇଛି, ତାହା ସମ୍ପୂର୍ଣ୍ଣ ଶିକ୍ଷା ଓ ଛାତ୍ର ବିରୋଧି। ଅପର ପକ୍ଷରେ ସି.ବି.ଏସ୍.ଇ. ଯେଉଁ ବିଷୟଗୁଡ଼ିକୁ ପାଠ୍ୟକ୍ରମରୁ ବାଦ୍ ଦେଇଛି ତାହା ଅତ୍ୟନ୍ତ ନିନ୍ଦନୀୟ ଓ ଚିନ୍ତାର ବିଷୟ । ଏହି ପରିପ୍ରେକ୍ଷୀରେ, ଅଖିଳ ଭାରତ ଛାତ୍ରସଂଘର ରାଜ୍ୟ ସଭାନେତ୍ରୀ ସଂଘମିତ୍ରା ଜେନାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିବା ସହ ତୁରନ୍ତ ପ୍ରତ୍ୟେକ ଛାତ୍ରଛାତ୍ରୀ ନିକଟରେ ମାଗଣାରେ ପୁସ୍ତକ ଓ ପାଠ୍ୟ ଉପକରଣ ପହଂଚାଇବା ପାଇଁ ମଧ ଆଲୋଚନା କରାଯାଇଥିଲା ।

## ଟ୍ୟାକ୍ସ ହ୍ରାସରେ ଆଶ୍ୱସ୍ତ ମଦ ଉପଭୋକ୍ତା: ବିକ୍ରି ପରିମାଣ ବଢ଼ିବା ଆଶାରେ ଦୋକାନୀ

ବାଲେଶ୍ୱର,୧୦।୭ (ନି.ପ୍ର): କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ରାଜ୍ୟରେ ଦୀର୍ଘଦିନ ଧରି ବନ୍ଦ ରହିଥିବା ସରକାରୀ ପଞ୍ଜୀକୃତ ମଦ ଦୋକାନ ଖୋଲିଥିଲେ ବି ସରକାରଙ୍କ ୫୦ ପ୍ରତିଶତ ଅଧିକ ଟ୍ୟାକ୍ସ ଖାଉଟିଙ୍କ ଚିନ୍ତା ବଢ଼ାଇ ଦେଇଥିଲା। ମାତ୍ର ଏହି ଟ୍ୟାକ୍ସକୁ ସରକାର ଏବେ ୩୫ ପ୍ରତିଶତ ହ୍ରାସ କରିବା ଯୋଗୁଁ ଉପଭୋକ୍ତା ମହଲରେ କିଛିଟା ଆଶ୍ୱସ୍ତି ପରିଲକ୍ଷିତ ହୋଇଛି। ଫଳରେ ଆଜିଠାରୁ ବାଲେଶ୍ୱରର ପଞ୍ଜୀକୃତ ଦୋକାନ ମାନଙ୍କରେ ବିକ୍ରି ହାର ବୃଦ୍ଧି ପାଇଥିବା ଜଣାପଡ଼ିଛି। ଦୋକାନରେ ଭିଡ଼ କମାଇବା ପାଇଁ ଦୋକାନୀମାନଙ୍କ ପକ୍ଷରୁ ଯଦିଚଃ ପଦକ୍ଷେପ ନିଆଯାଉଛି, ତେବେ ଦୋକାନ ବନ୍ଦ ହେବା ସମୟ ଅର୍ଥାତ ସଂଧ୍ୟା ୬ଟା ବେଳେ ଅଧିକ ଭିଡ଼ ହେଉଥିବା ଲକ୍ଷ୍ୟ କରାଯାଇଛି। ପୂର୍ବରୁ ନିଗମଠାରୁ ଦୋକାନୀମାନେ ନେଇଥିବା ଅଧିକ ଟ୍ୟାକ୍ସଯୁକ୍ତ ମଦ ମଧ୍ୟ ୩୫ ପ୍ରତିଶତ ହ୍ରାସ ସହ ବିକ୍ରି କରିବେ ବୋଲି ଜିଲ୍ଲା ଅବକାରୀ ବିଭାଗକୁ ଆସିଥିବା ଚିଠିରୁ ଜଣାପଡ଼ିଛି। କୌଣସି ଦୋକାନୀ ପୂର୍ବର ଅଧିକ ମୂଲ୍ୟରେ ମଦ ବିକ୍ରି କରିପାରିବେ ନାହିଁ ବୋଲି ଜିଲ୍ଲା ଅବକାରୀ ଅଧୀକ୍ଷକ ବିବେକାନନ୍ଦ ନାୟକ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ପଶ୍ଚିମବଙ୍ଗରୁ ଚୋରା ମଦ ବାଲେଶ୍ୱରକୁ ଆସିବା କାରଣରୁ ଜିଲ୍ଲାର ପଞ୍ଜୀକୃତ ଦୋକାନୀଙ୍କ ଧାର୍ଯ୍ୟ ବିକ୍ରି ପରିମାଣ ହ୍ରାସ ହେଉଥିବା ନେଇ ଦୋକାନୀମାନେ ଆରୋପ ଉଠାଇଛନ୍ତି।

# କରୋନା ସଂକ୍ରମଣ ରୋକିବାକୁ ପ୍ରଶାସନର୍ କଡ଼ା ପଦକ୍ଷେପ




ବାଲେଶ୍ୱର,୧୦।୭ (ନି.ପ୍ର): ଜିଲ୍ଲାରେ ବଢ଼ି ଚାଲିଥିବା କରୋନା ସଂକ୍ରମଣ ରୋକିବା ପାଇଁ ପ୍ରଶାସନ ପକ୍ଷରୁ କଟକଣା ଆହୁରି କଡ଼ାକଡ଼ି ହୋଇଛି। ବିଶେଷ କରି ସପ୍ତାହ ଅନ୍ତ ଦୁଇଦିନିଆ ସଟ୍ ଡାଉନ୍ ବେଳେ ବାହାରେ ବୁଲୁଥିବା ଅମାନିଆଙ୍କୁ ସାବାଡ଼ କରିବା ଓ ସହରର ବିଭିନ୍ନ ମାର୍କେଟର ଦୋକାନ ଆଗରେ ହେଉଥିବା ଭିଡ଼ କମାଇବା ଉପରେ ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଉଛି। ଏନେଇ ଆଜି ମାଇକ୍‌ରେ ପ୍ରଚାର କରାଯିବା ସହ ଏକାଧିକ ପୁଲିସ ଟିମ୍ ପକ୍ଷରୁ ଜନସାଧାରଣ ଓ ଦୋକାନୀଙ୍କୁ ସଚେତନ କରାଯାଉଥିବା ଦେଖିବାକୁ ମିଳିଥିଲା। ଦେକାନରେ ଭିଡ଼ ନ କରିବା, ସାମାଜିକ ଦୂରତା ରକ୍ଷା କରିବା, ସମସ୍ତେ ମାସ୍କ ପିନ୍ଧିବାକୁ ଜିଲ୍ଲା ପୁଲିସ ପକ୍ଷରୁ କୁହାଯାଇଛି। ତେବେ ଦୋକାନରେ ହେଉଥିବା ଭିଡ଼ ପାଇଁ ଦୋକାନୀଙ୍କୁ ଦାୟୀ କରାଯିବା ସହ ଆବଶ୍ୟକ ପଡ଼ିଲେ ଫାଇନ୍ ଆଦାୟ ସହ ଦୋକାନକୁ ସିଲ କରାଯିବ ବୋଲି ପୁଲିସ ପକ୍ଷରୁ ଚେତାବନୀ ଦିଆଯାଇଛି। କରୋନା ଭଳି ସ୍ଥିତିରୁ ନିଜେ ବର୍ତ୍ତିବା ସହ ଅନ୍ୟର ଜୀବନ ରକ୍ଷା ପାଇଁ ସମସ୍ତେ ନିୟମ ପାଳନ କରିବାକୁ ପ୍ରଶାସନ ପକ୍ଷରୁ ପରାମର୍ଶ ଦିଆଯାଇଛି।

## ଆଜିଠୁ ପୋଲିସ ସେବା ଭବନ ୪୮ ଘଂଟା ବନ୍ଦ

ଭୁବନେଶ୍ୱର,୧୦।୭ (ନି.ପ୍ର): ଭୁବନେଶ୍ୱର- କଟକ କମିଶନରେଟ ପୋଲିସର ପୋଲିସ ସେବା ଭବନ ଆସନ୍ତାକାଲି ଠାରୁ ୪୮ ଘଂଟା ବନ୍ଦ ରହିବ। ୧୧ ତାରିଖ ସକାଳ ୯ଟାରୁ ୧୩ ତାରିଖ ସକାଳ ୯ଟା ପର୍ଯ୍ୟନ୍ତ କମିଶନରେଟ୍ ଅଫିସ୍ ବନ୍ଦ ରହିବ। ଉଭୟ କର୍ମଚାରୀ ଓ ସାଧାରଣ ଲୋକଙ୍କ ପାଇଁ ଅଫିସ୍ ବନ୍ଦ ରହିବ। ବନ୍ଦ ସମୟ ମଧ୍ୟରେ ସଂପୂର୍ଣ୍ଣ କୋଠାକୁ ସାନିଟାଇଜ କରାଯିବ ବୋଲି ଟ୍ୱିଟ କରି ସୂଚନା ଦେଇଛି କମିଶନରେଟ ପୋଲିସ।

# ୨୦୧୫ ଓ ୨୦୧୬ ବର୍ଷ ପାଇଁ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ଘୋଷଣା

ଭୁବନେଶ୍ୱର,୧୦।୭ (ନି.ପ୍ର): ଓଡ଼ିଶା ସାହିତ୍ୟ ଏକାଡେମୀ ୨୦୧୫ ଓ ୨୦୧୬ ବର୍ଷ ପାଇଁ ଶୁକ୍ରବାର ପୁରସ୍କାର ଘୋଷଣା କରାଯାଇଛି। ୨୦୧୫ ପାଇଁ ଉପନ୍ୟାସ ବିଭାଗରେ 'ଗୋଟିଏ ଯୋଡି ଗାଁର କାହାଣୀ' ପାଇଁ ପୁରସ୍କାର ପାଇବେ ନିତ୍ୟାନନ୍ଦ ପଣ୍ଡା। ସେହିପରି କ୍ଷୁଦ୍ରଗଳ୍ପ (ଉପରମୁହାଁ) ପାଇଁ ପବିତ୍ର ପାଣିଗ୍ରାହୀ, କାବ୍ୟ କବିତା (ଗୋଧୂଳି ଗୀତ) ବୀଣାପାଣି ପଣ୍ଡା, ନାଟକ ଓ ଏକାଙ୍କିକା କ୍ଷେତ୍ରରେ ଯୁଗ୍ମ ଭାବେ ସଂଜୟ ହାତୀ (ପଂଚମାୟା) ଏବଂ ନବୀନ କୁମାର ପରିଡ଼ା (ନାଟୁଆ ଓ ଅନ୍ୟ ନାଟକ) ପାଇବେ ପୁରସ୍କାର। ପ୍ରବନ୍ଧ (ସାହିତ୍ୟ ସମାଲୋଚନା ତାତ୍ତ୍ୱିକ ଓ ପ୍ରୟୋଗିତ ପ୍ରସଙ୍ଗ) ପାଇଁ ପଂଚାନନ ମିଶ୍ର, ଜୀବନୀ ଓ ଭ୍ରମଣ ସାହିତ୍ୟ (ଲୌହ ମାନବ ସର୍ଦ୍ଦାର ପଟେଲ) ପାଇଁ ଧରଣୀଧର ପାଣିଗ୍ରାହୀ, ଅନୁବାଦ (ତଥାପି କିଛି ରହିଯିବ) ବିଜୟ ମହାନ୍ତି, ଶିଶୁ ସାହିତ୍ୟ (ଗଛଟିଏ ଶିଶୁଟିଏ) ପାଇଁ ରବୀନ୍ଦ୍ର ବିଶ୍ୱାଳ ପାଇବେ ପୁରସ୍କାର। ସେହିପରି ୨୦୧୫ ପାଇଁ ଗୀତି କବିତା (ପ୍ରତି ପଲକରେ ତୁମେ) ପାଇଁ ପୁରସ୍କାର ପାଇବେ ମନୋଜ ମହାନ୍ତି। ୨୦୧୬ ବର୍ଷ ପାଇଁ ଉପନ୍ୟାସ 'ଅମ୍ବା' ପାଇଁ ଲକ୍ଷ୍ମୀପ୍ରିୟା ଆଚାର୍ଯ୍ୟ ପାଇବେ ପୁରସ୍କାର। ସେହିପରି କ୍ଷୁଦ୍ରଗଳ୍ପ (ରମାକୁ ମାରିବାର ପାଂଚଟି ଉପାୟ) ଦେବଦାସ ଛୋଟରାୟ, କବିତା (ଫେରନ୍ତି ଘର) ଭଗବାନ ଜୟସିଂହ, ନାଟକ (ଆତ୍ମଲିପି ଓ ଅନ୍ୟାନ୍ୟ) ଫକୀର ସିଂହ, ପ୍ରବନ୍ଧ (ଆଲୋଚନା ପ୍ରସଙ୍ଗ) ପ୍ରସନ୍ନ ସ୍ୱାଇଁ, ଜୀବନୀ ଓ ଭ୍ରମଣ କ୍ଷେତ୍ରରେ ଯୁଗ୍ମ ଭାବେ ସୁରେନ୍ଦ୍ର ମହାରଣା(ପ୍ରଫେସର ନବୀନ କୁମାର ସାହୁ) ଏବଂ ପ୍ରଦୋଷ ପଟ୍ଟନାୟକ (ଚାଲିଛି... ଚାଲିବି ନପଡ଼ିବି ଥକି), ଅନୁବାଦ(ମେଘବାହନ) ଶାରଦା ରଥ, ଶିଶୁ ସାହିତ୍ୟ(ଚୁଇଁ ଚଢେଇ) ଦେବେନ୍ଦ୍ର ଚୌଧୁରୀ, ଗୀତି କବିତା(ମିଶ୍ର ରାଗ) ପାଇଁ ପୁରସ୍କାର ପାଇବେ ମିଶ୍ର ସତ୍ୟନାରାୟଣ। ଓଡିଶା ସାହିତ୍ୟ ଏକାଡେମୀ ସଚିବ ଶୁଚିସ୍ମିତା ମନ୍ତ୍ରୀ ଏହି ସୂଚନା ଦେଇଛନ୍ତି।

# ପରିବହନ ବୃଦ୍ଧି ପାଇଁ ପୂର୍ବ ତଟ ରେଳପଥ ଦ୍ୱାରା ବିଡ଼ିୟୁ ଗଠିତ

ଭୁବନେଶ୍ୱର,୧୦।୭ (ନି.ପ୍ର): ରେଳବାଇ ବୋର୍ଡ଼ର ନିର୍ଦ୍ଦେଶାନୁଯାୟୀ ପୂର୍ବ ତଟ ରେଳପଥ, ଶିଳ୍ପ ଓ ବାଣିଜ୍ୟ ସଂସ୍ଥା ଗୁଡ଼ିକର ନିକଟତର ହେବା ନିମନ୍ତେ ଓ ନନ୍-ବଲ୍‌କ ଗୁଡ଼୍‌ସ ଟ୍ରାଫିକ୍ ସହିତ ବିଭିନ୍ନ କ୍ଷେତ୍ରରେ ଥିବା ପରିବହନ ଆବଶ୍ୟକତାରେ ରେଳପଥ ର ଅଂଶୀଦାରିତା ବୃଦ୍ଧି କରିବା ନିମନ୍ତେ ଉଭୟ ଜୋନାଲ୍ ଓ ମଣ୍ଡଳ ସ୍ତରରେ ବିଜ୍‌ନେସ୍ ଡ଼େଭେଲପ୍‌ମେଂଟ୍ ୟୁନିଟ୍ ଗୁଡ଼ିକର ଗଠନ କରିଛି। ଜୋନାଲ୍ ସ୍ତରରେ ପୂର୍ବ ତଟ ରେଳପଥର ମହାପ୍ରବନ୍ଧକ ଶ୍ରୀ ବିଦ୍ୟାଭୂଷଣଙ୍କ ଦ୍ୱାରା ଗଠନ କରାଯାଇଥିବା ଚାରି ଜଣ ସଦସ୍ୟ ବିଶିଷ୍ଟ ବିଜ୍‌ନେସ୍ ଡ଼େଭେଲପ୍‌ମେଂଟ୍ ୟୁନିଟ୍ ରେ ମୁଖ୍ୟ ମାଲ ପରିବହନ ପ୍ରବନ୍ଧକ ଶ୍ରୀ ସଞ୍ଜୟ ମିଶ୍ର ଆବାହକ ରୂପେ, ମୁଖ୍ୟ ବାଣିଜ୍ୟ ପ୍ରବନ୍ଧକ (ପଣ୍ୟ ପରିବହନ ସେବା) ଶ୍ରୀ ପ୍ରହଲ୍ଲାଦ ଚନ୍ଦ୍ର ସାହୁ, ମୁଖ୍ୟ ରୋଲିଂ ଷ୍ଟକ୍ ଇଞ୍ଜିନିୟର ଶ୍ରୀ ଏସ୍.ପି.ସିଂହ ଏବଂ ଅର୍ଥନୈତିକ ପରାମର୍ଶ ଦାତା ଓ ମୁଖ୍ୟ ଲେଖା ଅଧିକାରୀ ଶ୍ରୀ ବିଜୟ କୁମାର ମିଶ୍ର ସଭ୍ୟ ରୂପେ ଅଛନ୍ତି। ସେହିପରି ପୂର୍ବ ତଟ ରେଳପଥ ର ଖୋର୍ଦ୍ଧା ରୋଡ଼, ବିଶାଖାପାଟଣା ଓ ସମ୍ବଲପୁର ସ୍ଥିତ ସମସ୍ତ ତିନୋଟି ମଣ୍ଡଳ ଗୁଡ଼ିକରେ ଗଠିତ ହୋଇଥିବା ବିଜ୍‌ନେସ୍ ଡ଼େଭେଲପ୍‌ମେଂଟ୍ ୟୁନିଟ୍, ସମ୍ବନ୍ଧୀୟ ବିଭାଗ ଅର୍ଥାତ୍ ଟ୍ରେନ୍ ପରିଚାଳନା, ବାଣିଜ୍ୟ, ଅର୍ଥ ଓ ଯାନ୍ତ୍ରୀକ ବିଭାଗରୁ ଶାଖା ଅଧିକାରୀ ସଭ୍ୟ ମାନଙ୍କୁ ନେଇ ବରିଷ୍ଠ ମଣ୍ଡଳ ପରିଚାଳନା ପ୍ରବନ୍ଧକଙ୍କ ସମନ୍ୱୟରେ ପରିଚାଳିତ ହେବ। ବିଜ୍‌ନେସ୍ ଡ଼େଭେଲପ୍‌ମେଂଟ୍ ୟୁନିଟ୍ ଗୁଡ଼ିକ ବାଣିଜ୍ୟ ଓ ଶିଳ୍ପ ସଂସ୍ଥା ମାନଙ୍କ ସହିତ ବାରମ୍ବାର ଆଲୋଚନା କରି ବର୍ତମାନର ପରିବହନ ପଦ୍ଧତି ସମ୍ବନ୍ଧରେ ଜାଣିପାରିବେ ଓ ସେମାନଙ୍କୁ ମଧ ରେଳବାଇ ମାଧ୍ୟମରେ ପରିବହନ କରିବାପାଇଁ ଆକୃଷ୍ଟ କରାଇବେ। ଏହା ଶିଳ୍ପ ଓ ବାଣିଜ୍ୟ ପ୍ରତିନିଧି ମାନଙ୍କୁ ଏବଂ ରେଳ ପଣ୍ୟ ଉପଭୋକ୍ତା ମାନଙ୍କୁ ଉପଯୁକ୍ତ ଜୋନାଲ୍ ଓ ମଣ୍ଡଳ ସ୍ତରରେ ରେଳପଥ ସହିତ ସମ୍ପର୍କ ସ୍ଥାପନା କରିବା ପାଇଁ ସହାୟକ ହେବ। ଏହି ବିଜ୍‌ନେସ୍ ଡ଼େଭେଲପ୍‌ମେଂଟ୍ ୟୁନିଟ୍ ଗୁଡ଼ିକ ମାଲ୍‌ବାହୀ ଟ୍ରେନ୍ ଚଳାଚଳ କରିବା ନିମନ୍ତେ ସେମାନଙ୍କର ପ୍ରସ୍ତାବ ଗୁଡ଼ିକୁ ଅତିଶୀଘ୍ର କାର୍ଯ୍ୟକାରୀ ପାଇଁ ଏକ ନୋଡ଼ାଲ୍ ପଏଂଟ ହିସାବରେ କାର୍ଯ୍ୟ କରିବ ଯାହାଦ୍ୱାରା ଉଭୟ ଗ୍ରାହକ ଓ ରେଳପଥ ଲାଭବାନ ହୋଇପାରିବେ। ଏହି ବିଜ୍‌ନେସ୍ ଡ଼େଭେଲପ୍‌ମେଂଟ୍ ୟୁନିଟ୍ ଗୁଡ଼ିକ ଗ୍ରାହକ ଓ ଶିଳ୍ପ ସଂସ୍ଥାମାନଙ୍କ ସହିତ ବାରମ୍ବାର ଆଲୋଚନା କରିବେ ଏବଂ ବର୍ତମାନ କରାଯାଉଥିବା ସାମଗ୍ରୀର ପରିବହନରେ ରେଳପଥର ଅଂଶୀଦାରୀତାକୁ ମଜଭୁତ୍ କରିବା ସହିତ ବିଭିନ୍ନ ନନ୍-ବଲ୍‌କ ପଣ୍ୟ ପରିବହନରେ ବୃଦ୍ଧି ନିମନ୍ତେ ମାର୍ଗର ଅନୁସନ୍ଧାନ କରିବେ। ଆସୁଥିବା ଯେକୌଣସି ପ୍ରସ୍ତାବକୁ ତୁରନ୍ତ ଅନୁଶୀଳନ କରାଯିବ ଏବଂ ଯଦି ଆବଶ୍ୟକ ହୁଏ ଜୋନାଲ୍ ରେଳପଥ ଓ ରେଲ୍‌ୱେ ବୋର୍ଡ଼ ରୁ ମଧ ତୁରନ୍ତ ସହାୟତା ଲୋଡ଼ାଯିବ। ଏହି ୟୁନିଟ୍ ଭାରତୀୟ ରେଳପଥ ର ୨୦୨୪ ସୁଦ୍ଧା ମାଲ୍ ପରିବହନକୁ ଦୁଇ ଗୁଣିତ କରିବା ଲକ୍ଷ ଉପରେ ଗୁରୁତ୍ୱ ଦେବ।

## ପାଂଚଟି ଜିଲ୍ଲା ବାମପନ୍ଥୀ ହିଂସା ପ୍ରଭାବିତ ଜିଲ୍ଲା ସୂଚୀରୁ ବାଦ

ଭୁବନେଶ୍ୱର,୧୦।୭ (ନି.ପ୍ର): ରାଜ୍ୟର ପାଂଚଟି ଜିଲ୍ଲାକୁ ବାମପନ୍ଥୀ ହିଂସା ପ୍ରଭାବିତ ଜିଲ୍ଲା ସୂଚୀରୁ ବାଦ ଦେବାକୁ ରାଜ୍ୟ ସରକାର ଅନୁମୋଦନ ଦେଉଛନ୍ତି । ଏହି ପାଂଚଟି ଜିଲ୍ଲା ହେଲା ଅନୁଗୁଳ, ବୌଦ୍ଧ, ଦେବଗଡ, ସମ୍ବଲପୁର ବ ନୟାଗଡ । ରାଜ୍ୟ ପୋଲିସ ମହା ନିର୍ଦ୍ଦେଶକ ଅଭୟ ଟ୍ୱିଟ କରି ଏହି ସୂଚନା ଦେଇଛନ୍ତି । ଶ୍ରୀ ଅଭୟ କହିଛନ୍ତି ଯେ ଏହା ଦ୍ୱାରା ରାଜ୍ୟରେ ସୁରକ୍ଷା ସ୍ଥିତି ସୁଧୁରୁଥିବା ପ୍ରମାଣିତ ହେଉଛି। ସମ୍ପୂର୍ଣ୍ଣ ରାଜ୍ୟକୁ ବାମପନ୍ଥୀ ହିଂସା ମୁକ୍ତ କରିବାକୁ ଓଡିଶା ପୋଲିସ ସଂକଳ୍ପବଦ୍ଧ ବୋଲି ସେ ଟ୍ୱିଟରେ କହିଛନ୍ତି । ଉଲ୍ଲେଖନୀୟ ଯେ ଗତ ଏପ୍ରିଲ ୨୦୧୮ରେ ରାଜ୍ୟର ୬ଟି ଜିଲ୍ଲା ଯାଜପୁର, ଢେଙ୍କାନାଳ, କେନ୍ଦୁଝର, ମୟୁରଭଂଜ, ଗଜପତି ଓ ଗଂଜାମକୁ ଏହି ସୂଚୀରୁ ବାଦ ଦିଆ ଯାଇଥିଲା।

# ସରକାର ଜମିକୁ ଚଟଂକତା କରି ହଡପ କରିଛନ୍ତି ହାଉସିଂ ବୋର୍ଡ ସଦସ୍ୟ

## ଜମି ଚିହ୍ନଟ ବେଳେ ତହସିଲଦାରଙ୍କୁ ଘେରାଉ କଲେ ଗ୍ରାମବାସୀ



ନୀଳଗିରି,୧୦।୭ (ନି.ପ୍ର): ନୀଳଗିରି ତହସିଲ ଅଧିନସ୍ଥ ବରହମପୁର ବଜାରଠାରୁ ଅନତି ଦୂରରେ ଥିବା ବାଉଁଶପାଳ ମୌଜା କଲେଜ ଛକଠାରେ ଏକ ସଂରକ୍ଷିତ ଜମିକୁ ହଡପ କରି ନିଜ ନାମରେ ପଟା କରିବା ଯୋଗୁଁ ହରଡ ଘଟଣାରେ ପଡିଛନ୍ତି ଜଣେ ରାଜନୈତିକ ବ୍ୟକ୍ତି ତଥା ହାଇସିଂ ବୋର୍ଡ ସଦସ୍ୟ ଅଶୋକ ସେଠୀ। ନିଜ କୁ ଭୁମିହୀନ ଦର୍ଶାଇ ଦୁଇ ଦୁଇଟି ଜାଗାରେ ୪ ଡିସିମିଲ ଲେଖାଏଁ ସରକାରୀ ଜାଗାକୁ ନିଜ ନାମରେ ପଟ୍ଟା କରାଇ ନେଇଥିଲେ। ଆଜି ପୂର୍ବାହ୍ନରେ ଜାଗାକୁ ଚିହ୍ନଟ ପାଇଁ ନୀଳଗିରି ତହସିଲଦାର ଅଶେଷ କୁମାର ନାୟକ ଯାଇଥିବା ବେଳେ ଖବର ପାଇ ଗ୍ରାମର ମହିଳା ଓ ପୁରୁଷ ମାନେ ତହସିଲଦାରଙ୍କୁ ଘେରାଉ କରିଥିଲେ। ଘଟଣା ସମ୍ପର୍କରେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବେ ବୋଲି ପ୍ରତିଶୃତି ଦେବା ପରେ ଗ୍ରାମାବସୀ ମାନେ ଛାଡିଥିଲେ। ପ୍ରକାଶ ଥାଉକି ଅଶୋକ ଜଣେ ରାଜନୈତିକ ବ୍ୟକ୍ତି ଥିବାର ନିଜର ପ୍ରଭାବରେ ୨୦୦୬ ମସିହାରେ ତତ୍‌କାଳୀନ ବରହମପୁର ଆରଆଇ ପରେଶ ମହାନ୍ତିଙ୍କୁ ହାତବାରିଷି କରି ବାଉଁଶପାଳ ରାଜସ୍ୱ ଗ୍ରାମର ପ୍ଲଟ ନଂ ୪୯୬/ ୨୦୨୧ ଖାତା ନଂ ୬୫୮/୨୩୬ ସଂରକ୍ଷିତ ଜାଗାରେ ନିଜକୁ ଭୂମିହୀନ ଦର୍ଶାଇ ନିଜ ନାମରେ ପଟ୍ଟ କରାଇନେଇଥିଲେ। ଉକ୍ତ ସରକରୀ ଜାଗାରେ ଗ୍ରାମବାସୀଙ୍କ ଦ୍ୱାରା ବିଭିନ୍ନ ମେଳା ,ମହୋତ୍ସବ , ପର୍ବପର୍ବାଣି ପାଳନ କରିଆସୁଥିଲେ। ମାତ୍ର ଶ୍ରୀ ସେଠୀ ଜଣେ ଧନୀ ଶ୍ରେଣୀର ବ୍ୟକ୍ତି ହୋଇଥିବା ବେଳେ ଏବଂ ନିଜର ଏକ ଆଲିସାନ କୋଠାଘର ରହିଛି। ଏପରି ସ୍ଥଳେ ପ୍ରକୃତ ହିତାଧିକାରୀ ଅର୍ଥାତ ଭୁମିହୀନ ମାନଙ୍କୁ ଜାଗା ଖଣ୍ଡେ ମିଳୁନଥିବା ବେଳେ ଏଭଳି ଜଣେ ଧନାଢ୍ୟ ବ୍ୟକ୍ତି କିଭଳି ପଟ୍ଟା ଦିଆଗଲା ସେନେଇ ଅଂଚଳବାସୀ ପ୍ରଶ୍ନ ଉଠାଇଛନ୍ତି। ପୂର୍ବରୁ ଏନେଇ ବରହମପୁର ଆଇଆଇସିଙ୍କ ଠାରେ ଗ୍ରାମବାସୀଙ୍କ ପକ୍ଷରୁ ମଧ ଅଭିଯୋଗ କରାଯାଇଥିବା ଜଣାପଡିଛି।

# ଦରଦାମ ବୃଦ୍ଧିରେ ନୀଳଗିରି କଂଗ୍ରେସର ଗଣ ଧାରଣା



ନୀଳଗିରି,୧୦।୭ (ନି.ପ୍ର): ଦେଶରେ ପେଟ୍ରୋଲ ଡିଜେଲର ଅହେତୁକ ଦରବୃଦ୍ଧି ନେଇ ନୀଳଗିରି କଂଗ୍ରେସର ପୂର୍ବତନ ବିଧାୟକ ଅକ୍ଷୟ କୁମାର ଆଚାର୍ଯ୍ୟଙ୍କ ନେତୃତ୍ୱରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ୭ ଦଫା ଦାବୀ ନେଇ ନୀଳଗିରି ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏକ ଗଣ ଧାରଣା ଦିଆଯାଇଥିଲା। । ବ୍ଲକରେ ବିଡିଓଙ୍କୁ କର୍ମଚାରୀ ମାନେ ମାନୁନଥିବା ବେଳେ ଅସତ ଉପାୟରେ ଅର୍ଥ ଉପାର୍ଜନ କରିବା ସହିତ ଜନସାଧାରଣ ମାନଙ୍କୁ ନାହିଁନଥିବା ହଇରାଣ କରୁଥିବା ଅଭିଯୋଗ କରିଛନ୍ତି। ପ୍ରଧାନମନ୍ତ୍ରୀ ଆବାସରେ ପାତରଅନ୍ତର କରିବା , ରାସନ କାର୍ଡ ଧନୀ ଲୋକଙ୍କୁ ମିଳିବା , ପିଇବା ପାଣି ନମିଳିବା ସହିତ ଧାନର ଏମ.ଏସ.ପି ମୂଲ୍ୟ ବୃଦ୍ଧି କରିବା ସହିତ ଋଣଛାଡ କରିବା ଏବଂ କରୋନା ମହାମାରୀ ଯୋଗୁଁ ଜୀବନ ଜିବାକା ହରାଇଥିବା ଯୁବକ ଯୁବତୀ ମାନଙ୍କୁ କର୍ମ ସଂସ୍ଥାନ ଆଦି ଯୋଗାଇଦେବା ଉଦ୍ଦେଶ୍ୟରେ ଏହି ଧାରଣା ଦିଆଯାଇଥିଲା।

# କୋଭିଡ୍ ଲଢ଼େଇରେ ରେଭେନ୍ସାଭିଆନଙ୍କ ଯୋଗଦାନ

ଭୁବନେଶ୍ୱର,୧୦।୭ (ନି.ପ୍ର): ରାଜ୍ୟର କୋଭିଡ୍-୧୯ ଲଢ଼େଇରେ ୧୯୭୫-୮୧ ବିଜ୍ଞାନ ବିଭାଗ ରେଭେନ୍ସାଭିଆନ୍ ମାନେ ସାମିଲ ହୋଇ ମୁଖ୍ୟ ମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ୧,୧୧,୧୧୧ ଟଙ୍କା ଦାନ କରିଛନ୍ତି । ଆଜି ରାଜ୍ୟ ଲୋକସେବା ଭବନଠାରେ ଏହି ବ୍ୟାଚ୍ ରେଭେନ୍ସାଭିଆନ୍ ତଥା ଅବସରପ୍ରାପ୍ତ ଆଇ.ପି.ଏସ୍ ଶିଶିର କୁମାର ମିଶ୍ର, ପ୍ରଫେସର ରବିନ୍ଦ୍ର ନାଥ ମିଶ୍ର ଏବଂ ଡ଼ଃ ନୃସିଂହ ଚରଣ ବେହେରା ମୁଖ୍ୟ ଶାସନ ସଚିବ ଶ୍ରୀ ଅସିତ୍ ତ୍ରିପାଠୀଙ୍କୁ ଭେଟି ଅବଦାନ ରାଶିର ଡ୍ରାଫ୍ଟ ପ୍ରଦାନ କରିଥିଲେ । ଡ୍ରାଫ୍ଟ ଗ୍ରହଣ କରି ମୁଖ୍ୟ ଶାସନ ସଚିବ ଶ୍ରୀ ତ୍ରିପାଠୀ ରେଭେନ୍ସାଭିଆନ୍ ମାନଙ୍କୁ ସାଧୁବାଦ ଜ୍ଞାପନ କରିବା ସହ ନିଜ ନିଜ ସ୍ତରରେ ସାମାଜିକ ଦୁରତା ଓ ସ୍ୱଚ୍ଛତା ଅନୁପାଳନ ବିଷୟରେ ସଚେତନତା ଜାରି ରଖିବାକୁ ପରାମର୍ଶ ଦେଇଥିଲେ । ଅବସରପ୍ରାପ୍ତ ଆଇ.ପି.ଏସ୍ ଶ୍ରୀ ମିଶ୍ର କହିଥିଲେ ଯେ ସରକାରଙ୍କ ସମୟୋଚିତ ପଦକ୍ଷେପ ଏବଂ ପ୍ରଶାସନିକ ଅଧିକାରୀ ମାନଙ୍କ ନିଷ୍ଠାପର ଉଦ୍ୟମ ଯୋଗୁ ଓଡ଼ିଶା କୋଭିଡ୍ ଲଢ଼େଇରେ ଆଗୁଆ ଅଛି । ଏଥିରେ ଆମେ ସମସ୍ତେ ଆମର ଅବଦାନ ଜାରି ରଖିବୁ ।

## ରାଜ୍ୟରେ ଗତ ୨୪ ଘଂଟା ମଧ୍ୟରେ ୬୪୫୬ କରୋନା ପରୀକ୍ଷଣ

ଭୁବନେଶ୍ୱର,୧୦।୭ (ନି.ପ୍ର): ରାଜ୍ୟରେ ଗତ ୨୪ ଘଂଟା ମଧ୍ୟରେ ୬୪୫୬ କରୋନା ପରୀକ୍ଷଣ ହୋଇଛି । ଆଜି ସୁଦ୍ଧା ରାଜ୍ୟରେ ମୋଟ ୩୨୧୪୪୩ କରୋନା ପରୀକ୍ଷଣ କରା ଯାଇଥିବା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo